# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, January 25/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୬୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 63 ମୂଲ୍ୟ ₹୭/-



DSPL - 577

ଆମ ଓଡ଼ିଶା
ନବୀନ ଓଡ଼ିଶା



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଶୁଭାରମ୍ଭ

ସଚେତନତା କାର୍ଯ୍ୟକ୍ରମ

ରୂପାନ୍ତରିତ
ଓଡ଼ିଶା
ଲୋକକଳା ମାଧ୍ୟମରେ...

୨୫ ଜାନୁୟାରୀ ୨୦୨୪ | ଭୁବନେଶ୍ୱର



OIPR-03029/13/0029/2324

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର



# ମା' ସମଲେଶ୍ୱରୀ ମନ୍ଦିର ପ୍ରକଳ୍ପ



## ପ୍ରକୃତି, ସଂସ୍କୃତି, ପ୍ରଗତିର ସମନ୍ୱୟ ମା' ସମଲେଇ

ପ୍ରକୃତି, ସଂସ୍କୃତି ଓ ପ୍ରଗତି ଏହି ତିନୋଟି ଉପାଦାନର ସମନ୍ୱୟ ହେଉଛନ୍ତି ମା' ସମଲେଶ୍ୱରୀ। ମହାନଦୀ କୂଳେ ସମ୍ଭୂତା ମାତା ସମଲେଶ୍ୱରୀଙ୍କ ମନ୍ଦିର ନିକଟରେ ନିର୍ମିତ ହୋଇଛି ଆଳତି ଘାଟ। ପଶ୍ଚିମ ଓଡ଼ିଶାର ଜୀବନରେଖା ଭାବେ ମହାନଦୀ ବିଶେଷ ସ୍ଥାନ ପାଇଛି। ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଐତିହାସିକ କାବ୍ୟ ତପସ୍ୱିନୀରେ ମହାନଦୀ ସମ୍ବନ୍ଧୀୟ ସେହି ଅମର ପଦ ''ଥାଉ ଗିରୀନ୍ଦ୍ର ସୁତା ସେ ବିଷ୍ଣୁପଦୀ, ତୋ ଦତ୍ତ ଉପାଧିରେ ମୁଁ ମହାନଦୀ''। ମହାନଦୀର ସେହି ପୁରାଣ ପ୍ରସିଦ୍ଧ ଅମ୍ଳାନ ବୈଶିଷ୍ଟ୍ୟତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଦୀ ଆଳତି ପାଇଁ ଏକ ଘାଟ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ଏହାକୁ ବାସ୍ତବ ରୂପ ଦେବା ପାଇଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସ୍ୱତନ୍ତ୍ରଭାବେ ଚେଷ୍ଟିତ ରହି ଆସିଛନ୍ତି।

୨୭ ତାରିଖ ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ନିଜେ ଉପସ୍ଥିତ ରହି ମହାନଦୀ ଆଳତି କରି ମା' ସମଲେଶ୍ୱରୀ ଓ ମହାନଦୀ ପ୍ରତି ନିଜ ଭକ୍ତି ନୈବେଦ୍ୟ ଅର୍ପଣ କରିବେ। ଆଳତି ଦେଖିବା ପାଇଁ ନିର୍ମିତ ହୋଇଥିବା ସ୍ଥାନରେ ପ୍ରାୟ ୨ହଜାର ଲୋକ ଉପସ୍ଥିତ ରହି ମହାନଦୀ ଆଳତିର ଆଧ୍ୟାତ୍ମିକ ଅନୁଭବ ପ୍ରାପ୍ତ ହୋଇପାରିବେ। ଏଥିପାଇଁ ପ୍ରାୟ ସାଢ଼େ ୩ଶହ ମିଟର ବିଶିଷ୍ଟ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ହୋଇଛି। ମହାନଦୀ ଆଳତି ଦର୍ଶନ ପାଇଁ ଏହାକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ସାମିଲ ହେଉଥିବା ଭକ୍ତଙ୍କୁ ଖରା, ବର୍ଷାରୁ ସୁରକ୍ଷା ଦେବା ପାଇଁ ଏଠାରେ ୩୦ ମିଟର୍ ବିଶିଷ୍ଟ ତିନୋଟି ସ୍ଥାୟୀ ଶେଡ୍ ନିର୍ମାଣ ହୋଇଛି।

## ଦେଢ଼ବର୍ଷରେ ରୂପାନ୍ତରଣ

ସମ୍ବଲପୁର ଆରାଧ୍ୟା ଦେବୀ ମାଁ ସମଲେଇଙ୍କ କରୁଣା ଓ ଭାବାବେଗ ସହିତ ଜଡ଼ିତ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ଉତ୍ସୁକତାର ସହ ଆସନ୍ତା ୨୭ ତାରିଖକୁ ଅପେକ୍ଷା କରି ରହିଛନ୍ତି। ଏହି ଦିନ ମା' ସମଲେଇ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ୨୦୨୨ ଜୁଲାଇରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ରୂପାନ୍ତରଣ କାର୍ଯ୍ୟକୁ ଶେଷ ସ୍ପର୍ଶ ଦେବାକୁ ଶିଳ୍ପୀମାନେ ବ୍ୟଗ୍ର ହୋଇ ଉଠିଛନ୍ତି। ମାତ୍ର ଦେଢ଼ ବର୍ଷର ରେକର୍ଡ ସମୟ ମଧ୍ୟରେ ଏହି ରୂପାନ୍ତରଣ କାର୍ଯ୍ୟ ସମ୍ପନ୍ନ ହେବାକୁ ଯାଉଛି। ଏଥିପାଇଁ ସମ୍ବଲପୁରବାସୀ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି ନିର୍ମାଣ କାର୍ଯ୍ୟ। ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟରେ ରାଜ୍ୟର ବିଭିନ୍ନ ପୁରାତନ ମନ୍ଦିର ଭଳି କେବଳ ଓଡ଼ିଶାରେ ଉପଲବ୍ଧ ନାଲି ଖଣ୍ଡୋଲାଇଟ୍ ଶିଳା ବ୍ୟବହୃତ ହୋଇଛି। ଫଳରେ ସମ୍ପୂର୍ଣ୍ଣ ମନ୍ଦିର ପରିସରଟି ପୁରାତନ ପ୍ରସ୍ତର ଯୁଗର ଭାସ୍କର୍ଯ୍ୟକଳା ସହ ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଛି।

## ଆଧ୍ୟାତ୍ମିକ ବିସ୍ମୟର ପ୍ରତୀକ 'ଦୀପଘର'

ଦେବୀ ଆରାଧନାରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। କାହିଁ ଦୂର ଦୂରାନ୍ତରୁ ଭକ୍ତମାନେ ଆସି ମା' ସମଲେଶ୍ୱରୀଙ୍କଠାରେ ଅଖଣ୍ଡ ଦୀପ ଜାଳିଥାନ୍ତି। ସମର୍ପିତମନରେ ମା'ଙ୍କୁ ଦୀପ ଅର୍ପଣ କଲେ ଭକ୍ତଙ୍କ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ପୂର୍ବରୁ ବର୍ଷା ଓ କୋହଲା ପାଗରେ ଏହି ଅଖଣ୍ଡ ଦୀପ ପ୍ରଜ୍ୱଳନ ପାଇଁ ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହି ସମସ୍ୟାର ପୂର୍ଣ୍ଣକାଳୀନ ସମାଧାନ ପାଇଁ ମା'ଙ୍କ ମନ୍ଦିରରେ ନିର୍ମିତ ଏହି ଦୀପ ଘରେ ଏକକାଳୀନ ୬,୦୦୦ ଦୀପ ପ୍ରଜ୍ୱଳିତ ହେଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସେହି ଐତିହାସିକ ନିଷ୍ପତ୍ତି ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇଁ କୋଭିଡ୍-୧୯ ମହାମାରୀ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇ ମଧ୍ୟ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇ ସମଲେଇ ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି।

## ଯଜ୍ଞ, ଚଣ୍ଡୀପାଠରେ ପ୍ରକମ୍ପିତ ହେବ ପୀଠ



ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ଭାବାବେଗର ପ୍ରାଣକେନ୍ଦ୍ର ହେଉଛନ୍ତି ମା' ସମଲେଶ୍ୱରୀ। ସମଗ୍ର ବିଶ୍ୱରେ ଯେଉଁଠି ବି ବସବାସ କରୁଥିଲେ ସୁଦ୍ଧା ପଶ୍ଚିମ ଓଡ଼ିଶାବାସୀ ସଦାସର୍ବଦା ମା' ସମଲେଶ୍ୱରୀଙ୍କ ପ୍ରତି ନିଜ ଭକ୍ତି ଓ ଶ୍ରଦ୍ଧା ଭାବ ଅର୍ପଣ କରିଥାନ୍ତି। ସେହି ଭକ୍ତି ଓ ଶ୍ରଦ୍ଧା ହେଉଛି ସମଲେଇ ପ୍ରକଳ୍ପର ମୂଳ ଉପାଦାନ ଓ ଆଧାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଆଧାରକୁ ହିଁ ସଂକଳ୍ପରୂପେ ଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖରେ ଏହି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରୁ ଯଜ୍ଞ ଓ ଚଣ୍ଡୀ ପାଠରେ ବିଶିଷ୍ଟ ଭାବେ ଯୋଗ୍ୟତା ହାସଲ କରିଥିବା ବ୍ରାହ୍ମଣମାନେ ଆସି ଏହି ଆଧ୍ୟାତ୍ମିକ କାର୍ଯ୍ୟର ଅନୁଷ୍ଠାନ କରିବେ। ମୁଖ୍ୟମଣ୍ଡପ ଓ ଅନ୍ୟ ୪ଟି ମଣ୍ଡପରେ ହୋମଯଜ୍ଞ ହେବ। ମା'ଙ୍କ ଆରାଧନାରେ ସ୍ୱତନ୍ତ୍ର ଭାବେ ଚଣ୍ଡୀପାଠର ମଧ୍ୟ ଅନୁଷ୍ଠାନ ହେବ। ୩୧ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶର ଉନ୍ନତି ବିଶ୍ୱଶାନ୍ତି ମାନବ ଜାତିର କଲ୍ୟାଣ ପାଇଁ ମା' ସମଲେଶ୍ୱରୀଙ୍କ ବିଶେଷ ଆରାଧନା ହେବ। ମା'ଙ୍କର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭାବାବେଗକୁ ବିଶେଷ ଭାବେ ଧ୍ୟାନ ଦିଆଯାଇ ସମଗ୍ର ପଶ୍ଚିମ ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କଠୁ ସିନ୍ଦୂର ଓ ଚୁନେରୀ ସଂଗୃହୀତ ହୋଇ ଗ୍ରାମ ଦେବତୀଙ୍କ ନିକଟରେ ରହିଛି। ଏହି ଭକ୍ତି ନୈବେଦ୍ୟକୁ ସିଧାସଳଖ ମା'ଙ୍କଠାରେ ଲାଗି କରେଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି।



## ପୂଜକଙ୍କ ବିଶ୍ରାମ ଗୃହ

ମା' ସମଲେଶ୍ୱରୀଙ୍କ ପୀଠ ପରିସରରେ ପୂର୍ବ ଦିଗରେ ନିର୍ମାଣ ହୋଇଛି ପ୍ରଶାସନିକ କୋଠା। ଏଠାରେ ମନ୍ଦିର ପ୍ରଶାସନ ପାଇଁ ଅଫିସ କୋଠା ସହ ଅନ୍ୟାନ୍ୟ ବିଭାଗ ରହିବ। ଏହାସହ ଏଠାରେ ମନ୍ଦିରରେ ପୂଜାର୍ଚ୍ଚନାରେ ନିୟୋଜିତ ପୂଜକଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ କରାଯାଇଛି। ଏଥିରେ ପୂଜକ ଓ ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ଶୌଚାଳୟ, ପାନୀୟ ଜଳର ସୁବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ଏଠାରେ ମନ୍ଦିର ପରିସରରେ ଦୋକାନ କରିଥିବା ପୂଜକ ପରିବାରଙ୍କ ପାଇଁ ପୂଜା ସାମଗ୍ରୀ ଓ ଭୋଗ ବିକ୍ରୟ ସକାଶେ ଷ୍ଟଲ୍ ମଧ୍ୟ ରହିବ।

## ବିନୋଦନ ପାଇଁ ପୁଷ୍କରିଣୀ

ମାଁ ସମଲେଇଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅବସର ବିନୋଦନ ପାଇଁ ମନ୍ଦିର ପରିସରରେ ଥିବା ଢ଼ୁଡ଼ାଖାଇ ପୋଖରୀକୁ ବିକଶିତ କରାଯାଇଛି। ୩୦ ମିଟର ଲମ୍ବ ଓ ୨୦ ଫୁଟ୍ ଓସାରବିଶିଷ୍ଟ ଏହି ପୁଷ୍କରିଣୀରେ ଶିଶୁଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ଟି ପେଡେଲ ଥିବା ଡଙ୍ଗା ରହିଛି। ଏଥିରେ ଶିଶୁମାନେ ପୁଷ୍କରିଣୀ ଜଳରେ ବିଚରଣ କରି ପେଡାଲ୍ ଡଙ୍ଗାଚାଳନାକୁ ଉପଭୋଗ କରି ପାରିବେ। ସେହିପରି ପୋଖରି ହିଡ଼ରୁ ମଧ୍ୟସ୍ଥଳକୁ ଯିବା ପାଇଁ ପ୍ରାୟ ୧୦ ମିଟର ବିଶିଷ୍ଟ ଏକ ବାଡ଼ ଦିଆ ଟେରାସ୍ ନିର୍ମାଣ ସହ ମଧ୍ୟସ୍ଥଳରେ ବସିବାର ବ୍ୟବସ୍ଥା ହୋଇଛି। ଏଥିରେ ପର୍ଯ୍ୟଟକମାନେ ପୁଷ୍କରିଣୀର ମଧ୍ୟସ୍ଥଳକୁ ଯାଇ ଏଠାରେ ବସି ପୁଷ୍କରିଣୀରେ ଚାଲୁଥିବା ଡଙ୍ଗାରେ ନିଜ ଶିଶୁମାନଙ୍କୁ ନିରୀକ୍ଷଣ କରି ପାରିବେ। ଏହାବ୍ୟତୀତ ଏହାର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ ଗଛ ରୋପଣ କରାଯାଇ ଏକ ମିନି ପାର୍କର ରୂପ ଦିଆଯାଇଛି।





## ସମଲେଶ୍ୱରୀ ପୀଠରୁ...

### ଅର୍ଥନୈତିକ ବିକାଶର ନୂତନ ଅବସର



ରାଜ୍ୟ ସରକାରଙ୍କ ଉଦ୍ୟମ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅକୁଣ୍ଠ ସହଯୋଗ ଫଳରେ ମା' ସମଲେଇ ପୀଠର ରୂପାନ୍ତରଣ ପ୍ରକଳ୍ପ ବାସ୍ତବ ରୂପ ନେଇପାରିଛି। ଏହାଦ୍ୱାରା କେବଳ ପର୍ଯ୍ୟଟନର ବିକାଶ ହୋଇଛି ତାହା ନୁହେଁ, ଏହି ଅଞ୍ଚଳର ଅର୍ଥନୈତିକ ବିକାଶର ନୂତନ ଅବସର ଖୋଲିପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧନ୍ୟବାଦର ପାତ୍ର।

– ନୀକିତା ମିଶ୍ର, ଶ୍ରଦ୍ଧାଳୁ, ସମ୍ବଲପୁର

### ସମଲେଶ୍ୱରୀଙ୍କ ପ୍ରଚାରପ୍ରସାର କରିବା ଏକ ଆଶୀର୍ବାଦ



ସମଲେଇ ପ୍ରକଳ୍ପ ଅବସରରେ ମା' ସମଲେଶ୍ୱରୀଙ୍କ ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟିତ୍ୱ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ମା'ଙ୍କ ଶ୍ରୀଚରଣେ ଆସି ଏହି କାର୍ଯ୍ୟକ୍ରମ କରିବାର ସୁଯୋଗ ପାଇବା ଏକ ସଂଯୋଗ ନୁହେଁ ବରଂ ଏକ ଆଶୀର୍ବାଦ। ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରେ ମା' ସମଲେଇ ପ୍ରକଳ୍ପ ପରିକଳ୍ପନାର ସଫଳ ରୂପାୟନ ରାଜ୍ୟ ପାଇଁ ଏକ ଗର୍ବର ବିଷୟ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଉଛି।

– ଶାଶ୍ୱତ ଜୋଷୀ, ନୃତ୍ୟଶିଳ୍ପୀ

### ପରିକଳ୍ପନାକୁ ବାସ୍ତବ ରୂପ ଦିଆଯାଇଛି



ମା' ସମଲେଇ ସମଗ୍ର ପଶ୍ଚିମ ଓଡ଼ିଶା ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡବାସୀଙ୍କ ଆରାଧ୍ୟ ଦେବୀ। ମା'ଙ୍କ କରୁଣା ସମସ୍ତଙ୍କ ଭାବାବେଗ ସହିତ ଜଡ଼ିତ। ମାତା ସମଲେଶ୍ୱରୀଙ୍କ ଭଳି ଓଡ଼ିଶାର ଜୀବନରେଖା ମହାନଦୀ ମଧ୍ୟ ଆମ ସମସ୍ତଙ୍କ ମାତା। ତେଣୁ ସମଲେଇ ପ୍ରକଳ୍ପରେ ଉଭୟ ମାତାଙ୍କୁ ଏକାଠି କରିବାର ପ୍ରୟାସ ସ୍ୱରୂପ ମହାନଦୀ ଆଳତିର ପରିକଳ୍ପନାକୁ ବାସ୍ତବ ରୂପ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମାର୍ଗଦର୍ଶନରେ ସମଗ୍ର ସମଲେଇ ପ୍ରକଳ୍ପକୁ ସ୍ଥାନୀୟ କଳା ସଂସ୍କୃତିରେ ରୂପାୟିତ କରାଯାଇଛି। ଏହି ପ୍ରକଳ୍ପରେ ମନ୍ଦିର ପରିସରସ୍ଥିତ ସବୁଜିମାକୁ ଅକ୍ଷୁଣ୍ଣ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

– ଜେ.କେ. ଦାଶ, ଓବିସିସି ପରିଚାଳନା ନିର୍ଦ୍ଦେଶକ

## ମହାନଦୀ ଆଳତିସ୍ଥଳକୁ ସଂଯୋଗ କରୁଛି ଫୁଟ୍ ଓଭରବ୍ରିଜ୍



କାଶୀରେ ଗଙ୍ଗା ଆଳତି ଓ ପୁରୀରେ ମହୋଦଧି ଆଳତି ସଦୃଶ ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ସଂଲଗ୍ନ ମହାନଦୀ ଘାଟରେ ମହାନଦୀ ଆଳତି ଆୟୋଜିତ ହେବ। ଏଥିପାଇଁ ମନ୍ଦିରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣାଧୀନ ରହିଛି। ଏଥିମଧ୍ୟରେ ମା'ଙ୍କ ପୀଠ ପରିସରରୁ ରାସ୍ତା ଅପରପାର୍ଶ୍ୱରେ ମହାନଦୀ ଘାଟରେ ଆଳତୀ ସ୍ଥଳକୁ ସିଧାସଳଖ ସଂଯୋଗ ପ୍ରାୟ ୭ମିଟର ଉଚ୍ଚ, ୯ମିଟର ଚଉଡ଼ା ଓ ୨୦ମିଟର ଲମ୍ବ ବିଶିଷ୍ଟ ଏକ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣାଧୀନ ରହିଛି। ଏଥିରେ ଭିନ୍ନକ୍ଷମଙ୍କ ପାଇଁ ଲିଫ୍ଟର ବ୍ୟବସ୍ଥା ସହ ହୁଇଲ୍ ଚେୟାରର ମଧ୍ୟ ସୁବିଧା ରହିବ। ଏହାଦ୍ୱାରା ରିଂରୋଡ଼ରେ ଯାତାୟାତ କରୁଥିବା ଯାନବାହନ ଆଳତିରେ ସାମିଲ ହେବାକୁ ଆସିଥିବା ଭକ୍ତଙ୍କ ପାଇଁ କୌଣସି ବାଧକ ସୃଷ୍ଟି କରିପାରିବ ନାହିଁ ବା ରିଂରୋଡ଼ରେ ସମ୍ଭାବ୍ୟ ଟ୍ରାଫିକ୍ ଜାମ ସମସ୍ୟାକୁ ମଧ୍ୟ ପ୍ରଶମିତ କରିବ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ | Bhubaneswar, Thursday, January 25/2024 | ପୃଷ୍ଠା-୧





**ସୂର୍ଯ୍ୟକୁମାର ପ୍ଲେୟର ଅଫ୍ ଦି ଇୟର**

ଆଇସିସି ଟି୨୦ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ। **୧୪**

**୧୨** **ଅଧୁରା ରହିଗଲା ଆଶା**

ଅଭିନେତ୍ରୀ ଜାହ୍ନବୀ କପୁର ପାଠପଢ଼ି ଡାକ୍ତର ହେବେ ବୋଲି ତାଙ୍କ ମା' ଶ୍ରୀଦେବୀ ଆଶା ରଖିଥିଲେ। ତାହା ଅଧୁରା ରହିଗଲା ବୋଲି କହିଛନ୍ତି ଜାହ୍ନବୀ।






ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ଫୁଲଡ୍ରେସ୍ ପରେଡ୍ ଅଭ୍ୟାସରେ ସାମିଲ ହୋଇଥିବା ସାହିଯାତ ନୃତ୍ୟ। **(ଫଟୋ– ବିକାଶ ନାୟକ)**

# ଝିଅ ସଂଖ୍ୟା: ୬ ଜିଲା ସ୍ଥିତି ଚିନ୍ତାଜନକ

**ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି। ଏହା ଆଗକୁ ଏକ ଗୁରୁତର ସାମାଜିକ ସମସ୍ୟା ଭାବେ ଉଭାହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ୬ ଜିଲାରେ ସ୍ଥିତି ଚିନ୍ତାଜନକ ରହିଛି। ୧୦୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ନୟାଗଡ଼ ଜିଲାରେ ୮୧୧ ରହିଛି, ଯାହାକି ରାଜ୍ୟରେ ସବୁଠୁ କମ୍।**

**ଭୁବନେଶ୍ୱର, ୨୪।୧ (ଅସମାପିକା ସାହୁ)**

ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବୁଧବାର ଆୟୋଜିତ 'ଜାତୀୟ କନ୍ୟା ସନ୍ତାନ ଦିବସ' ପାଳନ ଅବସରରେ ଝିଅ ସଂଖ୍ୟା ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଲିଙ୍ଗଗତ ହାରରେ ସନ୍ତୁଳନତା ଅତ୍ୟନ୍ତ ଜରୁରୀ ରହିଛି। କିନ୍ତୁ ସାମ୍ପଲ ରେଜିଷ୍ଟ୍ରେଶନ ସିଷ୍ଟମ(ଏସ୍‌ଆର୍‌ଏସ୍) ତଥ୍ୟକୁ ଦେଖିଲେ ୨୦୧୮-୨୦ ମସିହାରେ ରାଜ୍ୟରେ ପ୍ରତି ୧୦୦୦ ପୁଅରେ ୯୨୫ ଝିଅ ଜନ୍ମ ହୋଇଛନ୍ତି। ୨୦୧୬-୧୮ରେ ଏହି ଅନୁପାତ ଥିଲା ୯୪୮। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି, ଆଜିର ସମାଜରେ କନ୍ୟାଟିଏ ବିଭିନ୍ନ ସମସ୍ୟା ତଥା ଆହ୍ୱାନର ସମ୍ମୁଖୀନ ହେଉଛି। ଝିଅ ପୁଅଙ୍କ ମଧ୍ୟରେ ଭେଦଭାବ, ପୁତ୍ର ସନ୍ତାନ ପ୍ରତି ପ୍ରାଧାନ୍ୟ, ପାରିବାରିକ ଲିଙ୍ଗଗତ ହିଂସା, ଯୌନ ଉତ୍ପୀଡ଼ନ, ବାଲ୍ୟବିବାହ, ଯୌତୁକ ପ୍ରଥା, ଶିକ୍ଷା ଏବଂ ସ୍ୱାସ୍ଥ୍ୟରୁ ବଞ୍ଚିତ ହେବା, କର୍ମକ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ନ ମିଳିବା, ଲିଙ୍ଗ ଚୟନ ଏବଂ ଲିଙ୍ଗ ନିରୂପଣ କରି କନ୍ୟାଭ୍ରୂଣ ହତ୍ୟା କରିବା, ସମାଜରେ ନିମ୍ନ ସାମାଜିକ ସ୍ଥିତି ପ୍ରମୁଖ ସମସ୍ୟା ଭାବେ ଉଭା ହେଉଛି। ଏହି ସମସ୍ୟାଗୁଡ଼ିକ ପ୍ରତି ଆଲୋଚନାକରି ତାହାର ସମାଧାନ ଦିଗରେ ସମସ୍ତେ ଉଦ୍ୟମ କରିବା ଜରୁରୀ। ବିଭାଗ ପ୍ରତ୍ୟେକ ସ୍ତରରେ କନ୍ୟା ଓ ମହିଳାଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ତା'ମଧ୍ୟରେ ପ୍ରଜନନ ସ୍ୱାସ୍ଥ୍ୟ, ମାତୃ ଏବଂ ଶିଶୁସ୍ୱାସ୍ଥ୍ୟ, ଟିକାକରଣ, କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଉପଯୁକ୍ତ ପୁଷ୍ଟିସାଧନ ପାଇଁ ଆର୍‌ଏନ୍‌ସିଏଚ୍‌ଏନ୍ କାର୍ଯ୍ୟକ୍ରମ ଜାରି ରହିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

ଏହି ଅବସରରେ ଲିଙ୍ଗଗତ ଅନୁପାତ ଆଧାରରେ ଅନ୍ୟ ଜିଲାଠାରୁ ଝିଅ ସଂଖ୍ୟା ଅଧିକ ଥିବା କନ୍ଧମାଳ ଜିଲାକୁ ପ୍ରଥମ, ମାଲକାନଗିରିକୁ ଦ୍ୱିତୀୟ, ମୟୂରଭଞ୍ଜ ଜିଲାକୁ ତୃତୀୟ, ନବରଙ୍ଗପୁର ଜିଲାକୁ ଚତୁର୍ଥ, ସମ୍ବଲପୁର ଜିଲାକୁ ପଞ୍ଚମ ପୁରସ୍କାର ଦିଆଯାଇଥିଲା। ପ୍ରତି ୧ ହଜାର ପୁଅରେ କନ୍ଧମାଳ ଜିଲାରେ ୯୮୪ କନ୍ୟା ଥିବାବେଳେ ମାଲକାନଗିରି ଜିଲାରେ ୯୮୨, ମୟୂରଭଞ୍ଜ ଜିଲାରେ ୯୮୧, ନବରଙ୍ଗପୁର ଜିଲାରେ ୯୬୪, ସମ୍ବଲପୁର ଜିଲାରେ ୯୬୩ କନ୍ୟା ସନ୍ତାନ ରହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ ଡା. ସ୍ନେହଲତା ସାହୁ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**୧୦୦୦ ପୁଅରେ ଝିଅ ସଂଖ୍ୟା**

- ନୟାଗଡ଼-୮୧୧
- ଢେଙ୍କାନାଳ-୮୫୬
- ସୁବର୍ଣ୍ଣପୁର-୮୮୦
- ଅନୁଗୋଳ-୮୮୫
- ଜଗତ୍‌ସିଂହପୁର-୮୯୭
- କେନ୍ଦ୍ରାପଡ଼ା-୮୯୮

# 'ଇଣ୍ଡିଆ'କୁ ଡବଲ ଝଟକା

## କଂଗ୍ରେସ ସହ ମେଣ୍ଟ କରିବେନି ପଶ୍ଚିମବଙ୍ଗର ଟିଏମ୍‌ସି, ପଞ୍ଜାବର ଏଏପି

**କୋଲକାତା/ଚଣ୍ଡିଗଡ଼, ୨୪।୧**

କଂଗ୍ରେସ ସହ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମେଣ୍ଟ କରିବ ନାହିଁ। ବୁଧବାର ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବ ବୋଲି ସ୍ପଷ୍ଟ କରିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ମଧ୍ୟ ତାଙ୍କ ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିବାକୁ ମନା କରିଦେଇଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପାଇଁ ଏହା ହେଉଛି ଗୋଟିଏ ଦିନରେ ଡବଲ ଝଟକା। ୨୮ ଦଳକୁ ନେଇ ଗଠିତ ଇଣ୍ଡିଆ ବ୍ଲକ୍‌ରେ ସିପିଆଇଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ, କଂଗ୍ରେସ ଏବଂ ଟିଏମ୍‌ସି ରହିଛନ୍ତି। କୋଲକାତାରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ଆସନ ବୁଝାମଣା ପାଇଁ କଂଗ୍ରେସକୁ ଏକ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେମାନେ ଏହାକୁ ଗ୍ରହଣ କରିନାହାନ୍ତି। ତେଣୁ ଆମ ଦଳ ପଶ୍ଚିମବଙ୍ଗରେ ଏକୁଟିଆ ଲଢ଼ିବା ପାଇଁ ନିଷ୍ପତ୍ତି



ମମତା ବାନାର୍ଜୀ



ଭଗଓ୍ୱନ୍ତ ମାନ୍

ନେଇଛି। ଆସନ ବୁଝାମଣା ନେଇ କଂଗ୍ରେସ ସହ ବର୍ତ୍ତମାନ କୌଣସି ଆଲୋଚନା ଚାଲିନାହିଁ। କଂଗ୍ରେସ ସହିତ ପଶ୍ଚିମବଙ୍ଗରେ କୌଣସି ସମ୍ପର୍କ ନ ରଖିବା ପାଇଁ ଆମେ ସ୍ଥିର କରିଛୁ। ସୂତ୍ରରୁ ଜଣାପଡ଼ିଛି ଯେ, ୨୦୧୯ରେ କଂଗ୍ରେସର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଟିଏମ୍‌ସି ସର୍ବପୁରାତନ ଦଳକୁ ଆଗାମୀ ନିର୍ବାଚନରେ ୨ଟି ଲୋକ ସଭା ଆସନ ଛାଡ଼ିବା ନେଇ ପ୍ରସ୍ତାବ ଦେଇଥିଲା। କିନ୍ତୁ ଅଧିକ ଆସନ ଦାବି କରୁଥିବା କଂଗ୍ରେସ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲା।

ମମତା ଆହୁରି କହିଛନ୍ତି, କଂଗ୍ରେସକୁ ଏହାର ୩୦୦ ଆସନରେ ଲଢ଼ିବାକୁ ଦିଆଯାଉ। ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହୋଇ ଅବଶିଷ୍ଟ ଆସନରେ ଲଢ଼ିବା ପାଇଁ ସକ୍ଷମ। ତେବେ ☞ପୃଷ୍ଠା-୨

> ❝ ପଶ୍ଚିମବଙ୍ଗରେ ସିପିଆଇଏମ୍‌କୁ ଅଧିକ ଗୁରୁତ୍ୱ ଦେଇ କଂଗ୍ରେସ ଅଯୌକ୍ତିକ ଦାବି କରୁଥିଲା **-ଟିଏମ୍‌ସି**
>
> ❝ ଲୋକ ସଭା ନିର୍ବାଚନରେ ଆସନ ପାଇଁ ଟିଏମ୍‌ସି ଆଗରେ ଭିକ୍ଷା ମାଗିବୁ ନାହିଁ।
> **-ଅଧୀର ରଞ୍ଜନ ଚୌଧୁରୀ, ପଶ୍ଚିମବଙ୍ଗ ପିସିସି ସଭାପତି**
>
> ❝ ଟିଏମ୍‌ସି ବିରୋଧୀ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ମମତା ବାନାର୍ଜୀଙ୍କୁ ବାଦ୍ ଦେଇ 'ଇଣ୍ଡିଆ'ର ପରିକଳ୍ପନା କରାଯାଇ ନ ପାରେ।
> **-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**
>
> ❝ ଇଣ୍ଡିଆ ବ୍ଲକ୍ ଏକ ସୁବିଧାବାଦୀ ମେଣ୍ଟ, ଯାହାକି ଟିଏମ୍‌ସିର 'ଏକଲା ଚଲୋ' ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ଏହି ମେଣ୍ଟକୁ ନେଇ ଭାଜପା ଆଦୌ ଚିନ୍ତିତ ନୁହେଁ।
> **-ସୁକାନ୍ତ ମଜୁମଦାର, ପଶ୍ଚିମବଙ୍ଗ ଭାଜପା ସଭାପତି**

# ଯାତ୍ରାପାର୍ଟି ଟ୍ରକ୍ ଓଲଟି ୬ ମୃତ

**୧୧ ଗୁରୁତର, ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା**

**ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ) ୨୪।୧**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଧଉଳି ଗଣନାଟ୍ୟର କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ (ଓଆର୍୦୪ଇ -୭୪୭୩) ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଖସିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ଜଣ ଗୁରୁତର ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତ ବ୍ୟକ୍ତିମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତକ ହେଲେ କଟକ ଜିଲା ଜଉମରାର ଅଶୋକ ମଲ୍ଲିକ(୪୫), ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଭୁଡୁରବଣୀ ଗ୍ରାମର ଝାଡ଼େଶ୍ୱର ମାର୍ଣ୍ଡି(୫୦) ☞ପୃଷ୍ଠା-୨

# ସଞ୍ଜୀବ ପଣ୍ଡା ନୂଆ ପୋଲିସ କମିଶନର

- ସୌମେନ୍ଦ୍ର ଗୋଇନ୍ଦା ନିର୍ଦ୍ଦେଶକ
- କନଓ୍ୱର ବିଶାଲ ସିଂ କଟକ ଡିସିପି
- ବଦଳିଲେ ୬ ଜିଲାର ଏସ୍‌ପି

**ଭୁବନେଶ୍ୱର, ୨୪।୧ (ଅନିଲ ଦାସ)**

ରାଜ୍ୟ ସରକାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ସମେତ ୬ ଜିଲାର ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ନୂଆ ପୋଲିସ୍ କମିଶନର ☞ପୃଷ୍ଠା-୨



ସଞ୍ଜୀବ ପଣ୍ଡା

**ଆଜିର ସମ୍ପାଦକୀୟ** | **ଗଛର ଐଶ୍ୱରିକ କାହାଣୀ**

# ଓଡ଼ିଶାରେ ବିଶ୍ୱର ପ୍ରଥମ କଳାବାଘ ସଫାରି

**ଭୁବନେଶ୍ୱର, ୨୪।୧ (ଅସମାପିକା ସାହୁ)**

ରାଜ୍ୟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ହେବ। ମେଲାନିଷ୍ଟିକ ବାଘ ସଫାରି କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ପର୍ଯ୍ୟଟକ ଓ ଦର୍ଶକମାନେ ଏହି ବିରଳ ପ୍ରଜାତିର ବାଘମାନଙ୍କୁ ଦେଖିବାର ସୁଯୋଗ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲାର ବାରିପଦା ସହର ନିକଟରେ ଏହି ସଫାରି ନିର୍ମାଣ ହେବ। ଏଥିପାଇଁ ଜାତୀୟ ରାଜପଥ-୧୮କୁ ଲାଗି ୨୦୦ ହେକ୍ଟର ପରିମିତ ଏକ ଜମି ଚିହ୍ନଟ କରାଯାଇଛି। ୨୦୦ ହେକ୍ଟରରୁ ୧୦୦ ହେକ୍ଟରରେ ହେବ ବାଘ ରହଣି ସ୍ଥଳ। ବାକି ୧୦୦ ହେକ୍ଟରରେ ପାର୍କିଂ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବ। ସ୍ୱାସ୍ଥ୍ୟ କେନ୍ଦ୍ରଟି ବିଶ୍ୱସ୍ତରୀୟ ବ୍ୟାଘ୍ର ଚିକିତ୍ସା କେନ୍ଦ୍ର ହେବ। ଏହି




ସଫାରିଟି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପଠାରୁ ୧୫ କିମି ଦୂର। ପ୍ରାଥମିକ ଭାବେ ନନ୍ଦନକାନନରେ ଥିବା ୩ଟି କଳା ବାଘ ଓ ଗୋଟିଏ ଧଳା ବାଘଙ୍କୁ ଏହି ସଫାରିକୁ ଅଣାଯିବ। ଏହାଛଡ଼ା ଚିଡ଼ିଆଖାନାରେ ଥିବା ଉଦ୍ଧାର ବାଘ, ଯେଉଁମାନେ ବଣୁଆ ପ୍ରକୃତି ହରାଇଛନ୍ତି, ସେମାନଙ୍କୁ ଏହି ସଫାରିରେ ଛଡ଼ାଯିବ। ଆସନ୍ତା ଅକ୍ଟୋବରରୁ ପର୍ଯ୍ୟଟକ କଳାବାଘ ସଫାରିକୁ ଯାଇପାରିବେ ବୋଲି ବନ ବିଭାଗ ଆଶା ରଖିଛି।

ଉଲ୍ଲେଖଯୋଗ୍ୟ, ବିଶ୍ୱରେ ଶିମିଳିପାଳ ହେଉଛି କଳାବାଘ ରହୁଥିବା ଏକମାତ୍ର ଜଙ୍ଗଲ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ)ର ଗତ ବ୍ୟାଘ୍ର ଗଣନା ରିପୋର୍ଟ ଅନୁସାରେ, ଏକାଧିକ କଳା ବାଘ କେବଳ ଶିମିଳପାଳ ବ୍ୟାଘ୍ର ପ୍ରକଳ୍ପରେ ଦେଖାଯାଇଛି। ତେଣୁ ବାଘ ସଫାରି କରିବା ପାଇଁ ଏନ୍‌ଟିସିଏ ଓଡ଼ିଶାକୁ ଅନୁମତି ଦେଇଛି। ପୂର୍ବରୁ ରାଜ୍ୟ ସରକାର ଏନ୍‌ଟିସିଏ ପାଖରେ ଏନେଇ ପ୍ରସ୍ତାବ ରଖିଥିଲେ। ପରେ ଏନ୍‌ଟିସିଏର ଏକ ବୈଷୟିକ ଟିମ୍ ଚିହ୍ନଟ ହୋଇଥିବା ସ୍ଥାନକୁ ଆସି ଅନୁଧ୍ୟାନ କରିବା ପରେ କର୍ତ୍ତୃପକ୍ଷ ଚୂଡ଼ାନ୍ତ ଅନୁମତି ଦେଇଥିଲା। ଏଥିସହିତ ସିଜେଡ୍‌ଏ ଅନୁମତି ମଧ୍ୟ ମିଳିଥିବା ବିଭାଗ ଦର୍ଶାଇଛି।




ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ

-ଦେବାଭିଷେକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମହୋଦଧି ଆରତୀ, ଗୁରୁ ପୂର୍ଣ୍ଣିମା, ଚନ୍ଦ୍ରପୂଜା ଓ ଉପବାସ



# ଗଛର ଐଶ୍ୱରିକ କାହାଣୀ



ଦେବଦତ୍ତ ପଟ୍ଟନାୟକ

ନବରାତ୍ରି ସମୟରେ ଏବଂ ଗୌରୀପୂଜା ଓ ତେଜ ଭଳି ଅନ୍ୟ ଦେବୀକେନ୍ଦ୍ରିକ ପର୍ବରେ ମହିଳାମାନେ ଅଧିକ ପୁଷ୍ଟିକାରକ ତଥା ଔଷଧୀୟ ଗଛ ଭାବେ ଦେବୀଙ୍କୁ ପୂଜା କରୁଥିଲେ। ଏହିସବୁ ଗଛ ହେଲା କଦଳୀ, ନଡ଼ିଆ, ଆମ୍ବ, କଦଳୀ, ଧାନ, ବେଲ, ଅଶୋକା, ଅପରାଜିତା ଏବଂ ଜୟନ୍ତୀ। ଏଗୁଡ଼ିକ ଦେବୀଙ୍କର ନଅ ପ୍ରକାର ସ୍ୱରୂପ (ନବଦୁର୍ଗା)। ଏମାନେ ଆମକୁ ଖାଇବାକୁ ଦିଅନ୍ତି, ସୁନ୍ଦର କରି ଗଢ଼ନ୍ତି ଏବଂ ସୁସ୍ଥ ରଖନ୍ତି। କିନ୍ତୁ ଆମେ ପ୍ରକୃତି ଓ ଉଦ୍ଭିଦ ସହିତ ସେହି ସଂଯୋଗ ହରାଇଛୁ। ଆମେ ଏହି ଜୈବିକ ସ୍ୱରୂପ ବଦଳରେ ଦେବୀଙ୍କ ପଥର, ଧାତୁ, ପ୍ଲାଷ୍ଟିକ ଏବଂ ପ୍ଲାଷ୍ଟର ପ୍ୟାରିସ ରୂପକୁ ଆପଣାଇ ନେଇଛୁ। ଏହି କାରଣରୁ ବୃକ୍ଷ ଉପରେ ଗୁରୁତ୍ୱ ନ ଦେଇ ବିକାଶ ନାମରେ ରାସ୍ତା, କୋଠା ଏବଂ କାରଖାନା, ଏପରିକି ମନ୍ଦିର ପାଇଁ ରାସ୍ତା ତିଆରି କରିବାକୁ ହଜାର ହଜାର ଗଛ କାଟିବା ଭଳି ଅଭ୍ୟାସକୁ ସାମାଜିକ ସ୍ତରରେ ଗ୍ରହଣ କରିଛୁ। ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ତଥା ମଣିଷ ଶୁଣି ପାରୁ ନ ଥିବା ଅଲ୍ଟ୍ରାସୋନିକ ଫ୍ରିକ୍ୱେନ୍ସି ବା ତରଙ୍ଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏହି ତରଙ୍ଗ ବୃକ୍ଷରୁ ସୃଷ୍ଟି ହୋଇଥାଏ। ଯେଉଁ ସମୟରେ ସାରା ଭାରତ ପବିତ୍ର ଗଛରେ ପରିପୂର୍ଣ୍ଣ ଥିଲା, ସେହି ସମୟରୁ ଆମେ ବହୁ ଦୂର ପଥ ଅତିକ୍ରମ କରିଆସିଲୁଣି। ଏହି ପବିତ୍ର ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳ କିମ୍ବା ଜାଳେଣି କାଠ ସଂଗ୍ରହ ପାଇଁ କାହାକୁ ଅନୁମତି ଦିଆଯାଇ ନ ଥିଲା। ଏଗୁଡ଼ିକ ଥିଲା ଭାରତର ମୂଳ ମନ୍ଦିର। ହେଲେ ବର୍ତ୍ତମାନ ସମସ୍ତେ ତାହା ଭୁଲିଯାଇଛନ୍ତି। ହରପ୍ପା ସଭ୍ୟତାରୁ ମିଳିଥିବା ସିଲ୍ ବା ମୋହର ସ୍ପଷ୍ଟ ଭାବରେ ସୂଚିତ କରେ ଯେ, ସେ ସମୟରେ ଉଦ୍ଭିଦଗୁଡ଼ିକୁ ପୂଜା କରାଯାଉଥିଲା। ସେତେବେଳର ମୁଦ୍ରାଗୁଡ଼ିକରେ ପୁରୁଷମାନେ ନୈବେଦ୍ୟ ଏବଂ ମହିଳାମାନେ ଏକ ଗଛରୁ ବାହାରିଥିବା ଦେବୀଙ୍କ ଚାରିପାଖରେ ନାଚୁଥିବା ଦେଖାଯାଏ। ଏହି ଦେବୀଙ୍କୁ କ'ଣ କୁହାଯାଏ ତାହା ଆମେ ଜାଣୁ ନାହିଁ। ତେବେ ସେ ଉଦ୍ଭିଦମାନଙ୍କର ଦେବୀ ଶାକମ୍ଭରୀଙ୍କର ପ୍ରାରମ୍ଭିକ ରୂପ ଥିଲେ କି?

ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳ (ଡେକାନ୍ ରିଜିଅନ)ରେ, ପ୍ରତ୍ନତତ୍ତ୍ୱବିତ୍‌ମାନ ହାତଗୋଡ଼ ଲମ୍ବାଇ ତଳେ ପଡ଼ିଥିବା ନାମହୀନ ଦେବୀଙ୍କ ଚିତ୍ର ପାଇଛନ୍ତି। ସେହି ଦେବୀଙ୍କ ମୁଣ୍ଡ ଜାଗାରେ ପଦ୍ମଫୁଲ ରହିଛି। ଏକ ପ୍ରାକ୍ ବୈଦିକ ଦେବୀଙ୍କୁ ମଧ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଥିଲେ। ଏହି ଶାନ୍ତ ତଥା ନମ୍ର ମା'ଙ୍କୁ ସେମାନେ ଲଜ୍ଜାଗୌରୀ ନାମରେ ନାମିତ କରିଥିଲେ। ପ୍ରାଚୀନ ପ୍ରଜନନ ରୀତିନୀତିରେ ଏହାର ଭୂମିକା ନିଃସନ୍ଦେହ। ବଙ୍ଗାଳୀ ବିବାହ ସମାରୋହ ଏବଂ ଉତ୍ପାଦକ ପର୍ବ ସମୟରେ ଲାଲ ରଙ୍ଗରେ ରଙ୍ଗାୟିତ ବଙ୍ଗଳା ସ୍ୱସ୍ତିକ ଜଣେ ମହିଳା ହାତଗୋଡ଼ ଖୋଲା ରଖିଥିବା ଦେଖାଯାଏ, ଯାହାଙ୍କର ସେହି ପ୍ରାଚୀନ ଲଜ୍ଜାଗୌରୀଙ୍କ ସହ ସାମଞ୍ଜସ୍ୟ ରହିଛି। ।



ଆମମାନଙ୍କ ପାଖରେ ଥିବା ବୈଦିକ ଶାସ୍ତ୍ରଗୁଡ଼ିକରେ ବିଶେଷକରି ଉଦ୍ଭିଦଜାତ ପାନୀୟ (ସୋମ) ପ୍ରସ୍ତୁତି ଏବଂ ଦେବତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣିର ସ୍ତୋତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଛି। ଋକ୍‌ବେଦର ୫୦%ରୁ ଊର୍ଦ୍ଧ୍ୱ ସ୍ତୋତ୍ର ୩ଟି ବିଷୟ ସୋମ, ଇନ୍ଦ୍ର (ଯାହାଙ୍କୁ ସୋମରସ ଦିଆଯାଏ) ଓ ଅଗ୍ନି (ଦେବତାଙ୍କ ମୁଖ) ପାଇଁ ସମର୍ପିତ। ଋକ୍‌ବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ପୂରା ୯ମ ଅଧ୍ୟାୟରେ ସୋମରସ ସମ୍ପର୍କରେ ବର୍ଣ୍ଣନା ରହିଛି। ଗଛର ଗଣ୍ଡିରୁ ସୋମରସ ସଂଗ୍ରହ କରି ତାହାକୁ ଶୁଦ୍ଧ କରିବା କାର୍ଯ୍ୟର ଅନେକ କାଳ୍ପନିକ ବିଷୟକୁ ଏହା ସୂଚିତ କରିଛି। ଯେହେତୁ ବୈଦିକ ଲୋକମାନେ ପୁରୋହିତ ଥିଲେ, ସେମାନେ ଘାସ (ବିଶେଷକରି ଦୂବଘାସ)କୁ ସମ୍ମାନ କରୁଥିଲେ। ଏହା ସେମାନଙ୍କର ଗୋ ଏବଂ ଘୋଡ଼ାକୁ ଖାଦ୍ୟ ଯୋଗାଉଥିଲା। ଦେବତା ଏବଂ ପୂର୍ବପୁରୁଷମାନଙ୍କୁ ବାର୍ଲି ପିଠା ଅର୍ପଣ କରାଯାଉଥିଲା। ଚାଉଳ ଉପଲବ୍ଧ ହେବା ପରେ ଚାଉଳ ପିଠା ଦିଆଗଲା । ଅଥର୍ବ ବେଦରେ ଘାସ ସହିତ ଏଫେଡ୍ରା (ଏକ ଔଷଧୀୟ ବୃକ୍ଷ), ବାର୍ଲି ଏବଂ ଧାନ ବିଷୟରେ ଉଲ୍ଲେଖ କରାଯାଇଛି।

ସନ୍ନ୍ୟାସୀ ପରମ୍ପରାରେ ଗଛଗୁଡ଼ିକର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଏକ ପବିତ୍ର ଗଛ ସହିତ ସମ୍ବନ୍ଧିତ। ମହାବୀରଙ୍କର ଶାଳ ଗଛ, ଋଷଭନାଥଙ୍କର ବର, ଭୀମନାଥଙ୍କର ଜାମୁ ଗଛ ସହିତ ସମ୍ପର୍କ ରହିଛି। ଏହା ବ୍ୟତୀତ ଆମ୍ବ ସହିତ ଅରନାଥ, ଅଶୋକ ସହିତ ମଲ୍ଲିନାଥ, କୋକୁମ ସହିତ ନେମିନାଥ ଭଲ ଭାବେ ଜଡ଼ିତ। ବିଭିନ୍ନ ପରମ୍ପରାରେ ଏହି ତାଲିକା ଭିନ୍ନ ଦେଖିବାକୁ ମିଳେ। କିନ୍ତୁ ସମସ୍ତେ ଏହା ଗ୍ରହଣ କରନ୍ତି ଯେ, ଅତିକମ୍‌ରେ ଗୋଟିଏ ଉଦ୍ଭିଦ ମହାନ୍ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ। ବୁଦ୍ଧ ମଧ୍ୟ ଉଦ୍ଭିଦ ସହିତ ସମ୍ପୃକ୍ତ। ଯେତେବେଳେ ତାଙ୍କ ମା' ବୁଦ୍ଧଙ୍କୁ ଲୁମ୍ବିନୀରେ ପ୍ରସବ କରିଥିଲେ, ସେତେବେଳେ ସେ ଏକ ଶାଳଡାଳକୁ ଜାବୁଡ଼ି ଧରିଥିଲେ। ବୁଦ୍ଧ ଦୁଇଟି ଶାଳଗଛ ମଧ୍ୟରେ ଦେହତ୍ୟାଗ କରିଥିଲେ। ସେ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ପ୍ରାପ୍ତ ହୋଇଥିଲେ ଏବଂ ଏକ ସୁନ୍ଦର ବାଉଁଶ ବଣରେ ଦିବ୍ୟବାଣୀ ପ୍ରଦାନ କରିଥିଲେ। ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବୁଦ୍ଧ ଥିଲେ। ତାଙ୍କ ନାମ ଥିଲା ବିପାସୀ ବୁଦ୍ଧ। ସେ ବି ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ। ଏହି ଗଛର ଚାରିପାଖରେ ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ ପାଟଳିପୁତ୍ର ସହର ଗଢ଼ି ଉଠିଥିଲା, ଯାହାକୁ ଆମେ ଏବେ ପାଟନା କହୁଛୁ।

ପ୍ରାଚୀନ କାଳରେ ଅନେକ ଗଛ ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ ଭାବରେ ରହିଥିଲେ। ସଙ୍ଗମ କାବ୍ୟରେ ଆମେ ଏଭଳି ରାଜାମାନଙ୍କ ବିଷୟରେ ଅନେକ ଲେଖା ପାଇଥାଉ। ରାଜାମାନେ ଶତ୍ରୁଙ୍କୁ ଆକ୍ରମଣ କରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ଉପାଡ଼ି ନଷ୍ଟ କରିଦେବାର ବର୍ଣ୍ଣନା ବି ସେହି କାବ୍ୟରେ ଦେଖିବାକୁ ମିଳେ। ନେଡୁଙ୍ଗେଲ ବନବାସୀ (ଏବେ କର୍ନାଟକରେ)ର କାଦମ୍ବା ରାଜବଂଶର କଦମ୍ବ ଗଛକୁ କାଟି ଦେଇଥିଲେ। ନରମୁଦି ଚେରାଲ (ଚେରା ରାଜବଂଶ) ତାଙ୍କ ଶତ୍ରୁ ନାନ୍ନା ରାଜବଂଶର ଧର୍ମୀୟ ପ୍ରତୀକ ଶିରିଶ ଗଛକୁ କାଟି ଦେବା ସହ ସେନ୍‌କଣ୍ଣୁଭାନ ମୋଗୁରର ପଲାଇଗାନଙ୍କ ନିମ୍ବଗଛକୁ ନଷ୍ଟ କରିଦେଇଥିଲେ। କୃଷ୍ଣ ଇନ୍ଦ୍ରଙ୍କ ସହ ଯୁଦ୍ଧ କରି ପାରିଜାତ ଗଛକୁ ସ୍ୱର୍ଗରୁ ପୃଥିବୀକୁ ଆଣିଥିଲେ। ନାରକାସୁରାକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିଥିଲେ ଏବଂ ସ୍ୱର୍ଗକୁ ମୁକୁଳାଇଥିଲେ। କୃଷ୍ଣ ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଯେତେବେଳେ ଚାହିଁଥିଲେ, ସେତେବେଳେ ଇନ୍ଦ୍ର ଗଛକୁ ପୃଥିବୀକୁ ନେବାକୁ ମନା କରିଦେଇଥିଲେ। ଇନ୍ଦ୍ରଙ୍କୁ ଶିକ୍ଷା ଦେବା ପାଇଁ କୃଷ୍ଣ ସେହି ଗଛକୁ ବଳପୂର୍ବକ ଛଡ଼ାଇ ନେଇଥିଲେ। ପାରିଜାତ ବୃକ୍ଷ ଦେବରାଜ ଇନ୍ଦ୍ରଙ୍କ ଉପରେ କୃଷ୍ଣଙ୍କ ବିଜୟକୁ ପ୍ରତିପାଦିତ କରେ। ହନୁମାନ କଦଳୀ ବଣରେ ରୁହନ୍ତି, ଗଣେଶ ଆଖୁ ଜଙ୍ଗଲରେ ରୁହନ୍ତି, ଦେବୀ ନମ୍ବ ଏବଂ ତେନ୍ତୁଳିଗଛ ପରିପୂର୍ଣ୍ଣ ଅନ୍ଧକାର ଜଙ୍ଗଲରେ ରୁହନ୍ତି। କୃଷ୍ଣ ଫୁଲଭରା ସୁଗନ୍ଧିତ ଜଙ୍ଗଲରେ ନୃତ୍ୟ କରନ୍ତି। ଶିବ ଏବଂ ଶକ୍ତି ଖେଳର ଦେବଦାରୁ ଜଙ୍ଗଲରେ ନାଚନ୍ତି। କିନ୍ତୁ ଏହିସବୁ ଜଙ୍ଗଲ ଶୀଘ୍ର ଲୋପ ପାଇଯିବ।

–devduttofficial@gmail.com

# ଖୁସି ବନାମ ସୁଖୀ



ହରିଶଙ୍କର ମିଶ୍ର

'ବିଦୁର ନୀତି' ଭାବେ ଗୋଟିଏ ଶ୍ଳୋକ ଅଛି–
''ଅସନ୍ତୁଷ୍ଟାଃ ଦ୍ୱିଜାଃ ନଷ୍ଟାଃ ସନ୍ତୁଷ୍ଟାଶ୍ଚ ମହୀଭୃତଃ
ସଲଜ୍ଜାଃ ଗଣିକାଃ ନଷ୍ଟାଃ ନିର୍ଲଜ୍ଜାଶ୍ଚ କୁଳସ୍ତ୍ରିୟଃ।''

ଏହାର ଅର୍ଥ ହେଉଛି ଦାନ ଦକ୍ଷିଣାରେ ଅସନ୍ତୁଷ୍ଟ ହେଉଥିବା ବ୍ରାହ୍ମଣ, ରାଜ କର୍ମଚାରୀଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରୁଥିବା ମହୀଭୃତ ବା ରାଜା, ଲଜ୍ଜାଶୀଳା ଗଣିକା ଏବଂ ଲଜ୍ଜାହୀନା କୁଳବଧୂ ନିଜ ଓ ସମାଜ ପାଇଁ କ୍ଷତିକାରକ ହୋଇଥାନ୍ତି। ଏହି ଆପ୍ତବାକ୍ୟର ଅର୍ଥ ଯଦି ବ୍ୟାପ୍ତ କରାଯାଏ ତେବେ ବ୍ରାହ୍ମଣଙ୍କର ଧର୍ମ ହେଉଛି ସମାଜ ପାଇଁ ସର୍ବଦା ହିତ ଚିନ୍ତା କରିବା। ବ୍ରାହ୍ମଣମାନେ ପୁରୋହିତ ଭାବେ ଯଦି ପୂଜା ବା ଶ୍ରାଦ୍ଧରେ ଦାନ ଦକ୍ଷିଣା ପାଇଁ ଅସନ୍ତୁଷ୍ଟ ପ୍ରକାଶ କଲେ ତେବେ ସମ୍ପୃକ୍ତ ଯଜମାନ ପୁରୋହିତଙ୍କଠାରୁ ଦୂରେଇ ଯାଆନ୍ତି। ତେଣୁ ବ୍ରାହ୍ମଣ ସର୍ବଦା ସନ୍ତୁଷ୍ଟ ବା ଖୁସି ରହିବା ଉଚିତ୍। ରାଜା ବା ଶାସକ ସର୍ବଦା ପ୍ରଜାବତ୍ସଳ ହେବା ଆବଶ୍ୟକ। ଯଦି ପ୍ରଜାଙ୍କ ବାସ୍ତବ ସ୍ଥିତି ନ ଜାଣି ରାଜା ରାଜ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରନ୍ତି, ତାହାର ସୁଯୋଗ ନେଇ ସେମାନେ ସ୍ୱେଚ୍ଛାଚାରୀ ହୋଇଯାଆନ୍ତି ଏବଂ ପ୍ରଜା ଓ ରାଜାଙ୍କ ମଧ୍ୟରେ ଅନ୍ତରାୟ ସୃଷ୍ଟି କରନ୍ତି। ଯେତେବେଳେ ପ୍ରଜାମାନେ ବିବିଧ ସମସ୍ୟାରେ ପୀଡ଼ିତ ହୋଇ ରାଜାଙ୍କୁ ସେମାନଙ୍କ ସମସ୍ୟା ଜଣାଇ ନ ପାରି ଅସନ୍ତୁଷ୍ଟ ହୁଅନ୍ତି ସେମାନେ ରାଜାନୁରକ୍ତ ହୁଅନ୍ତି ନାହିଁ। ରାଜ୍ୟରେ ଅରାଜକତା ସୃଷ୍ଟି ହୁଏ। ଆମେ ଜାଣିଛେ ଯେ ରାମଙ୍କ ରାଜ୍ୟ ଶାସନ ସମୟରେ ପ୍ରଜାମାନେ ସୁଖରେ କାଳାତିପାତ କରୁଥିଲେ। ତଥାପି କାଳେ କେଉଁଠି ପ୍ରଜାଙ୍କ ମନରେ ଅସନ୍ତୋଷ ଥାଇପାରେ ତାହାକୁ ସ୍ୱ ଅନୁଭବରେ ଆଣିବା ପାଇଁ ସେ ରାତିରେ ରାଜ୍ୟ ଭ୍ରମଣ କରୁଥିଲେ ଏବଂ ରଜକ ଓ ତା'ର ପତ୍ନୀଙ୍କ ମଧ୍ୟରେ କଳହର କାରଣ ଶୁଣି ସେ ନିଜର ପ୍ରାଣପ୍ରିୟା ସୀତାଙ୍କୁ ନିର୍ବାସିତା କରିଥିଲେ। ଅନେକ ପ୍ରଜାନୁରକ୍ତ ରାଜା ପ୍ରଜାମାନଙ୍କର ବାସ୍ତବ ସ୍ଥିତି ଅନୁଧ୍ୟାନ ଲାଗି ଅନ୍ଧାରିବିଜେ କରୁଥିବା ବା ନିଜସ୍ୱ ଗୁପ୍ତଚର ନିଯୁକ୍ତ କରୁଥିବାର ଉଦାହରଣ ଆମ ପୁରାଣ ଇତିହାସରେ ଅଭାବ ନାହିଁ। ରାଜାଙ୍କ ଶାସନ ପ୍ରଭାବରେ ପ୍ରଜାମାନେ ସୁଖରେ କାଳାତିପାତ କରିଲେ ସେମାନେ ରାଜସ୍ୱ ଠିକ୍ ସମୟରେ ଦେଇପାରିବେ, ଯାହାଦ୍ୱାରା ରାଜା ମଧ୍ୟ ରାଜ୍ୟର ସାମୂହିକ ଉନ୍ନତି କରିପାରିବେ। ସେଥିପାଇଁ ପ୍ରଜାମାନଙ୍କର ହାରିଗୁହାରି ଶୁଣିବା ରାଜାଙ୍କର ମୁଖ୍ୟ କର୍ତ୍ତବ୍ୟ। ସୁଖୀ ଏବଂ ଖୁସି ଏହି ଶବ୍ଦ ଦୁଇଟିର ଅର୍ଥରେ ଅନେକ ଭିନ୍ନତା ରହିଛି। ଖୁସି ସାମୟିକ। ଗୋଟିଏ ଭୂରି ଭୋଜନ କାହା ପାଇଁ ଅଯାଚିତ ଅନୁଗ୍ରହ ବା ମଦ୍ୟପର ମଦ୍ୟପାନ ସାମୟିକ ଖୁସି ଦେଇପାରେ କିନ୍ତୁ ସୁଖ ଦୀର୍ଘସ୍ଥାୟୀ। ସୁଖ ନିଶ୍ଚିତ ଖୁସି ଦେଇପାରେ ମାତ୍ର ଖୁସି ସର୍ବଦା ସୁଖ ଦେଇ ନ ପାରେ।

ରାଜତନ୍ତ୍ରର ବିଲୋପ ପରେ ଆମ ଦେଶ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଛି। ପ୍ରଜାମାନେ ନାଗରିକ ଭାବେ ନାମିତ ହୋଇଛନ୍ତି। ସେମାନଙ୍କ ସାମଗ୍ରିକ ଓ ସାମୂହିକ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟବିଧି ନିର୍ଦ୍ଧାରିତ ହେବା ଆବଶ୍ୟକ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ରାଜ୍ୟ ମୁଖ୍ୟ ଯଦି ପ୍ରଜାଙ୍କ ସୁଖଦୁଃଖ ଅନୁଭବ ନ କରି ରାଜ କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତି ତେବେ ତାହା ଶାସନ ମୁଖ୍ୟଙ୍କ ଦୁର୍ବଳତା ବୋଲି ସେଇ ରାଜ କର୍ମଚାରୀମାନେ ଅନୁଭବ କରି ଦୁର୍ନୀତିଗ୍ରସ୍ତ ହୋଇଥାନ୍ତି। ଶାସନ ମୁଖ୍ୟ ଯଦି ନାଗରିକଙ୍କ ସାମୟିକ ଖୁସିକୁ ନିଜର ସଫଳତା ବୋଲି ଭାବନ୍ତି ତେବେ ଜଣେ ଦୁର୍ବଳ ଓ ନିର୍ଭରଶୀଳ ଶାସକ ଭାବେ ଇତିହାସରେ ସ୍ଥାନିତ ହେବା ନିଶ୍ଚିତ। ଏତଦ୍‌ବ୍ୟତୀତ ରାଜ କର୍ମଚାରୀଙ୍କ ଉପରେ ଯେଉଁ ଶାସକଙ୍କ ଲଗାମ ଯେତେ ଶକ୍ତ ସେଠାରେ ରାଜ କର୍ମଚାରୀ ସେତିକି ନିୟନ୍ତ୍ରିତ ଏବଂ ନାଗରିକ କଲ୍ୟାଣ ତତୋଧିକ ଲୋକାଭିମୁଖୀ। ଏଠାରେ ପ୍ରକାଶଯୋଗ୍ୟ, ନାଗରିକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦାୟିତ୍ୱ ସରକାରଙ୍କର। ସେଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଭିତ୍ତି ସୁଦୃଢ଼ ସହ କୃଷି, କାରିଗରି କୌଶଳୀ ନାଗରିକଙ୍କୁ କାର୍ଯ୍ୟକ୍ଷମ କରାଇପାରିଥିବା ଶାସନ ମୁଖ୍ୟଙ୍କୁ ଇତିହାସ ନିଶ୍ଚିତ ସ୍ୱତନ୍ତ୍ର ସ୍ଥାନ ଦେବ। କିନ୍ତୁ ସ୍ୱାର୍ଥ ପାଇଁ କୌଣସି ଯୋଜନା ବା ଅଯାଚିତ ଦାନ ବା ଅନୁଗ୍ରହ ନିଶ୍ଚିତ ରାଜଧର୍ମବିରୋଧୀ। ଗଣତାନ୍ତ୍ରିକ ଶାସନରେ ରାଜ୍ୟର ପ୍ରତିଟି ଆୟ ଓ ବ୍ୟୟ ଜାଣିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଛଳନା, ମିଥ୍ୟା, ପକ୍ଷପାତିତା ବା ନାଗରିକଙ୍କୁ କର୍ମତତ୍ପର ନ କରିବା ମଧ୍ୟ ରାଜଧର୍ମ ବିରୋଧୀ। ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ମୁଖ୍ୟ ସମସ୍ତ ନାଗରିକ ଖୁସିରେ କାଳାତିପାତ କରୁଥିବା ଭାବନାରେ କେବେବି ସନ୍ତୋଷ ପ୍ରକାଶ କରିବା ଅନୁଚିତ୍।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ସାହସ ଓ ଦୃଢ଼ ଇଚ୍ଛାଶକ୍ତି ସାମ୍ନାରେ ବୟସ ହାରିଯାଏ, ଯାହାର ଉଦାହରଣ ହେଉଛନ୍ତି ରାଜସ୍ଥାନ ଜୟପୁରର ନିରୁ ସାଲୁଜା। ୭୦ ବର୍ଷ ବୟସ୍କ ସାଲୁଜା ଏବେ ସୁଦ୍ଧା ୮୦ଟି ଦେଶ ଭ୍ରମଣ କରିସାରିଲେଣି ଓ ତାହା ଜାରି ରଖିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଏତେସବୁ ଦେଶ ସେ ଏକୁଟିଆ ହିଁ ଯାତ୍ରା କରିଛନ୍ତି। ଅନେକ ଦେଶରେ ଥିବା ଅତି ଭୟଙ୍କର ସ୍ଥାନକୁ ମଧ୍ୟ ସେ ଯାଇଛନ୍ତି। କେବଳ ଏତିକି ନୁହେଁ ବିଶ୍ୱର ସବୁଠୁ ଜଣାଶୁଣା ପ୍ରଶାନ୍ତ ମହାସାଗରରେ ଥିବା ଗାଲାପାଗୋସ ଦ୍ୱୀପ ଦକ୍ଷିଣ ସାଇବେରିଆର ବୈକାଲ ହ୍ରଦକୁ ଯାଇଛନ୍ତି। ନିରୁ ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ। ତାଙ୍କ ସ୍ୱାମୀ ମଧ୍ୟ ସେହି ପେସାରେ ଥିଲେ ଓ ୨୦୨୦ରେ ତାଙ୍କ ମୃତ୍ୟୁ ହେବା ପରେ ସେ ୧୪ ବର୍ଷ ହେଲା ଏଭଳି ଦେଶ ଭ୍ରମଣ କରି ଆସୁଛନ୍ତି। ନିରୁଙ୍କ ସ୍ୱାମୀ ଦୁଃସାହସିକ କାର୍ଯ୍ୟକୁ ପସନ୍ଦ କରୁଥିବାରୁ ସେ ଏହା ଜାରି ରଖିବାକୁ ଚାହିଁଥିଲେ ଓ କରୁଛନ୍ତି ମଧ୍ୟ। ସେ ମେଲବୋର୍ନରେ ୧୨,୦୦୦ ଫୁଟ୍‌ରୁ ସ୍କାଏ ଡାଇଭିଂ କରିବା ସହ ବହୁ ଦୁର୍ଗମ ଜଙ୍ଗଲରେ ଭ୍ରମଣ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଜାନୁଆରୀ ୧୯୭୫

- ବମ୍ବେର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ପୋଲିସ–ଜନତା ସଂଘର୍ଷ ଯୋଗୁ କ୍ରିକେଟ ମ୍ୟାଚ୍ ବନ୍ଦ।
- ଲକ୍ଷ୍ନୌ ଅନ୍ତର୍ଗତ ପଥୋରାଗଡ଼ଠାରୁ ୮ କିଲୋମିଟର ଦୂରରେ ଏକ ଯାତ୍ରୀବାହୀ ବସ୍ ପ୍ରାୟ ୯୦ ମିଟର ଗଭୀର ଖାତକୁ ଖସିପଡ଼ିବା ଫଳରେ ୩୦ ଯାତ୍ରୀଙ୍କ ମୃତ୍ୟୁ।
- ଭାରତ ଓ ପାକିସ୍ତାନ ମଧ୍ୟରେ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ପ୍ରୋଟୋକଲକୁ ଭିତ୍ତିକରି ଏକ ନୂତନ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| 6 | | | 7 | | 5 | | | |
| | | | | | | 1 | | 5 |
| | | | 6 | | | | 3 | 1 |
| | 2 | | 3 | | | | 8 | |
| 8 | | | | | 2 | | | 6 |
| | | | | | | | 9 | 8 |
| 5 | | | 1 | 7 | | | | 3 |
| 7 | 6 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 6 | 7 | 3 | 9 | 4 | 8 |
| 6 | 7 | 8 | 4 | 2 | 9 | 1 | 5 | 3 |
| 3 | 4 | 9 | 1 | 8 | 5 | 7 | 2 | 6 |
| 7 | 3 | 1 | 8 | 9 | 4 | 2 | 6 | 5 |
| 8 | 5 | 4 | 2 | 6 | 1 | 3 | 9 | 7 |
| 2 | 9 | 6 | 3 | 5 | 7 | 8 | 1 | 4 |
| 5 | 1 | 7 | 9 | 3 | 6 | 4 | 8 | 2 |
| 4 | 6 | 2 | 7 | 1 | 8 | 5 | 3 | 9 |
| 9 | 8 | 3 | 5 | 4 | 2 | 6 | 7 | 1 |

ଗତକାଲିର ଉତ୍ତର

# ମଣିଷ ଓ ପଶୁ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଲେଖକ ଚାର୍ଲସ୍ ଏଣ୍ଡରସନ୍ ଡାନି କହିଥିଲେ କୁକୁର ମଣିଷକୁ କାମୁଡ଼ିଲେ ତାହା ସମ୍ବାଦ ପଦବାଚ୍ୟ ହୁଏ ନାହିଁ, ମାତ୍ର ମଣିଷ କୁକୁରକୁ କାମୁଡ଼ିଲେ ତାହା ହୁଏ ସମ୍ବାଦ। ଲୋକଙ୍କ ସମ୍ବାଦକ୍ଷୁଧା ମେଣ୍ଟାଇବା ପାଇଁ ବେଳେବେଳେ କିଛି ସମ୍ବାଦପତ୍ର ଅଚିରାଚରିତ ଘଟଣା ପରିବେଷଣ କରି ହଟଚମଟ ସୃଷ୍ଟି କରନ୍ତି। ଅବଶ୍ୟ ତଦ୍ୱାରା କିଛି ସକାରାତ୍ମକ ପ୍ରଭାବ ମଧ୍ୟ ପଡ଼େ। କିଛି ମାସ ତଳେ ଗଞ୍ଜାମ ଜିଲାରେ ଏହିଭଳି ଘଟଣାଟିଏ ଖବରକାଗଜରେ ଶୀର୍ଷକ ପାଲଟିଥିଲା। ଶୀର୍ଷକଟି ଥିଲା 'ଡାଳି ଖାଇ ଛେଳି ଗିରଫ'। ଛେଳିଟିଏ ବନ ବିଭାଗଦ୍ୱାରା ରୋପିତ ହୋଇଥିବା ଗଛର କିଛି କଅଁଳ ପତ୍ର ଖାଇଦେବାରୁ ବନବିଭାଗ ଅଧିକାରୀ ତାକୁ ଗିରଫ କଲେ। ଯିଏ ନିୟମ ଭଙ୍ଗ କରି ନିଷିଦ୍ଧ କର୍ମକରେ ସେ ଅପରାଧୀ ବିବେଚିତ ହୁଏ ଓ ଦଣ୍ଡପାଏ। ମାତ୍ର ଛେଳି କ୍ଷୁଧା ନିବାରଣ କରିବା ପାଇଁ ପ୍ରବୃତ୍ତିଚାଳିତ ହୋଇ ପତ୍ରଖାଏ। ନୀତି, ନୈତିକତା ଧାରଣା ତା'ର ନ ଥାଏ। ସେ ଜାଣେ ନାହିଁ କେଉଁ ଗଛର ପତ୍ର ଖାଇବା ତା' ପାଇଁ ନିଷିଦ୍ଧ। ମଣିଷ ଜାଣେ ଛେଳିର ଏହି ବିଚାର ଶକ୍ତି ନାହିଁ। ତା'ସତ୍ତ୍ୱେ ବନ ବିଭାଗର ଅଧିକାରୀ ତାକୁ କିପରି ଅପରାଧୀ ବିବେଚନା କରି ଗିରଫ କଲେ ତାହା ଏକ ପ୍ରଶ୍ନବାଚୀ। ଅତୀତରେ ପାଶ୍ଚାତ୍ୟରେ ବିଚାରାଳୟମାନେ ପଶୁପକ୍ଷୀଙ୍କୁ ଅପରାଧୀଭାବେ ବିଚାର କରି ଜେଲଦଣ୍ଡ ବା ପ୍ରାଣଦଣ୍ଡ ଦେଉଥିଲେ। ୧୯୩୪ରେ ନର୍ମାଣ୍ଡିରେ ଘୁଷୁରିଟିଏ ଏକ ଅସହାୟ ମଣିଷ ପିଲାକୁ ଖାଇଦେବାରୁ ତାକୁ ଫାଶୀ ଦିଆଯାଇଥିଲା। ୧୯୦୬ରେ ସୁଇଜରଲାଣ୍ଡରେ ଦୁଇଜଣ ଭାଇ ଓ ସେମାନଙ୍କ ପୋଷାକୁକୁର ଜଣେ ଲୋକକୁ ହତ୍ୟା କରିବାରୁ ଦୁଇଭାଇଙ୍କୁ ଆଜୀବନ କାରାଦଣ୍ଡ ଓ କୁକୁରକୁ ପ୍ରାଣଦଣ୍ଡ ଦିଆଯାଇଥିଲା। ୧୯୭୪ରେ ଉତ୍ତର ଆଫ୍ରିକାରେ ଜଣେ ଭଦ୍ରଲୋକକୁ କୁକୁରଟିଏ କାମୁଡ଼ି ଏକ ମାସର କାରାଦଣ୍ଡ ଭୋଗିଥିଲା। ୧୯୭୬ରେ ଇଂଲଣ୍ଡର ଏକ ବିଚାରାଳୟ ଦୁଇଜଣ ଶିଶୁ ଓ ଗୋଟିଏ ଛେଳିକୁ କାମୁଡ଼ି ଦେଇ ଗୋଟିଏ କୁକୁର ପ୍ରାଣଦଣ୍ଡ ପାଇଥିଲା। ଏହିଭଳି ନିରୀହ ପଶୁମାନଙ୍କୁ ଦଣ୍ଡବିଧାନ କରି ମଣିଷ କେତେଦୂର ଠିକ୍ କରିଛି ତାହା ମଧ୍ୟ ପ୍ରଶ୍ନବାଚୀ।

ଷୋଡ଼ଶ ଶତାବ୍ଦୀରେ ଫ୍ରାନ୍ସରେ ବାର୍ଥେଲୋମିଓ ଚାସେନୀ ନାମକ ଜଣେ ଓକିଲ ପଶୁପକ୍ଷୀଙ୍କ ଓକିଲ ଭାବରେ ଜଣାଶୁଣା ଥିଲେ। ଥରେ ସେ ଏକ ବାର୍ଲିଖେତ ଧ୍ୱଂସ କରିଥିବା ଏକ ମୂଷାଦଳଙ୍କ ସପକ୍ଷରେ ଲଢ଼ିଥିଲେ। ମୂଷାଦଳଟିଏ କ୍ଷୁଧାତୁର ହୋଇ ବାର୍ଲିଖେତରେ ପଶିଲେ। ସେମାନେ ଜମିମାଲିକକୁ ଜାଣନ୍ତି ନାହିଁ କି ସେହି ଅଞ୍ଚଳ ନିଷିଦ୍ଧ ବୋଲି ବି ଜାଣନ୍ତି ନାହିଁ। ନିରୀହ ମୂଷାମାନେ ପ୍ରବୃତ୍ତିଚାଳିତ ହୋଇ ସେହି ଜମିରେ ପ୍ରବେଶ କରି ଶସ୍ୟ ଖାଇବାରୁ ଜମି ମାଲିକ ତାହା ଅନଧିକାର ପ୍ରବେଶ ମନେକରି ସେମାନଙ୍କ ଏହି ଅପରାଧ ବିରୋଧରେ ବିଚାରାଳୟରେ ଅପିଲ କରିଥିଲେ। ଫଳସ୍ୱରୂପ ସମ୍ପୃକ୍ତ ଅଞ୍ଚଳରେ ଲିଖିତ ସମନ ଗଛରେ ଟାଙ୍ଗି ଦିଆଯାଇଥିଲା ଓ ଉଚ୍ଚସ୍ୱରରେ ନିର୍ଦ୍ଦିଷ୍ଟ ତାରିଖରେ କଚେରିରେ ଉପସ୍ଥିତ ହେବାପାଇଁ ଘୋଷଣା କରାଯାଇଥିଲା। ଦେଖାଗଲା ନିର୍ଦ୍ଦିଷ୍ଟ ଦିନ ମୂଷାମାନେ ଉପସ୍ଥିତ ହେଲେ ନାହିଁ। ଓକିଲ ଚାସେନୀ ଦର୍ଶାଇଲେ ଅଭିଯୋଗକାରୀଙ୍କ ସମର୍ଥକ ଦଳେ ବିଲେଇ ବାଟରେ ମୂଷାମାନଙ୍କୁ



ଜଗି ରହିଥିବାରୁ ମୂଷାମାନେ ଆସିପାରୁନାହାନ୍ତି। ଯଦି ଅଭିଯୋଗକାରୀଙ୍କ ଓକିଲ ଗ୍ୟାରେଣ୍ଟି ଦେବେ ଯେ ସେହି ବିଲେଇମାନେ ମୂଷାମାନଙ୍କ କ୍ଷତି କରିବେ ନାହିଁ, ତା'ହେଲେ ମୂଷାମାନେ ଆସିବେ। ସେହି ଗ୍ୟାରେଣ୍ଟି ଅର୍ଥ ଆକାରରେ ଜମା ରହୁ ବୋଲି ଦାବି କରାଯିବାରୁ ଅଭିଯୋଗକାରୀ ରାଜିହେଲେ ନାହିଁ ଓ ମାମଲା ଖାରଜ ହେଲା।

ଅତୀତର ଏହିସବୁ ଘଟଣା ପ୍ରତିପାଦନ କରେ ଯେ ପଶୁପକ୍ଷୀଠାରୁ ମଣିଷ ସୁଲଭ ବିବେକ ଓ ବ୍ୟବହାର ଆଶା କରୁଛି। ମାତ୍ର ବିବେକ ବା ବିଚାରଶକ୍ତିବିହୀନ ନିରୀହ ପଶୁମାନଙ୍କୁ ବିବେକବାନ ମଣିଷ ନିଜ ସହ ସମାନ ମନେକରି ସେମାନଙ୍କୁ ଦଣ୍ଡବିଧାନ କରିବା ଦ୍ୱାରା ସେ ନିଜକୁ ପଶୁଠୁ ଅଭିନ୍ନ ବୋଲି ପ୍ରମାଣିତ କରୁଛି। ସେଥିପାଇଁ ବୋଧହୁଏ ଅତୀତର ବିଶିଷ୍ଟ ଚିନ୍ତାବିତ୍‌ମାନେ ମଣିଷର ସଂଜ୍ଞା ନିର୍ଦ୍ଧାରଣ କଲାବେଳେ 'ପଶୁ' ଶବ୍ଦଟିକୁ ବାରମ୍ବାର ବ୍ୟବହାର କରିଛନ୍ତି। ଆରିଷ୍ଟଟଲ କହିଥିଲେ, ମଣିଷ ହେଉଛି ଏକ ରାଜନୈତିକ ପଶୁ। ଏଡ୍‌ମଣ୍ଡ ବର୍କ କହିଥିଲେ ମଣିଷ ହେଉଛି ଧର୍ମନୈତିକ ପଶୁ ଓ ବେଞ୍ଜାମିନ୍ ଫ୍ରାଙ୍କଲିନ କହିଥିଲେ ମଣିଷ ହେଉଛି କଳକବ୍‌ଜା ତିଆରି କରିପାରୁଥିବା ପଶୁ। ଅତୀତରେ ସେହି ମନୀଷୀମାନଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ 'ପଶୁ'କୁ ମଣିଷର ସଂଜ୍ଞାରୁ ବାଦ୍‌ଦେବା ସମୟ ବୋଧହୁଏ ଏବେ ମଧ୍ୟ ଆସିନାହିଁ।

ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ କ୍ଷୁଦ୍ର କାହାଣୀ। ଏକ ପୋଷା ମାଙ୍କଡ଼ ମାଲିକ କବଳରୁ ଖସିଆସି ପ୍ରବେଶ କଲା ଅରଣ୍ୟ ଭିତରେ। ସେହି ଅରଣ୍ୟର ଜୀବଜନ୍ତୁ ପୂର୍ବରୁ ମାଙ୍କଡ଼ ଦେଖି ନ ଥିଲେ। ମାଙ୍କଡ଼ଟି ଗୋଟିଏ ଡାଳରୁ ଆଉ ଏକ ଡାଳକୁ ଡେଇଁଥିବାର ଦେଖି ଓ ତା'ର ମଣିଷ ସହ ସାଦୃଶ୍ୟ ଦେଖି ସେ ପ୍ରକୃତରେ ପକ୍ଷୀ ନା ମଣିଷ ସେମାନେ ବୁଝିପାରିଲେ ନାହିଁ। ସେମାନେ ତାକୁ ପଚାରିଲେ 'ତୁମେ ପ୍ରକୃତରେ କିଏ?' ମାଙ୍କଡ଼ଟି କହିଲା, ''ମୋ ପୂର୍ବ ପୁରୁଷମାନେ ମନୁଷ୍ୟ ଥିଲେ। ମାତ୍ର ବିବର୍ତ୍ତନ ନିୟମରେ ମନୁଷ୍ୟ ଭିତରୁ ମୋ ଭଳି ନୂଆ ଜୀବଟିଏ ସମ୍ଭବ ହୋଇଛି। ମୋର ନାମ ମାଙ୍କଡ଼।'' ତାକୁ ତା'ର ମାଲିକ ପିନ୍ଧାଇଥିବା ଏକ ମାଳିକୁ ଦେଖାଇ ସେ କହିଲା, 'ମୋତେ ମଣିଷମାନେ ପୂଜା ବି କରନ୍ତି।' ଅରଣ୍ୟର ସମସ୍ତ ପ୍ରାଣୀ ତା' କଥାକୁ ବିଶ୍ୱାସ କରି ତାକୁ ସମ୍ମାନ ପ୍ରଦର୍ଶନ କଲେ। ସକାଳ ହୁଅନ୍ତେ ତା'ର ମାଲିକ ତାକୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଲା ଓ ତାକୁ ଧରିନେଇ କାନ୍ଧରେ ବସାଇ ଚାଲିଗଲା। ପ୍ରାଣୀମାନେ ଏହି ଦୃଶ୍ୟ ଦେଖି ଚିନ୍ତା କଲେ ଯଦି ମଣିଷ ତାକୁ ଆୟତ୍ତ କରିପାରିଲା ମାଙ୍କଡ଼ କେବେ ମଣିଷଠାରୁ ବଡ଼ ହୋଇପାରିବ ନାହିଁ। ମାତ୍ର ଜଣେ ପ୍ରାଣୀ କହିଲା, ''କିନ୍ତୁ ମଣିଷର କାନ୍ଧରେ ବସି ମାଙ୍କଡ଼ (ପଶୁ) ମଣିଷର ପ୍ରଭୁ ହୋଇଗଲା। ଏଣୁ ମାଙ୍କଡ଼ ବଡ଼।'' ସେହି ଦିନଠାରୁ ବିତର୍କ ଚାଲିଛି କିଏ ବଡ଼– ମାଙ୍କଡ଼ ନା ମଣିଷ ? ଆଜି ବି ବୋଧହୁଏ ମଣିଷ ଉପରେ ପଶୁତ୍ୱ ସବାର ହୋଇଛି। ଏଣୁ ମଣିଷ ଅପରାଧ ବିଚାରକଲା ବେଳେ ନିରୀହ ପଶୁମାନଙ୍କ ପ୍ରତି ସମାନ ମାନଦଣ୍ଡ ପ୍ରୟୋଗ କରୁଛି ଓ ନିଜକୁ ପଶୁଠାରୁ ଅଭିନ୍ନ ପ୍ରତିପାଦିତ କରୁଛି।

ବୋଧହୁଏ ଏ ପର୍ଯ୍ୟନ୍ତ ମଣିଷର ଚେତନାରେ ଉତ୍ତରଣ ପ୍ରକ୍ରିୟାର ଶେଷ ହୋଇନାହିଁ। ଅତୀତରେ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ ସ୍ପଷ୍ଟ ଦିବାଲୋକରେ ଲଣ୍ଠନ ଧରି ବୁଲୁଥିଲେ। ଲୋକେ ଏହାର କାରଣ ପଚାରିଲେ ସେ କହୁଥିଲେ, 'ମଣିଷ ଖୋଜୁଛି'। ଏବେ ବି ସେହି ମଣିଷ ଖୋଜାର ଅନ୍ତ ହୋଇନାହିଁ। ସେ ଯାହା ହେଉ, ସୁଖର କଥା ଯେ ଗଣମାଧ୍ୟମରେ ଛେଳି ଗିରଫ ହେବା ବିଷୟ ପ୍ରସାରିତ ହେବାପରେ ବନବିଭାଗ ଛେଳିଟିକୁ ମୁକ୍ତ କରିଦେଲେ। ଆଶା କରିବା, ମଣିଷର ଚେତନାର ଆହୁରି ଉତ୍ତରଣ ହେଉ।

ମୋ:୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### ହିଟ୍ ଆଣ୍ଡ ରନ୍‌କୁ ବିରୋଧ କାହିଁକି

ମହାଶୟ,

ଦେଶରେ ପ୍ରତି ଘଣ୍ଟାରେ ୧୮ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିଛନ୍ତି। ଯଦି କୌଣସି ଗାଡ଼ିଚାଳକ କାହାକୁ ବି ଆଘାତ ଦେଇ ରାସ୍ତା ମଝିରେ ଗାଡ଼ି ଛାଡ଼ି ଚାଲିଯାଉଛନ୍ତି ସେଥିପାଇଁ ୧୦ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ସହ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଦୁର୍ଘଟଣା ପରେ ପୋଲିସ କିମ୍ବା ଆମ୍ବୁଲାନ୍ସକୁ ଖବର ନ ଦେବା ନିହାତି ଭାବରେ ଅମାନବୀୟ କାର୍ଯ୍ୟ। ସେଥିପାଇଁ ଏପରି କଠୋର ପଦକ୍ଷେପ ସରକାର ନେଇଛନ୍ତି। ଏହାକୁ ନେଇ ଆଜି ଯେଉଁ ହରତାଳ ହେଉଛି ତାହା କେତେଦୂର ଗ୍ରହଣୀୟ ଜଣାପଡୁନାହିଁ। ଅବଶ୍ୟ ସରକାରଙ୍କ ସହ ଆଲୋଚନା ପରେ ରାଜ୍ୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମାତ୍ର ଜୀବନ ନେବାର ଅଧିକାର କାହାର ନାହିଁ।

–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା !
ପକ୍ଷୀଟି ନାହିଁ ଡାକଇ ଶାଖେ।
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କୋଟାରେ ଛାତ୍ରଙ୍କ ଆତ୍ମହତ୍ୟା

**ଜୟପୁର,୨୪।୧:** କୋଚିଂ ସେଣ୍ଟର ଗୁଡ଼ିକରେ ମେଡିକାଲ, ଇଞ୍ଜିନିୟରିଂ ଆଶାୟୀଙ୍କ ମାନସିକ ଚାପଜନିତ ଆତ୍ମହତ୍ୟାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ରାଜସ୍ଥାନର କୋଟାରେ ଆଉ ଜଣେ ଛାତ୍ର ନିଜ ଜୀବନ ହାରିଛନ୍ତି। ଉତ୍ତର ପ୍ରଦେଶର ମୋରାଦାବାଦ ଜିଲା ବାସିନ୍ଦା ମହମ୍ମଦ ଜୈଦ୍ କୋଟାର ଏକ ଘରୋଇ ହଷ୍ଟେଲରେ ରହି କୋଚିଂ ସେଣ୍ଟରରେ ଇଞ୍ଜିନିୟରିଂ ପାଇଁ ପ୍ରସ୍ତୁତ ହେଉଥିଲେ। ମଙ୍ଗଳବାର ରାତିରେ ସେ ଆତ୍ମହତ୍ୟା କରିଛନ୍ତି। ରାତି ୧୧ଟାରେ ଖବର ପାଇ ପୋଲିସ ତାଙ୍କ ମୃତଦେହ ଜବତ କରିଥିଲା। ଏହା ହେଉଛି ଚଳିତ ବର୍ଷ କୋଟାରେ ଛାତ୍ରଙ୍କ ପ୍ରଥମ ଆତ୍ମହତ୍ୟା। ଏହାକୁ ମିଶାଇ ବର୍ଷକ ମଧ୍ୟରେ ୩୦ ଛାତ୍ରୀଛାତ୍ର ଆତ୍ମହତ୍ୟା କରିସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ନିକଟରେ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ଗାଇଡ୍‌ଲାଇନ୍ ଜାରି କରିଛି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଗ୍ରହଣ ନ କରିବା ଏବଂ ପ୍ରଦର୍ଶନରେ ଉନ୍ନତି ନେଇ ମିଥ୍ୟା ପ୍ରତିଶ୍ରୁତି ନ ଦେବାକୁ ଏଥିରେ କୋଚିଂ ସେଣ୍ଟରଗୁଡ଼ିକୁ ତାଗିଦ କରାଯାଇଛି।

## ବିମାନ ଦୁର୍ଘଟଣାରେ ୬ ମୃତ

**ଟରୋଣ୍ଟୋ, ୨୪।୧:** କାନାଡାର ଉତ୍ତର-ପଶ୍ଚିମାଞ୍ଚଳରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଫୋର୍ଟ ସ୍ମିଥଠାରେ ଥିବା ଏକ ଉପାନ୍ତ ଖଣି ଅଞ୍ଚଳକୁ ୭ ଜଣଙ୍କୁ ଧରି ବିମାନଟି ଯାଉଥିବାବେଳେ ଖସିପଡ଼ିଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ କାନାଡା ବାୟୁସେନା ପକ୍ଷରୁ ତଦନ୍ତ ଚାଲିଛି।

# କିଭ୍ ଖସାଇଲା ରୁଷୀୟ ସେନା ବିମାନ

## ୬୫ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କ ସମେତ ୭୪ ମୃତ



ମସ୍କୋ,୨୪।୧

୬୫ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କ ସମେତ ୭୪ ଜଣଙ୍କୁ ନେଇ ଯାଉଥିବା ରୁଷିଆ ସେନାର ଏକ ପରିବହନ ବିମାନ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧବନ୍ଦୀମାନଙ୍କୁ ବେଲ୍‌ଗୋରୋଡ୍ ଅଞ୍ଚଳକୁ ନିଆଯାଉଥିବାବେଳେ ଏହି ବିମାନକୁ ୟୁକ୍ରେନ୍ ଖସାଇଦେଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ରୁଷିଆ ସୀମା ଭିତରେ ଗତ ୨ ବର୍ଷ ମଧ୍ୟରେ ଏହା ହେଉଛି ସବୁଠୁ ଘାତକ ଆକ୍ରମଣ। ତେବେ କିଭ୍ ପକ୍ଷରୁ ଏହା ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ।

୨୦୨୨ ଫେବୃୟାରୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଉଭୟ ପକ୍ଷଙ୍କ ବହୁ ସୈନ୍ୟ ପ୍ରାଣ ହରାଇଲେଣି। ପରସ୍ପର ବିରୋଧରେ ଯୁଦ୍ଧ ଲଢୁଥିବାବେଳେ ଅନେକେ ବନ୍ଦୀ ମଧ୍ୟ ହୋଇଛନ୍ତି। ଯୁଦ୍ଧବନ୍ଦୀମାନଙ୍କ ବିନିମୟ ପ୍ରକ୍ରିୟା ଚାଲିଥିବାବେଳେ ରୁଷୀୟ ସାମରିକ ପରିବହନ ବିମାନ ଇଲିଉଶିନ୍ ଆଇଏଲ୍-୭୬ ୟୁକ୍ରେନୀୟ ସହର ବେଲ୍‌ଗୋରୋଡ୍ ଅଭିମୁଖେ ଯାତ୍ରା କରୁଥିଲା। ସେଥିରେ ପୂର୍ବରୁ ରୁଷୀୟ ସୈନ୍ୟ ଧରିଥିବା ୟୁକ୍ରେନ୍‌ର ୬୫ ସୈନ୍ୟ ଥିଲେ। ଏହାବାଦ୍ ୬ ରୁଷୀୟ କ୍ରିଉ ମେମ୍ବର ଓ ୩ ଗାର୍ଡ ମଧ୍ୟ ଯାଉଥିଲେ। ବିମାନଟି ୟୁକ୍ରେନ୍ ସୀମାରେ ପହଞ୍ଚିବା ପରେ ୟୁକ୍ରେନୀୟ ସୈନ୍ୟ ତାକୁ ଟାର୍ଗେଟ କରି ଖସାଇଦେଇଥିଲେ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ରୁଷୀୟ ଏମ୍‌ପି ତଥା ଅବସରପ୍ରାପ୍ତ ଜେନେରାଲ ଆଣ୍ଡ୍ରେଇ କାର୍ଟାପୋଲୋଭ୍ କହିଛନ୍ତି, ବିମାନ ସେପଟେ ଯାଉଥିବା ବିଷୟରେ ସେମାନେ ଭଲ ଭାବେ ଅବଗତ ଥିଲେ। ଭୂପୃଷ୍ଠରୁ ଭୂପୃଷ୍ଠ କ୍ଷେପଣାସ୍ତ୍ର ବ୍ୟବସ୍ଥା କେବେହେଲେ ଭୁଲ୍‌ରେ ବି ସାମରିକ ପରିବହନ ବିମାନକୁ ଟାର୍ଗେଟ କରି ନ ଥାଏ। ବନ୍ଦୀ ବିନିମୟ ପ୍ରକ୍ରିୟାକୁ ଭଣ୍ଡୁର କରିବା ପାଇଁ ୟୁକ୍ରେନ୍ ଜାଣିଶୁଣି ଏହାକୁ ଖସାଇଦେଇଛି। ଆମେରିକା କିମ୍ବା ଜର୍ମାନ ନିର୍ମିତ ୩ଟି ମିଶାଇଲରେ ଏହି ଆକ୍ରମଣ କରାଯାଇଛି। ଅନ୍ୟପକ୍ଷେ ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିମାନ ଦୁର୍ଘଟଣା ଉପରେ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ଏହି ଖବରର କୌଣସି ବିଶ୍ୱସନୀୟତା ନାହିଁ। ସ୍ଥିତି ସ୍ପଷ୍ଟ ହେବା ପରେ ମନ୍ତବ୍ୟ ଦିଆଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ମିକାଇଲୋ କହିଛନ୍ତି। ଏହା ପୂର୍ବରୁ ୟୁକ୍ରେନୀୟ ମିଡିଆ ଆଉଟ୍‌ଲେଟ୍ ପକ୍ଷରୁ କୁହାଯାଇଥିଲା ଯେ, ରୁଷୀୟ ବିମାନରେ ଏସ୍-୩୦୦ ମିଶାଇଲ ନିଆଯାଉଥିବା ଜଣାପଡ଼ିବା ପରେ କିଭ୍ ଏହାକୁ ଖସାଇଦେଇଛି। ଇତିମଧ୍ୟରେ ବେଲ୍‌ଗୋରୋଡ୍ ଗଭର୍ଣ୍ଣର ଭ୍ୟାଚେସ୍‌ଲାଭ୍ ଗ୍ଲାଡ୍‌କୋଭ୍ କହିଛନ୍ତି, ବିମାନଟି ଏହି ଅଞ୍ଚଳ ଅଧୀନ କୋରୋଚାନ୍‌ସ୍କି ଜିଲାକୁ ଆସିଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୭୪ ଜଣଙ୍କ ମୃତ୍ୟୁ ଘଟିଛି। ତୁଷାରପାତ ହୋଇଥିବା ଏକ ପାର୍ବତ୍ୟ ଅଞ୍ଚଳରେ ବିମାନଟି ଖସିପଡୁଥିବାବେଳେର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

# ୨୫ ଏଫ୍‌ଆଇଆର୍ କଲେ ବି ଡରିବାର ନାହିଁ: ରାହୁଲ

## ଲୋକ ସଭା ନିର୍ବାଚନ ପରେ ରାହୁଲ ଗିରଫ ହେବେ: ହିମନ୍ତ

ଗୁଆହାଟୀ,୨୪।୧



ରାହୁଲ ଗାନ୍ଧୀ

ଆସାମରେ ହିଂସା ଉସୁକାଇବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତାଙ୍କୁ ଲୋକ ସଭା ନିର୍ବାଚନ ପରେ ଗିରଫ କରାଯିବ ବୋଲି ବୁଧବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

ଶିବସାଗର ଜିଲାର ନଜିରାରେ ହିମନ୍ତ କହିଛନ୍ତି, ରାହୁଲଙ୍କ ବିରୋଧରେ ଆମେ ଏଫ୍‌ଆଇଆର୍ କରିଛୁ। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ରାହୁଲଙ୍କୁ ଏବେ ଗିରଫ କଲେ, ସେମାନେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବେ। କିଛି ମାସ ଭିତରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ଶେଷ ହେବା ପରେ ଆମେ ତାଙ୍କୁ ଗିରଫ କରିବୁ। ଆସାମ ପୋଲିସ ମହାନିର୍ଦ୍ଦେଶକ ଜି.ପି. ସିଂ କହିଛନ୍ତି, ରାହୁଲଙ୍କ ମାମଲା ସିଆଇଡିକୁ ସ୍ଥାନାନ୍ତର କରାଯାଇଛି। ଏନେଇ ରାହୁଲ କହିଛନ୍ତି, ହିମନ୍ତ ମୋ ବିରୋଧରେ ମାମଲା ରୁଜୁ କରିବା ବୁଦ୍ଧି କେଉଁଠୁ ପାଇଲେ, ତାହା ମୋତେ ଜଣାନାହିଁ। ଭାଜପା ଶାସିତ ଆସାମ ସରକାର ମୋ ବିରୋଧରେ ଯେତେ ଅଧିକ ସମ୍ଭବ ମାମଲା ରୁଜୁ କରନ୍ତୁ। ୨୫ ଏଫ୍‌ଆଇଆର୍ କଲେ ବି ଭୟଭୀତ ହେବାର ନାହିଁ। ପ୍ରକାଶ ଯେ, କଂଗ୍ରେସର ‘ଭାରତ ଯୋଡ଼ୋ ଯାତ୍ରା’ରେ ଥିବା ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ମଙ୍ଗଳବାର ଗୁଆହାଟୀରେ ବ୍ୟାରିକେଡ୍ ଭାଙ୍ଗିବା ପାଇଁ ନିଜ ସମର୍ଥକମାନଙ୍କୁ କହିବାରୁ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଭାଜପା ଅଭିଯୋଗ ଆଣିଥିଲା।

## ଛାତ୍ରଙ୍କ ସହ ଯୌନ ସମ୍ପର୍କ: ଶିକ୍ଷୟିତ୍ରୀଙ୍କୁ ଆଜୀବନ ଜେଲ

ଆର୍କାନ୍‌ସାସ୍ (ଆମେରିକା), ୨୪।୧



ହିଦର୍ ହରେ

ଆମେରିକାର ଆର୍କାନ୍‌ସାସ୍ ଠାରେ ଜଣେ ହାଇସ୍କୁଲ ଶିକ୍ଷୟିତ୍ରୀ, ଏକାଧିକବାର ନିଜର ଜଣେ ଛାତ୍ର ସହ ଯୌନ କାର୍ଯ୍ୟକଳାପରେ ଲିପ୍ତ ରହି ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। କାଉନସେଲିଂ କରିବା ବାହାନାରେ ସେ ନିଜର ଜଣେ ୧୭ ବର୍ଷୀୟ ଛାତ୍ର ସହ ଯୌନ ସମ୍ପର୍କ ରଖିଥିଲେ। ସୂଚନା ଅନୁଯାୟୀ ଆର୍କାନ୍‌ସାସ୍ ସ୍ଥିତ ବ୍ରାଏଁଟ ହାଇସ୍କୁଲର ହିଦର୍ ହରେ ନାମକ ଜଣେ ଶିକ୍ଷୟିତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ନେଇ ଯେତେବେଳେ ଛାତ୍ର ଜଣଙ୍କ ଏତଲା ଦେଇଥିଲେ, ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ସହ ଶିକ୍ଷୟିତ୍ରୀ ହରେ ଗିରଫ ହୋଇଥିଲେ। ୨୦୨୧ରୁ ୨୦୨୨ ମଧ୍ୟରେ ହରେ ପ୍ରାୟ ୨୦ରୁ ୩୦ ଥର ତାଙ୍କ ସହ ଯୌନ କାର୍ଯ୍ୟକଳାପରେ ନିୟୋଜିତ ଥିବା ଏହି ଛାତ୍ର ଜଣଙ୍କ ସୂଚନା ଦେଇଛନ୍ତି। ଏହି ସବୁ ଯୌନ କାର୍ଯ୍ୟକଳାପ ହରେ ନିଜ ବାସଭବନ, ନିଜ ଚାରିଚକିଆ ଯାନ ଓ କ୍ଲାସ୍‌ରୁମ୍ ଆଦିରେ କରିଥିବା ଅଭିଯୋଗ କରିଛନ୍ତି ଉକ୍ତ ନାବାଳକ ଛାତ୍ର। ବିବାହିତା ଥିବା ଏହି ଶିକ୍ଷୟିତ୍ରୀ ଜଣଙ୍କ ପୋଲିସ ସାମ୍ନାରେ ନିଜର ଦୋଷ ସ୍ୱୀକାର କରିଛନ୍ତି।

## ଏୟାର ଇଣ୍ଡିଆକୁ ୧.୧ କୋଟି ଜରିମାନା

ନୂଆଦିଲ୍ଲୀ, ୨୪।୧

ସୁରକ୍ଷା ନିୟମକୁ ଉଲ୍ଲଂଘନ କରିଥିବାରୁ ଏୟାର ଇଣ୍ଡିଆକୁ ୧ କୋଟି ୧୦ ଲକ୍ଷ ଟଙ୍କାର ଜରିମାନା କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)। ସୂଚନା ମୁତାବକ ଏୟାର ଇଣ୍ଡିଆର ଜଣେ କର୍ମଚାରୀ କିଛି ନିର୍ଦ୍ଦିଷ୍ଟ ଦୂରଗାମୀ ରୁଟ୍ ଗୁଡ଼ିକରେ ଏୟାରଲାଇନ୍ସ ଦ୍ୱାରା ସୁରକ୍ଷା ନିୟମ ଉଲ୍ଲଂଘନ ହେଉଥିବାର ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ଆଧାରରେ ଡିଜିସିଏ ପକ୍ଷରୁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏୟାର ଇଣ୍ଡିଆ ପକ୍ଷରୁ ଏହି କାରଣ ଦର୍ଶାଅ ନୋଟିସର ଉତ୍ତର ଦିଆଯିବା ସହ ଡିଜିସିଏ ନିକଟରେ ଏକ ସୁରକ୍ଷା ରିପୋର୍ଟ ଦାଖଲ କରାଯାଇଥିଲା। ପରେ ଏହି ରିପୋର୍ଟକୁ ଆଧାରକରି ଡିଜିସିଏ ଦ୍ୱାରା ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇଥିବା ବେଳେ କିଛି ସୁରକ୍ଷା ନିୟମ ଉଲ୍ଲଂଘନ ହୋଇଥିବା ସାମ୍ନାକୁ ଆସିଥିଲା।

## ୬ ସହକର୍ମୀଙ୍କୁ ଗୁଳି, ଯବାନଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁଆହାଟୀ, ୨୪।୧

ଭାରତ ମ୍ୟାନ୍‌ମାର ସୀମା ନିକଟରେ ମଣିପୁରର ଚାନ୍ଦେଲ ଜିଲାରେ ଥିବା ଆସାମ ରାଇଫଲ୍ସ ବାଟାଲିଅନରେ ଅଘଟଣ। ଆସାମ ରାଇଫଲ୍ସର ଜଣେ ଯବାନ ନିଜର ୬ ଜଣ ସହକର୍ମୀଙ୍କୁ ଗୁଳିକରି ପରେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛନ୍ତି। ଏହି ଗୁଳିକାଣ୍ଡରେ ଆହତ ହୋଇଥିବା ଆସାମ ରାଇଫଲ୍ସର ସମସ୍ତ ୬ ଯବାନଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସିତ ହେଉଥିବା ସମସ୍ତ ଆହତ ଯବାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ଦେଇଛି ମେଡିକାଲ ପ୍ରଶାସନ। ତେବେ ଆହତ ହୋଇଥିବା ସମସ୍ତ ୬ ଯବାନ ମଣିପୁରର ହୋଇ ନଥିବା ସ୍ଥାନୀୟ ପ୍ରଶାସନ ସ୍ପଷ୍ଟ କରିଛି। ତେବେ ମଣିପୁରରେ ଚାଲିଥିବା ଜାତିଗତ ହିଂସା ସହ ଏହି ଘଟଣାର କୌଣସି ସମ୍ପର୍କ ନଥିବା କହିଛି ଆସାମ ରାଇଫଲ୍ସ। ସୂଚନାଯୋଗ୍ୟ, ଉକ୍ତ ଯବାନ ଜଣଙ୍କ ଚୁରାଚାନ୍ଦପୁରରେ ଥିବା ନିଜ ଘରୁ ଛୁଟି ସାରି ପୁନର୍ବାର ଆସାମ ରାଇଫଲ୍ସ ବାଟାଲିଅନରେ ଯୋଗଦେଇଥିଲେ। ତେବେ ଉକ୍ତ ଯବାନ ଜଣଙ୍କ କାହିଁକି ନିଜ ସହକର୍ମୀଙ୍କ ଉପରକୁ ଗୁଳିଚାଳନା କରିବା ସହ ନିଜେ ଆତ୍ମହତ୍ୟା କଲେ ସେନେଇ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ଆସାମ ରାଇଫଲ୍ସର ଜଣେ ବରିଷ୍ଠ ଅଧିକାରୀ।

ଫୁରସତ୍

# ମତଦାତା ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ଭୋଟର ଦିବସ

**ଅ**ଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗନେବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ଜାନୁଆରୀ ୨୫କୁ ‘ଜାତୀୟ ଭୋଟର ଦିବସ’ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ନିର୍ବାଚନ ଆୟୋଗର ମୂଳ ଦିବସ ପାଳନ ପାଇଁ ଏହା ୨୫ ଜାନୁଆରୀ ୨୦୧୧ରୁ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଏଥିପାଇଁ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରିଥିବା ନେଇ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅମ୍ବିକା ସୋନି ଗଣମାଧ୍ୟମକୁ କହିଥିଲେ।



୧୮ ବର୍ଷ ବୟସ ହାସଲ କରିଥିବା ନୂତନ ଭୋଟରଙ୍କୁ ନଜରରେ ରଖି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଆଗ୍ରହ ଦେଖାଉ ନ ଥିବାରୁ ସେ କହିଥିଲେ କେତେକ କ୍ଷେତ୍ରରେ ସେମାନଙ୍କ ନାମଲେଖା ସ୍ତର ୨୦ରୁ ୨୫ ପ୍ରତିଶତ କମ୍ ରହିଛି। ଏହି ସମସ୍ୟାର ଫଳପ୍ରଦ ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଦେଶର ବିଭିନ୍ନ ମତଦାନ କେନ୍ଦ୍ରରେ ପ୍ରତିବର୍ଷ ଜାନୁଆରୀ ୧ରୁ ୧୮ ବର୍ଷ ବୟସ ହାସଲ କରିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହିପରି ଯୋଗ୍ୟ ଭୋଟରମାନେ ଠିକ୍ ସମୟରେ ନାମ ପଞ୍ଜୀକରଣ ଏବଂ ପ୍ରତିବର୍ଷ ଜାନୁଆରୀ ୨୫ରେ ସେମାନଙ୍କର ଇଲେକ୍ଟୋରାଲ ଫଟୋ ପରିଚୟ କାର୍ଡ (ଇପିସିଆଇ) ହସ୍ତାନ୍ତର କରାଯିବ ବୋଲି ସୋନି କହିଥିଲେ। ଏହି ପଦକ୍ଷେପ ଯୁବକମାନଙ୍କୁ ସଶକ୍ତୀକରଣ, ଗର୍ବ ଏବଂ ସେମାନଙ୍କ ଫ୍ରାଞ୍ଚାଇଜ୍ ଚଳାଇବା ପାଇଁ ପ୍ରେରଣା ଯୋଗାଇଥାଏ।

## ୨୦୨୫ ଖ୍ରୀଷ୍ଟମାସରେ ଭିକ୍କିଙ୍କ ‘ଲଭ ଆଣ୍ଡ ୱାର୍’

**ମୁମ୍ବାଇ:** ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀ ଫିଲ୍ମ ‘ଲଭ ଆଣ୍ଡ ୱାର୍’ ସହିତ ପୁଣି ଥରେ ସେ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କର ଏହି ଫିଲ୍ମରେ ରଣବୀର ଭିକ୍କି କୌଶଲ କପୁର, ଆଲିଆ ଭଟ୍ଟଙ୍କୁ ଏକାଠି ଦେଖିବାକୁ ମିଳିବ। ଆଗରୁ ଏନେଇ ଆଲୋଚନା ହେଉଥିଲାବେଳେ ଏବେ ଏହି ଖବର ନିଶ୍ଚିତ ହୋଇଛି। ଏଥିସହ ନିର୍ଦ୍ଦେଶକ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଖ୍ରୀଷ୍ଟମାସ ଅବସରରେ ଡିସେମ୍ବର ୨୫ରେ ସିନେମା ଘରକୁ ଆସିବ। ଭିକ୍କି ଏନେଇ ଇନ୍‌ଷ୍ଟାଗ୍ରାମରେ ବୁଧବାର ଫିଲ୍ମର ଏକ ପୋଷ୍ଟର ଶେୟାର କରିଥିବାବେଳେ ପ୍ରଶଂସକମାନେ ଖୁସିବ୍ୟକ୍ତ କରିଛନ୍ତି। ଅନେକ ପ୍ରଶଂସକ ଫିଲ୍ମରେ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ସାମିଲ କରିବାକୁ ଆଶା ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ ଭଁସାଲୀଙ୍କ ସହ ରଣବୀର ଏବଂ ଆଲିଆଙ୍କ ଏହା ୨ୟ ଫିଲ୍ମ ହେବ। ଏହା ପୂର୍ବରୁ ଭିକ୍କିଙ୍କୁ ଫିଲ୍ମ ‘ସାମ୍ ବାହାଦୁର’ରେ ଦେଖିବାକୁ ମିଳିଥିଲା।



ଭିକ୍କି କୌଶଲ

## ‘ନେକେଡ୍ ମ୍ୟାନ୍’ ଉତ୍ସବରେ ମହିଳାଙ୍କୁ ଅନୁମତି

**ଟୋକିଓ:** ଜାପାନରେ ଆୟୋଜିତ ହେବାକୁ ଥିବା ‘ନେକେଡ୍ ମ୍ୟାନ୍’ ଉତ୍ସବରେ ମହିଳାଙ୍କୁ ଭାଗନେବାକୁ ସୁଯୋଗ ମିଳିଛି, ଯାହା ୧୨୫୦ ବର୍ଷର ଇତିହାସରେ ପ୍ରଥମ। ହାଡାକା ମାଟସୁରି ନାମକ ଜଣାଶୁଣା ଏହି ପର୍ବ ହେଉଛି ଜାପାନର ଆଇଚି ପ୍ରିଫେକ୍ଟରର ଇନାଜାୱା ସହରରେ ଥିବା କୋନୋମିଆ ଧର୍ମପୀଠ ଦ୍ୱାରା ଆୟୋଜିତ ଏକ ପାରମ୍ପରିକ କାର୍ଯ୍ୟକ୍ରମ। ଫେବୃଆରୀ ୨୨ ତାରିଖରେ ଏହି ଉତ୍ସବ ଆୟୋଜନ ହେବାକୁ ଥିବାବେଳେ ଏଥିରେ ୧୦ ହଜାର ପୁରୁଷ ଭାଗନେବେ ବୋଲି ଆଶା କରାଯାଉଛି। ଏହି ଉତ୍ସବର ଆୟୋଜକ କମିଟି ମହିଳାଙ୍କ ଅଂଶଗ୍ରହଣକୁ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇଥିଲା। ମହାମାରୀ ପାଇଁ ୩ ବର୍ଷ ହେବ ଉତ୍ସବ ଆୟୋଜନ ହୋଇ ନ ଥିଲା। ଉତ୍ସବରେ ଭାଗ ନେବାକୁ ମହିଳାଙ୍କ ଅନୁରୋଧ ଆସିଥିଲା । ହେଲେ ଏଥର କେବଳ ୪୦ ଜଣ ମହିଳାଙ୍କୁ ଏଥିରେ ଭାଗନେବାକୁ କିଛି ରୀତିନୀତି ସହିତ ଅନୁମତି ମିଳିଛି। ତେବେ ମହିଳାମାନେ ଉତ୍ସବରେ କେବଳ ନାଓଇଜାସା ରୀତିନୀତିରେ ଅଂଶଗ୍ରହଣ କରିବେ। ଯେଉଁଥିରେ ସେମାନଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବାକୁ ପଡ଼ିବ। ଏଥିସହ ସେମାନେ ଲୁଙ୍ଗାୟିତ ଉଲଗ୍ନ ପୁରୁଷଙ୍କ ପାରମ୍ପରିକ ହିଂସାତ୍ମକ ସଂଘର୍ଷରୁ ଦୂରେଇ ରହିବେ।



# ପର୍ଯ୍ୟଟନର ବିକାଶରେ ଦେଶର ବିକାଶ



## ଜାତୀୟ ପର୍ଯ୍ୟଟନ ଦିବସ

**ପ**ର୍ଯ୍ୟଟନର ବିକାଶରେ ଦେଶର ବିକାଶ ସମ୍ଭବ ହୋଇପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ୨୫ରେ ଭାରତରେ ‘ଜାତୀୟ ପର୍ଯ୍ୟଟନ ଦିବସ’ ପାଳନ କରାଯାଇଥାଏ। ଭାରତରେ ପର୍ଯ୍ୟଟନର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ପ୍ରଦର୍ଶନ କରିବା ଏହି ଦିନ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତରେ ସାଂସ୍କୃତିକ, ଐତିହ୍ୟ, ଗ୍ରାମୀଣ, ପ୍ରକୃତି, ଶିକ୍ଷାଗତ, କ୍ରୀଡ଼ା, ଇକୋ-ଟୁରିଜମ ଇତ୍ୟାଦି ବିଭିନ୍ନ ପ୍ରକାରର ପର୍ଯ୍ୟଟନ ରହିଛି। ଭାରତର ବିବିଧତା ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ପ୍ରଦାନ କରିଥାଏ।

୧୯୪୮ ମସିହାରେ ଭାରତ ସରକାର ପର୍ଯ୍ୟଟନ କ୍ଷେତ୍ରର କାର୍ଯ୍ୟ ତଥା ବିକାଶର ଯତ୍ନ ନେବା ପାଇଁ ପର୍ଯ୍ୟଟନ ଏବଂ ଯୋଗାଯୋଗ ମନ୍ତ୍ରଣାଳୟ ଗଠନ କରିଥିଲେ। ସରକାର ଏନେଇ ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରିବା ଆରମ୍ଭ କରିଥିଲେ। ପ୍ରତିବର୍ଷ ଭାରତକୁ ବିଶ୍ୱସ୍ତରର ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଏହି ଦିନ ପର୍ଯ୍ୟଟନ ଶିଳ୍ପରେ କାର୍ଯ୍ୟ କରୁଥିବା ହଜାର ହଜାର ଲୋକଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ଏହି ଦିନ ପର୍ଯ୍ୟଟକଙ୍କ ଅଭିଜ୍ଞତାକୁ ସୁଦୃଢ଼ କରୁଥିବା ସୁବିଧାଗୁଡ଼ିକର ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥାଏ।

## ସଂକ୍ଷେପରେ

### ଅଦିନିଆ ବର୍ଷା ନେଇ ଚିନ୍ତାରେ ଚାଷୀ

ରିଷିଡ଼ା,୨୪।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ରିଷିଡା ଧାନ ମଣ୍ଡିରେ ବିକ୍ରି ପାଇଁ ଧାନ ରଖାଯାଇଛି। ବୁଧବାର ସକାଳୁ ଅଦିନିଆ ବର୍ଷାପାଇଁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ମଣ୍ଡିରେ ଥିବା ଧାନ ପଲିଥିନ ସାହାଯ୍ୟରେ ଘୋଡ଼ାଇ ରଖିଛି। ଯଦି ଅଧିକ ପରିମାଣରେ ବର୍ଷା ହେଲେ ଧାନ ଗଜା ହେବାର ସମ୍ଭାବନା ରହିଛି। ଚାଷୀ ଦାଉ କେତେବେଳେ ପ୍ରକୃତି ସାଜୁଥିବା ବେଳେ ଅଭାବି ଧାନ ବିକ୍ରୀ କେତେବେଳେ ଚିନ୍ତା ବିଷୟ ପାଲଟିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

### ଓଭର ଲୋଡିଂ ନେଇ ପ୍ରଶାସନ ଚୁପ୍



ରିଷିଡ଼ା,୨୪।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ରିଷିଡା କେସିଙ୍ଗା ରାସ୍ତାରେ ପ୍ରତ୍ୟହ ଓଭର ଲୋଡିଂ ଧାନ ଟ୍ରକ ଯାତାୟାତ କରୁଛି। କେତେବେଳେ ରାସ୍ତା ପାର ହୋଇଥିବା ବିଦ୍ୟୁତ୍ ତାର ଛିଣ୍ଡୁଥିବା ବେଳେ କେତେବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ନିଜର ଫାଇଦା ହାସଲ କରିବା ପାଇଁ ଟ୍ରକ ନିର୍ଦ୍ଧାରିତ ଉଚ୍ଚତା ରୁ ୩ ଥାକ ଧାନ ବସ୍ତା ଲୋଡିଂ କରି ଯାତାୟାତ ହେଉଛି। ଏହି ରାସ୍ତାରେ ବ୍ଲକ ତହସିଲ ପ୍ରଶାସନ ସହିତ ପୋଲିସ ଫାଣ୍ଡି ରହିଥିବା ବେଳେ ଓଭର ଲୋଡିଂ ସମସ୍ୟା ପାଇଁ ସମସ୍ତେ ଚୁପ। ଦିନବେଳେ କମ ରାତ୍ରି ସମୟରେ ଅଧିକ ଲୋଡିଂ ଧାନ ଟ୍ରକ ଯାତାୟାତ କରୁଛି ।

### ବାର୍ଷିକ ଉତ୍ସବ ଉପଲକ୍ଷେ ବହୁବର୍ଣ୍ଣା କାନ୍ଥ ପତ୍ରିକା ଉନ୍ମୋଚନ

ଖଡ଼ିଆଳ,୨୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ମହିଳା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ଉପଲକ୍ଷେ ବହୁବର୍ଣ୍ଣା କାନ୍ଥ ପତ୍ରିକା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କୁଳପତି ଡ଼ ସଞ୍ଜୟ ସତପଥି ଉନ୍ମୋଚନ କରିଛନ୍ତି। ପତ୍ରିକା ଉନ୍ମୋଚନ ବେଳେ କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟ, କଲେଜ ପରିଚାଳନା ସଭାପତି ବିନୋଦ ବିହାରୀ ପାଢୀ, ମୁଖ୍ୟବକ୍ତା ସୁଶାନ୍ତ ପାଢୀ, ସମ୍ମାନିତ ଅତିଥି ପୁଷ୍ପାଞ୍ଜଳୀ ନନ୍ଦ, ସିଣ୍ଡିକେଟ ସଦସ୍ୟ ମେଜର ଡ଼ା ରାମ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ବହୁବର୍ଣ୍ଣା ସର୍ବ ସମ୍ପର୍ନ୍ନ। କେବେ ଦୁଇ କୁଳ ହିତାକାଂକ୍ଷୀ ପାଇଁ ଦୁହିତା ନାମ ଦେଇଛନ୍ତି। ଯୁଗେ ଯୁଗରେ ନାରୀ ପ୍ରତିକୂଳ ପରିସ୍ଥିତି ସମ୍ମୁଖୀନ ହୋଇ ସର୍ବସମ୍ପନ୍ନ ଅଟନ୍ତି। ପ୍ରାକ୍ଷ୍ଟ୍ୟତ ଏବଂ ପ୍ରାଚୀନ ଯୁଗର ନାରୀ ଅବଲୋକନ, ମହିଳାଙ୍କ ଭାବନା, କଳ୍ପନାକୁ ଏହି ପତ୍ରିକା ମାଧ୍ୟମରେ ଉପସ୍ଥାପନା ଏକ ପ୍ରୟାସ ମାତ୍ର ବୋଲି କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହା, ପ୍ରତିବାଦ

ନୂଆପଡ଼ା,୨୪।୧(ମକାରୁ ବେମାଲ)

ଭାରତ ଯୋଡ ନ୍ୟାୟ ଯାତ୍ରା ଚାଲିଥିବା ବେଳେ ଆସାମ ସରକାରଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସର ପୋଷ୍ଟର ସବୁ ଚିରି ଦେଇ କଂଗ୍ରେସ କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ସଦର ମହକୁମା ବସଷ୍ଟାଣ୍ଡଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହା କରାଯାଇଛି। ରାହୁଲ ଗାନ୍ଧୀଙ୍କ ଉପରେ କଠୋର ମନ୍ତବ୍ୟ, ଦୁର୍ନୀତିଗ୍ରସ୍ତ ପରିବା କହି ଗାଳି ଦେଇ ଏହା ନ୍ୟାୟ ଯାତ୍ରା ନୁହେଁ ମିଆଁ ଯାତ୍ରା ବୋଲି କହିବାରୁ ତୀବ୍ର ପ୍ରତିବାଦ କରିଛନ୍ତି। ଏହି ସମୟରେ ଅଭୟ ଶଙ୍କର ଯୋଶୀ, ଭୀଷ୍ମ ସୁନାନୀ, ତେଜରାଜ ଶବର, କୁଳଦୀପ ସୁରଜ, ଚୁନୁ ଶବର ପ୍ରମୁଖ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ

ନୂଆପଡ଼ା,୨୪।୧(ମକାରୁ ବେମାଲ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

- ବଜାର ବ୍ୟବସ୍ଥା ନାହିଁ, ପିଆଜ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳୁନି
- ପିଆଜ ପାଇଁ ପାକ୍ସ ହାଉସ ନିର୍ମାଣ ହେବ: ଜିଲାପାଳ
- ମାଣ୍ଡୋସିଲ ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତ, ଶ୍ରେଷ୍ଠ ଚାଷୀ ଚଞ୍ଚଳସାଏ ଶବର

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ବୁଧବାର ଉଦଯାପିତ ହୋଇଯାଉଛି। ନିମ୍ନ ଜଳ ସେଚନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସଞ୍ଜିବ ଜ୍ଞାନ ବାତ୍ରାଙ୍କ ଅଧକ୍ଷତାରେ ଉଦଯାପନୀ ସଭାରେ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି, ଜିଲା ପରିଷଦ ଉପାଧକ୍ଷା ଦିପିକା ଦୀପ, ଜିଲା ପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝି, ଆମ ଓଡିଶା ନବୀନ ଓଡିଶା ଜିଲା ସଂଯୋଜକ ରାମଲାଲ ହଂସ, କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ.ଶାସତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ। ଏହାବ୍ୟତୀତ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ କେନାଲ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆ, ନୂଆପଡା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉଜ୍ଜଳ ଜାନି ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡ଼ା ଜିଲାର ଜଳସେଚନ ଠିକ ସମୟରେ ବଣ୍ଟନକୁ ନେଇ ମତବ୍ୟକ୍ତ କରିଥିଲେ। ଜିଲାରେ ଉତ୍ପାଦିତ ଦ୍ରବ୍ୟର ବାଜାରୀକରଣ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସମ୍ପ୍ରତି ଜିଲାରେ ପିଆଜ ଅଧିକ ଉତ୍ପାଦନ ହେଉଥିଲେ ମଧ ବଜାର ବ୍ୟବସ୍ଥା ନ ଥିବାରୁ କୃଷକ ତାର ଉଚିତ ମୂଲ୍ୟ ପାଇପାରୁ ନାହିଁ। ଉଠାଜଳସେଚନ ପ୍ରକଳ୍ପରେ ନୂଆପଡା ବ୍ଲକକୁ ସାମିଲ ନ କରିବା ବିଷୟ ନେଇ ମଧ ଉପସ୍ଥାପିତ ହୋଇଥିଲା। ସେହିପରି ନୂଆପଡାରେ ଉତ୍ପାଦିତ ହେଉଥିବା ଷ୍ଟ୍ରବେରୀ ପାଇଁ ମଧ ବଜାର ଅଭାବ ରହିଥିବା ବକ୍ତାମାନେ ଉଠାଇଥିଲେ। ଜିଲାପାଳ ସାଏ ସବୁ ଜିନିଷ ଅବଶ୍ୟକତା ଓ ବ୍ୟବହାର ଉପରେ ନିର୍ଭର କରେ। ଆମେ ବହୁତ ଶୀଘ୍ର ପିଆଜ ପାଇଁ ପାକ୍ସ ହାଉସ ନିର୍ମାଣ କରୁଛୁ ବୋଲି ଜଣାଇବା ସହ ଷ୍ଟ୍ରବେରି ସ୍ଥାନୀୟ ବଜାରରେ ବିକ୍ରି ନ ହୋଇ ଅନ୍ୟତ୍ର ଯାଉଥିବା ଦର୍ଶାଇଥିଲେ। ଉଠାଜଳସେଚନ ପକ୍ଷରୁ ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଖଡିଆଳର ମାଣ୍ଡୋସିଲ ପାଣି ପଞ୍ଚାୟତ ଓ ଜିଲାର ଶ୍ରେଷ୍ଠ ଚାଷୀ ଭାବେ କୋମନା ବ୍ଲକ ସିଲଭା ଗ୍ରାମର ଚଞ୍ଚଳ ସାଏ ଶବରଙ୍କୁ ପୁରସ୍କୃତ କରାଯାଇଥିଲା। ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ବିଭିନ୍ନ ପ୍ରତିଯୋଗୀତାରେ ସୌମ୍ୟଜିତ ପଟ୍ଟନାୟକ ପ୍ରଥମ, ଇପସିତା ଦୁବେ ଦ୍ୱିତୀୟ, ରୁପେଶ କୁମାର ସାହୁ ତୃତୀୟ, ବକ୍ତୃତାରେ ଅଶିସ ପ୍ରିୟାଂଶୁ ସାହୁ ପ୍ରଥମ, ଆଶୀର୍ବାଦ ବେହେରା ଦ୍ୱିତୀୟ, ରେଖା ରିହାନ ତୃତୀୟ, କୁଇଜରେ ଅଶିସ ପ୍ରିୟାଂଶୁ ପ୍ରଥମ, ହର୍ଷିତ କୁମାର ମେହେର ଦ୍ୱିତୀୟ, କାହ୍ନୁ ଚରଣ ଶବର ତୃତୀୟ, ଚିତ୍ରାଙ୍କନରେ ଲକ୍ଷ୍ମି କୁମାର ନାଗ ପ୍ରଥମ, ଦେବରାଜ ବାରିକ ଦ୍ୱିତୀୟ, ତୋମେଶରୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଛାତ୍ର ନୟନ ବାଗ ନିଜର ପ୍ରକଳ୍ପ ପ୍ରଦର୍ଶିତ କରି ରାଜ୍ୟସ୍ତରକୁ ଚୟନ ହୋଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଅନଲାଇନ କୁଇଜରେ କିଶୋର କୁମାର ମେହେର, ଶୁଭମ ତାଣ୍ଡି, ସତ୍ୟଜିତ ସାହୁ, ସତ୍ୟମ ଚନ୍ଦ୍ରକାର, ସରୋଜ କୁମାର ଭୋଇ, ଶୋଭାଗିଂନି ସାହୁ, ନରେନ୍ଦ୍ର ବାଗ ଓ ମାନରଞ୍ଜନ ଚଲାନଙ୍କୁ ସମ୍ମାନିତ କରାଯାଇଥିଲା। ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଲୋପ ପାଇଯାଉଛି ପୁଷ୍‌ପୁନି, ଶୁଭିଲା ନାହିଁ ଛେରଛେରା ସ୍ୱର

ନୂଆପଡ଼ା,୨୪।୧(ମକାରୁ ବେମାଲ)

ଅଦିନିଆ ଲଗାଣ ବର୍ଷା ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ପୁଷପୁନିକୁ ଫିକା କରିଦେଇଛି। ଦିନ ତମାମ ଝିପି ଝିପି ବର୍ଷା ଲାଗି ରହିଥିବାରୁ କୁନି କୁନି ପିଲାଛୁଆ କିମ୍ବା ବୟୋଜ୍ୟୋଷ୍ଟ ବୃଦ୍ଧାବୃଦ୍ଧମାନେ ହାତରେ ଭୁଗା, ଚୁପା, ବ୍ୟାଗ ଧରି ଦେ ଗୋ ବୁଢି ଛେରଛେରା ଇଘର ବୁଢି କାହି ଗଲା ମଡାପିଠା ଦେବି କହିଥିଲା ବୋଲି ଘରକୁ ଘର ଛେରଛେରା ମାଗି ଯାଇ ଧାନ, ଚାଉଳ, ମାଣ୍ଡିଆ, କୋଦୋ, ଟଙ୍କା ପଇସା ଯାହା ଦେଲେ ଆଣିଥାନ୍ତି। ଅଦିନିଆ ବର୍ଷା ପାଇଁ ଶୁଭିଲା ନାହିଁ ଛେରଛେରାର ସ୍ୱର। ପଶ୍ଚିମ ଓଡିଶା ପାଇଁ ଏହା ଏକ ବଡପର୍ବ। ବର୍ଷକର ଚାଷ କାମ ସାରି ନିଜ ଉତ୍ପାଦିତ ଦ୍ରବ୍ୟକୁ ଘରେ ଆଣି ଘରେ ସାଇତି ରଖି ଏହି ପୂର୍ଣ୍ଣିମାରେ ଚାଷୀଭାଇମାନଙ୍କ ମଧ୍ୟରେ ମହାମିଳନ ହୋଇ ଘରେ ଘରେ ଭୋଜିଭାତର ଆସର ଜମିଥାଏ। ଧନୀ, ଗରିବ ସମସ୍ତେ ଏହି ଦିନରେ ପରସ୍ପର ମଧ୍ୟରେ ମିଳନ ହୋଇ ଘରକୁ ଘର ବୁଲି ଯାଇ ନିଜ ନିଜ ଭିତରେ ଜୁହାରଭେଟ ହୋଇଥାଏ। ଯେଉଁ ଗରିବ ଶ୍ରେଣୀର ଲୋକମାନେ ମହାଜନ ବା ସାଉକାର ପାଖରେ ଜମି ଚାଷ କରିବା ପାଇଁ ହଳିଆ ରହଥାନ୍ତି। ଏହିପୁଷପୁନିଦନରେ ତାଙ୍କର ଛୁଟି ହୋଇଥାଏ ବୋଲି ଚାଷୀ ଓ ହଳିଆମାନେ ଧୁମଧାମରେ ପର୍ବକୁ ପାଳନ କରିଥାନ୍ତି। ଦୁଇ ଚାରି ଦିନ ବନ୍ଧୁବାନ୍ଧବ ଘର କିମ୍ବା ବୁଲା ବୁଲି କରି ପୁଣି ମହାଜନଠାରେ ଗୋଟିଏ ବର୍ଷ ପାଇଁ ହଳିଆ ରହିଥାନ୍ତି। ଏହି ଦିନରେ ନିଜ ସମ୍ପର୍କୀୟ ଓ ବୟୋଜ୍ୟୋଷ୍ଠମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥାନ୍ତି।



ବର୍ଷା ପାଣିରେ ଭିଜି ଛେରଛେରା ମାଗୁଛନ୍ତି।

# ଜାତୀୟ ଶିଶୁକନ୍ୟା ଦିବସରେ ବିଭିନ୍ନ ପ୍ରତିଯୋଗିତା



ଜାତୀୟ ଶିଶୁକନ୍ୟା ଦିବସରେ ଯୋଗଦେଇଥିବା ଅତିଥି।

ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)

ବର୍ତ୍ତମାନ ସମାଜରେ ପୁରୁଷ ଓ ନାରୀର ଭୂମିକା ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟେ ସମାନ ଭାବେ ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ କ୍ଷେତ୍ରରେ ଭାଗିଦାର ହେବାର ଆବଶ୍ୟକତା ରହିଛି। ସେଥିପାଇଁ ପ୍ରାରମ୍ଭିକସ୍ତରରେ ଶିଶୁକନ୍ୟାମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ସହ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଏଥିପ୍ରତି ପ୍ରତିଟି ପରିବାର ସଚେତନ ହେବା ସମୟ ଆସିଯାଇଛି ବୋଲି ବୁଧବାର ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ମତପ୍ରକାଶ ପାଇଛି। ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର, ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା, ଭବାନୀପାଟଣା ଏବିଇଓ ଜୟକୁମାର ମାଝି, ଜିଲା ବାଳିକା ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ୧୩ଟି ବ୍ଲକରୁ ଆସିଥିବା ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଶିକ୍ଷକ ତପନ ଦାଶ, ଚନ୍ଦନ ସାହୁ, ଶ୍ୟାମସୁନ୍ଦର ପଣ୍ଡା, ଯୁଧିଷ୍ଠିର ମୁଦୁଲି, ସଂଜୀବ ପାଢ଼ୀ, ପ୍ରତିଭା ରଥ, ସ୍ମିତା ଚୌଧୁରୀ, ଜି. ସ୍ୱାତୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ମୁଖ୍ୟବକ୍ତା ଭାବେ ଗବେଷକ ସତ୍ୟ ମୁଣ୍ଡଛିନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା। କାର୍ଯ୍ୟକ୍ରମରେ ଶିକ୍ଷକ ବୀରେନ୍ଦ୍ର ଆଚାର୍ଯ୍ୟ, ସଞ୍ଜିତ ସାହୁ, ସଞ୍ଜୀବ ପାଢ଼ୀ, ରଞ୍ଜନ ମେହେର, ସଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଆମ ଓ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କୋକସରା,୨୪।୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଓ ମାଝିଗୁଡା ପଞ୍ଚାୟତରେ ବୁଧବାର ଆମ ଓ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ମାଝିଗୁଡା ପଞ୍ଚାୟତରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କୋକସରା ବିଡିଓ ସ୍ନେହାପ୍ରଭା ମାଝି, ମାଝିଗୁଡା ସରପଞ୍ଚ ମାମି ବାଗ, ସମିତି ସଭ୍ୟା ନମିତା ଚଣ୍ଡି, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ବିଜେଡି ନେତା ଦୁର୍ଗା ନାଏକ, ବିଜେଡି ବ୍ଲକ ସମ୍ପାଦକ ପଙ୍କଜ ପୋଢ଼ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ଓଡିଶାର ବିକାଶ ପାଇଁ ବିଜେଡି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅତିଥିମାନେ କହିଥିଲେ। ସେହିପରି କାଶିବାହାଲ ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କୋକସରା ରାଜୀବ ଅଗ୍ରୱାଲ, ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନାଏକ ଉପସ୍ଥିତ ରହିଥିଲେ। ମାଝିଗୁଡା ପଞ୍ଚାୟତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ପିଇଓ ଭବିଷ୍ୟତ ପଟେଲ କାର୍ଯ୍ୟକ୍ରମ ପରିଚାଳନା ଏବଂ ତ୍ରିଲୋଚନ ବାଗ ମଞ୍ଚ ପରିଚାଳନା କରିଥିଲେ।

# ଅଦିନିଆ ବର୍ଷାରେ ଡାଲି ଜାତୀୟ ଫସଲ ପ୍ରଭାବିତ

ରିଷିଡ଼ା, ୨୪।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେଲା କୋହଲା ପାଗ ଓ ବର୍ଷା ଯୋଗୁ ଏହି ଅଞ୍ଚଳରେ ଡ଼ାଲି ଜାତୀୟ ଫସଲ ପ୍ରଭାବିତ ହୋଇଛି। ବିଶେଷ କରି ହରଡ଼, ମୁଗ, ବିରି, କୋଲଥ, ଚାଷ ପ୍ରଭାବିତ ହୋଇଛି । ଜାନୁଆରୀ ଓ ଫେବୃଆରୀ ମାସରେ ଡାଲି ଜାତୀୟ ଫସଲ ଗୁଡ଼ିକ ଫୁଲ ଆସିଥାଏ। ଖରାପ ପାଗ ଯୋଗୁ ଏହି ଚାଷ ଅମଳ ମଧ ପ୍ରଭାବିତ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସମ୍ପ୍ରତି ଏହି ବ୍ଲକର ତେଲନଦୀ କୂଳବର୍ତ୍ତି ବୁଢ଼ୀ ପଦର, ଖରଜୁରା, ପୌରକେଲା, ତେରେକେଲା, କୁନ୍ଦେଇପାଲି, ତେରେସିହା, ବିନ୍ଧାଣୀ, ଫୁଟିଗାଁ ଏବଂ ଉତ୍ତେଇ ନଦୀ, କୂଳବର୍ତ୍ତି ସ-ମାଳପଡା ରେଗେଡା ଅଞ୍ଚଳ ଚାଷୀମାନେ ବିଶେଷ ପ୍ରଭାବିତ ହେବେ। ସମ୍ପ୍ରତି କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ପାରମ୍ପରିକ ଧାନ ଚାଷ ବ୍ୟତୀତ ଡାଲି ଜାତୀୟ ଫସଲ ଉପରେ ବିଶେଷ ନିର୍ଭର କରିଥାନ୍ତି ଏହି ଅଞ୍ଚଳର ଚାଷୀ।



ବର୍ଷାରେ ନଷ୍ଟ ହୋଇଥିବା ଡାଲି ଚାଷ କ୍ଷେତରେ ଉପସ୍ଥିତ ଚାଷୀମାନେ।

# ବାଲିଖମାରକୁ ହରାଇ ବଞ୍ଜାରୀ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ନୂଆପଡ଼ା,୨୪।୧(ମକାରୁ ବେମାଲ)

**ମହାକୁଡ ସିଂ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ନୂଆପଡା ଜିଲା ସିଆଲଲଟି ପଞ୍ଚାୟତ ବାଲିଖମାର ଖେଳ ପଡିଆରେ ଚାଲିଥିବା ୭ତମ ମହାକୁଡ ସିଂ ମାଝି ମେମୋରିଆ କ୍ରିକେଟ ଟୁର୍ନାମେଂଟ ବୁଧବାର ଉଦଯାପିତ ହୋଇଯାଇଛି। ମା' ଦୁଆରସେନି କ୍ରିକେଟ କ୍ଲବ ବାଲିଖମାର ଆନୁକୂଲ୍ୟରେ ଆୟୋଜିତ ଫାଇନାଲ ଖେଳ ବଞ୍ଜାରୀ ଓ ବାଲିଖମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଖମାରକୁ ହରାଇ ବଞ୍ଜାରୀ ଚାମ୍ପିୟନ ହୋଇଥିଲା। ଉଦଯାପନୀ ମ୍ୟାଚରେ ନୂଆପଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗତରାମ ମାଝି ମୁଖ୍ୟଅତିଥି, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ପୂର୍ବତନ ସରପଞ୍ଚ ଦିବ୍ୟସିଂ ମାଝି, ରୁଦ୍ରସିଂ ମାଝି, ଗୁପ୍ତାଶ୍ୱର କୁମ୍ଭାର, କମଲେଶ ସିଂ ଠାକୁର, କପାଟ ସିଂ ମାଝି, ମନସାଏ ଧରୁଆ, ହଳଧର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଉଦିତ ମାଝି, ମ୍ୟାନ ଅଫ ଦି ମ୍ୟାଚ ଧରମଙ୍କୁ ପ୍ରଦାନ କରାଯାଇଥିଲା। ଆୟୋଜକ କମିଟି ସଭାପତି ଅଜିତ ମାଝି, ସମ୍ପାଦକ ଉଜଳ ସିଂ ମାଝି, ଜ୍ଞାନେଶ୍ୱର ମାଝି, ମାଧବ ମାଝି, ଉଦିତ ମାଝି, ଦିଗବିଜୟ ମାଝି, ହେମରାଜ ମାଝି, ଦୁଷ୍ମନ୍ତ ମାଝି, ଅରୁଣ ମାଝି, ପ୍ରେମ ସିଂ ମାଝି, କିଶୋର ମାଝି, ହବିନ ମାଝି, ନୀଳାମ୍ବର ମାଝି, ଦିନେଶ ମାଝି, ବିଶ୍ୱନାଥ ମାଝି, ରାଜେନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।

# କ୍ଷମତାକୁ ଆସିଲେ ଓଡ଼ିଶାରେ ଓଡ଼ିଆ ଶାସନ ଚଳାଇବେ

ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)



କଂଗ୍ରେସର ହୁଙ୍କାର ଜନସମାବେଶରେ ଦଳୀୟ କର୍ମୀଙ୍କ ସହ ଅନ୍ୟମାନେ ଉପସ୍ଥିତ।

**ଭବାନୀପାଟଣାରେ କଂଗ୍ରେସର ହୁଙ୍କାର ଜନସଭା**

- ଆଦିବାସୀଙ୍କ ବିକାଶ ପାଇଁ ପେଶା ବିଲ୍ ଆଣ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବୁଧବାର କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଉପଲକ୍ଷେ ହୁଙ୍କାର ଜନସଭା ଅନୁଷ୍ଠିତ ହୋଇଥିଲା। ଏହାପୂର୍ବରୁ ମା' ମାଣିକେଶ୍ୱରୀଙ୍କ ମନ୍ଦିରଠାରୁ ବିଶ୍ୱବିଦ୍ୟାଳୟ ଖେଳପଡିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ଅଧକ୍ଷତାରେ ହୁଙ୍କାର ଜନସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଓଡିଶା ପ୍ରଭାରୀ ଅଜୟ କୁମାର, ଜୟପୁର ବିଧାୟକ ତାରବାହିନୀ ପତି, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି, ଜଗନ୍ନାଥ ପଟ୍ଟନାୟକ, ରାସ ବିହାରୀ ବେହେରା, ପୂର୍ବତନ ଏମପି ଜୟରାମ ପାଙ୍ଗି, ନକୁଳ ନାଏକ, କଳାହାଣ୍ଡି ଲୋକ ସଭା ଆସନ ସଂଯୋଜକ ଦ୍ୱାରିକା ମହାପାତ୍ର, ଜିଲା ଯୁବ ନେତା ସାଗର ଚରଣ ଦାସ, ଜିଲା ଯୁବ ସଭାପତି ମହମ୍ମଦ ସାହେବ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ପୂର୍ବତନ ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରସଙ୍ଗକୁ ନେଇ ଦଳୀୟ ନେତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କଳାହାଣ୍ଡିରେ ଧାନ କଟନି ଛଟନି, କପାର ଅଭାବୀ ବିକ୍ରି, ଦାଦନ ସମସ୍ୟା, ବେରୋଜଗାରୀ ପାଇଁ ଉଭୟ ସରକାର ଦାୟୀ ବୋଲି କହିଥିଲେ। ଓଡିଶାରେ ଆଦିବାସୀଙ୍କ ବିକାଶ ପାଇଁ ପେଶା ବିଲ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ ଜୟପୁର ବିଧାୟକ ତାରାବାହିନୀ ପତି। ସେହିପରି ଭାଜପା ଓ ବିଜେଡି ପରସ୍ପର ସ୍ୱାମୀ ସ୍ତ୍ରୀ ବୋଲି କଟାକ୍ଷ କରିଥିଲେ ଓଡିଶା ପ୍ରଭାରୀ ଅଜୟ କୁମାର। ଦେଶରେ ଭାଜପା ଶାସନକୁ ଆସିବା ପରେ ୨ ପ୍ରକାର ହିନ୍ଦୁ ସୃଷ୍ଟି ହୋଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଓଡିଶାରେ ଓଡିଆ ଶାସନ ଚଳାଇବେ ବୋଲି ସେ କହିଥିଲେ। ସଭାକୁ ଜିଲା ସଭାପତି ଭାରତ ଭୂଷଣ ବେମାଲ ଓ ରାଜ୍ୟ ମିଡିଆସେଲ ସଂଯୋଜକ ମୁରଲୀ ନାଏକ ପରିଚାଳନା କରିଥିଲେ। ଜନସଭାରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଅନେକ ବିଜେଡି କର୍ମୀ ସମେତ ବିଭିନ୍ନ ଦଳର, ସଂଘର କାର୍ଯ୍ୟକର୍ତ୍ତା, ସରପଞ୍ଚମାନେ କଂଗ୍ରେସରେ ସାମିଲ ହୋଇଥିଲେ। ଏଥିରେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଶ୍ରୀମତୀ ମାଝି, ଯାଦବ ସମାଜର ଜିଲା ସଭାନେତ୍ରୀ ରଶ୍ମୀରେଖା ରାଉତ ପ୍ରମୁଖ ରହିଥିଲେ। ଜନସଭାରେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ସମବାୟ ସମିତି ସମ୍ପାଦକଙ୍କୁ ୨ବର୍ଷ କାରାଦଣ୍ଡ

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ବ୍ଲକ କେଶାଇପାଲି ସେବା ସମବାୟ ସମିତିର ଅବସରପ୍ରାପ୍ତ ସମ୍ପାଦକ ଆନନ୍ଦ ଚରଣ ସାହୁଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟ ଦଣ୍ଡିତ କରିଛନ୍ତି। ୨୦୦୯ ମସିହାର ଏକ ଲାଞ୍ଚ କାରବାର ମାମଲାର ବୁଧବାର ଶୁଣାଣି କରି ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍ ଅବସରପ୍ରାପ୍ତ ସମ୍ପାଦକ ସାହୁଙ୍କୁ ୨ବର୍ଷ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ କାରାଦଣ୍ଡାଦେଶ ଆହୁରି ୬ମାସ ବୃଦ୍ଧି ପାଇଁ ସ୍ପେଶାଲ ଜଜ୍ ରାୟ ଦେଇଛନ୍ତି। ପ୍ରକାଶଥାଉକି, ଏକ କ୍ୟାଶଲୋନ ଚେକ୍ ରିଲିଜ୍ ପାଇଁ ଲାଞ୍ଚ ନେଉଥିବାବେଳେ ଅବସରପ୍ରାପ୍ତ ସମ୍ପାଦକ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

### ଦହିତାରେ ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ

**ପଦ୍ମପୁର, ୨୪।୧(ପ୍ରଦୀପ୍ତ ଦାଶ):** ନାକା ପଡିଆଠାରେ ମଙ୍ଗଳବାର ନେତାଜୀ କ୍ଲବ ଦହିତା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ସରୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁଶାନ୍ତ ମିଶ୍ର, ଜିଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ସରପଞ୍ଚ ଦମୟନ୍ତୀ ପାଣ୍ଡେ, ଦାଶରଥି ହୋତା, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ମତବ୍ୟକ୍ତ କରିଥିଲେ। ଏ ଅବସରରେ କବି ସମ୍ମିଳନୀ ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବି ମୁନିରାମ କୁମ୍ଭାର, ଅଧିକାରୀ ସା, ନକୁଳ ମେହେର କବିତା ପାଠ କରିଥିଲେ। ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ବରଗଡ଼ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସୁବଳ ସାହୁ ସଭା ସଞ୍ଚାଳନ କରିଥିଲେ ଏବଂ ସମ୍ପାଦକ ଅନନ୍ତ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଦେବରାଜ ମେହେର, କିଶୋର ଭୋଇ, ନୀତେଶ ବାଗ, ଫଟୁ ବାରିକ, ସନ୍ତୋଷ ରଣା, ସୁଭାଷ ରଣା, ଚନ୍ଦ୍ରଭାନୁ ମେହେର, ସଞ୍ଜୟ ସାହୁ, ନୀଳମଣି ସାହୁ, ଦେବେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।



ସୁଦାମା ମାଳିଙ୍କ ସହିତ ଶ୍ରୀକୃଷ୍ଣ, ବଳରାମଙ୍କ ସାକ୍ଷାତ ।



କଂସ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ନୃତ୍ୟାଙ୍ଗନାର ନୃତ୍ୟ ଉପଭୋଗ କରୁଛନ୍ତି କଂସ ମହାରାଜ ।



ବରଗଡ଼ ଉପଜିଲାପାଳ ସସ୍ତ୍ରୀକ କୃଷ୍ଣ, ବଳରାମଙ୍କୁ କାଖେଇଛନ୍ତି ।



ବରଗଡ଼ସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ କଂସ ମହାରାଜ ।

# ମଥୁରାରେ କୃଷ୍ଣ, ବଳରାମଙ୍କୁ ପୂଜାର୍ଚ୍ଚନା

**ଧନୁଯାତ୍ରା ମହୋତ୍ସବର ଦଶମ ଦିବସ**

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ବୁଧବାର ଦଶମ ଦିବସରେ ଅନ୍ୟଦିନ ଭଳି କଂସ ମହାରାଜ ମଥୁରାନଗରୀ ପରିକ୍ରମା କରିଥିବାବେଳେ ଶ୍ରୀକୃଷ୍ଣ ଓ ବଳରାମଙ୍କ ମଥୁରା ଭ୍ରମଣ ଅନ୍ୟତମ ଆକର୍ଷଣ ଥିଲା। ମଥୁରାର ଘରେ ଘରେ ମଥୁରାବାସୀ ଶ୍ରୀକୃଷ୍ଣ, ବଳରାମଙ୍କୁ ପୂଜା କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ବେନିଭାଇଙ୍କୁ ଦୋଳିରେ ମଧ୍ୟ ଝୁଲାଇଥିଲେ। ତେବେ ମଥୁରା ଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ କୃଷ୍ଣ, ବଳରାମଙ୍କ ସାକ୍ଷାତ ହୋଇଥିବାବେଳେ ଖଜୁରଟିକ୍ରା ସ୍କୁଲ ମଣ୍ଡପରେ ବେନିଭାଇଙ୍କୁ ସୁଦାମା ମାଳି ଭେଟିବା ଦୃଶ୍ୟାଭିନୟ ବେଶ୍ ରୋଚକ ଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ବହୁ ଦର୍ଶକଙ୍କ ଭିଡ଼ ହୋଇଥିଲା।

ପରେ ଉପଜିଲାପାଳଙ୍କ ସରକାରୀ ବାସଭବନରେ ଶ୍ରୀକୃଷ୍ଣ, ବଳରାମ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ କୁମାର ନାଗଭୂଷଣ ସସ୍ତ୍ରୀକ ବେନିଭାଇଙ୍କୁ ପୂଜାର୍ଚ୍ଚନା କରିବା ସହିତ



ମଥୁରାନଗରୀରେ କୃଷ୍ଣ, ବଳରାମଙ୍କୁ ପୂଜା କରାଯାଉଛି।

କାଖେଇଥିଲେ। ଏହା ପରେ ଶ୍ରୀକୃଷ୍ଣ, ବଳରାମ ମା' ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲେ ଏବଂ ସେଠାରୁ କୁବଜାଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ। ଅନ୍ୟପଟେ କଂସ ମହାରାଜ ମଥୁରା ପରିକ୍ରମା କରିଥିଲେ। ମଥୁରା ଭ୍ରମଣ ବାଟରେ ବରଗଡ଼ସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ସେ ଯାଇଥିଲେ ଏବଂ ମଥୁରାନଗରୀର ଚାଷୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ରାଜ ଦରବାର ଶୟନ କକ୍ଷରେ ବିଶ୍ରାମ ନେଉଥିବାବେଳେ ଶ୍ରୀକୃଷ୍ଣଙ୍କୁ ସ୍ୱପ୍ନରେ ଦେଖି ପୂର୍ବାପେକ୍ଷା ଆହୁରି ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିଲେ । ପରେ ଭୟ ଦୂର ପାଇଁ ସେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟରେ ମସଗୁଲ ହୋଇଥିଲେ।

**ଆଜିର କାର୍ଯ୍ୟକ୍ରମ**

**୨୫।୧।୨୦୨୪ (ଗୁରୁବାର)**

କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକଠାରେ କୃଷ୍ଣ-ବଳରାମଙ୍କୁ ସ୍ୱାଗତୋତ୍ସବ, କୁବଳୟା ବଧ, ଅଷ୍ଟମଲ୍ଲ ବଧ, ଶିବଧନୁ ଭଗ୍ନ, କ ଂସ ବଧ, ଉଗ୍ରସେନଙ୍କ ରାଜ୍ୟାଭିଷେକ, ଉଦ୍‌ଯାପନୀ ଉତ୍ସବ।

## ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

### ଫୁଟ୍‌ପାଥ୍ ବିକାଳିଙ୍କ ଦୁଃଖ ଅଧିକ

ସେମାନେ ଜଣେ ଲେଖାଏଁ ଫୁଟପାଥ୍ ବିକାଳି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟରୁ ମଥୁରାନଗରୀ(ବରଗଡ଼)କୁ ଆସିଛନ୍ତି। ସାଙ୍ଗରେ ନିଜ ଛୋଟଛୋଟ ପିଲାଛୁଆଙ୍କୁ ବି ଆଣିଛନ୍ତି। କିଏ ନିଜ ଶିଶୁକୁ କାଖେଇ ଫୁଟ୍‌ପାଥ୍‌ରେ ପସରା ମେଲାଇଛନ୍ତି ତ ଆଉ କାହାର ଛୁଆ ସେହି ପସରା ପାଖରେ ଚଲାବୁଲା କରୁଛି। ପସରାରେ ପିଲାଙ୍କ ଖେଳଣା, ଘର ସାଜସଜ୍ଜା ସାମଗ୍ରୀ ଆଦି ରହିଛି। ୧୧ଦିନର ଧନୁଯାତ୍ରା ମହୋତ୍ସବରେ ଦି ପଇସା ରୋଜଗାର କରିବେ ବୋଲି ସେମାନଙ୍କ ଆଶା ରହିଥିଲା। ହେଲେ ଅଦିନିଆଁ ବର୍ଷା ସେହି ଫୁଟ୍‌ପାଥ୍ ବିକାଳିଙ୍କ ଆଶାକୁ ଛାରଖାର୍ କରିଦେଲା। ରୋଜଗାର ତ ଦୂରର କଥା, ସାଙ୍ଗରେ ଆଣିଥିବା ଶିଶୁଙ୍କୁ ବର୍ଷା, ଶୀତ ଦାଉରୁ ସୁରକ୍ଷିତ ରଖିବା ସେମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ମୀନାବଜାର ପଡ଼ିଆର ଖୋଲାସ୍ଥାନରେ ପସରା ମେଲାଇ ବସିଥିବାବେଳେ ଭିଡ଼କୁ ଦେଖି କେତେବେଳେ ପୋଲିସ ତାଙ୍କୁ ଘଉଡ଼ାଉଛି ତ ଆଉ କେତେବେଳେ ରାସ୍ତାକଡ଼େ ପସରା ମେଲାଇ ଥିବାବେଳେ ମଧ୍ୟ ସମଦଶା ଭୋଗିବାକୁ ପଡୁଛି ବୋଲି ଏଭଳି କେତେକ ଫୁଟପାଥ୍ ବିକାଳି କହିଛନ୍ତି ।

### ବର୍ଷା ଯୋଗୁ ଯାତ୍ରା ଫିକା

ଅନ୍ୟବର୍ଷ ତୁଳନାରେ ଏଥର ଧନୁଯାତ୍ରା ମହୋତ୍ସବ ଅଧିକ ଆକର୍ଷଣୀୟ ହେବ ବୋଲି ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକରୁ କୁହାଯାଇଥିଲା। ବିଗତବର୍ଷ ତୁଳନାରେ ମୀନାବଜାର ପଡ଼ିଆ ଅଧିକ ଟଙ୍କା ଅର୍ଥାତ୍ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଟେଣ୍ଡର ମଧ୍ୟ ହୋଇଥିଲା। ସେହିପରି ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରେ ପ୍ରାୟ ୩୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଞ୍ଚ, ଆଲୋକ ସାଜସଜ୍ଜା ହୋଇଥିଲା । ହେଲେ କଳାକାରମାନଙ୍କ ଅଭିନୟ ଚିତ୍ତାକର୍ଷକ ଥିଲେ ସୁଦ୍ଧା ଅଦିନିଆଁ ବର୍ଷା ସବୁ ଆକର୍ଷଣକୁ ଫିକା କରି ଦେଇଥିଲା। ଏପରିକି ଅନ୍ୟଥର ଭଳି ଏଥର ଧନୁଯାତ୍ରାରେ ଦର୍ଶକଙ୍କ ସେଭଳି ସମାଗମ ମଧ୍ୟ ପରିଲକ୍ଷିତ ହୋଇ ନ ଥିଲା। ରାଜ ଅତିଥିଙ୍କ ସଂଖ୍ୟା ମଧ୍ୟ ସେତେ ଅଧିକ ନ ଥିଲା। ଅନ୍ୟପଟେ ଅବ୍ୟବସ୍ଥିତଭାବେ ନିର୍ମିତ ପଲ୍ଲିଶ୍ରୀ ମେଳା, ମୀନାବଜାର ଷ୍ଟଲ ପରିସରରେ ବର୍ଷାପାଣି ଲହଡ଼ି ମାରୁଥିବାବେଳେ ସେଥିପାଇଁ ଦର୍ଶକଙ୍କୁ ମଧ୍ୟ ହଟହଟା ହେବାକୁ ପଡ଼ିଥିଲା।

### ଯାତ୍ରା ବଢ଼ିବନି, ବଢ଼ିପାରେ ମୀନାବଜାର ଅବଧି

ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ଅଦିନିଆ ବର୍ଷା ଏଥର ଏଠାରେ ଚାଲିଥିବା ବେପାର, ବ୍ୟବସାୟକୁ ମଧ୍ୟ ପ୍ରଭାବିତ କରିଛି। ଏହି ମହୋତ୍ସବରେ କେବଳ ଐତିହ୍ୟ, କଳା, ସଂସ୍କୃତି, ପୌରାଣିକ କଥାବସ୍ତୁ ଭରି ରହିଛି, ତାହା ନୁହେଁ ଧନୁଯାତ୍ରା ମହୋତ୍ସବ ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ଦେଇ ଆସୁଛି। ସେଥିପାଇଁ ଧନୁଯାତ୍ରାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦର୍ଶକଙ୍କ ସମେତ କିଛି ରୋଜଗାର ଆଶାରେ ବିଭିନ୍ନ ବ୍ୟବସାୟ ପାଇଁ ଲୋକେ ଧାଇଁ ଆସିଥାନ୍ତି। କିଏ ଦୋଳିଝୁଲା ତ ଆଉ କେହି ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ, ଆଉ କେହି ପିଲାଙ୍କ ଖେଳଣାଠାରୁ ଆରମ୍ଭ କରି ଶାଢ଼ୀ, ମୋବାଇଲ, ଘରକରଣା ସାମଗ୍ରୀ ଆଦି ବିକ୍ରି ପାଇଁ ଦୂର ଦୂରାନ୍ତରୁ ଏଠାକୁ ଧାଇଁ ଆସିଥାନ୍ତି। ବୟନିକା, ପଲ୍ଲିଶ୍ରୀ ମେଳା, ମୀନା ବଜାର ଆଦିରେ ଷ୍ଟଲ ଖୋଲି ସେମାନେ ନିଜ ବ୍ୟବସାୟ କରିଥାନ୍ତି। ଏଥର କିନ୍ତୁ ଅଦିନିଆଁ ବର୍ଷା ସେମାନଙ୍କୁ ନିରାଶ କରି ଦେଇଛି । ଏଭଳିସ୍ଥଳେ ମହୋତ୍ସବକୁ ଆଉ କିଛିଦିନ ବୃଦ୍ଧି କରିବାକୁ କିଛି ଲୋକ ମତ ରଖୁଛନ୍ତି। ମାତ୍ର ଧନୁଯାତ୍ରା ପରମ୍ପରା ଅନୁଯାୟୀ ଏହାର ଅବଧି ୧୧ଦିନ ଏବଂ ଗୁରୁବାର କଂସବଧ ସହିତ ଧନୁଯାତ୍ରା ମହୋତ୍ସବ ଶେଷ ହେବ। ଅନ୍ୟପଟେ ଏଭଳିସ୍ଥଳେ ମୀନାବଜାର ପଡ଼ିଆ, ପଲ୍ଲିଶ୍ରୀ ମେଳା ଅବଧିକୁ ବ୍ୟବସାୟ ପାଇଁ ଆଗକୁ କିଛିଦିନ ବୃଦ୍ଧି କରାଯାଇପାରେ ବୋଲି ସାଧାରଣରେ ଆଲୋଚିତ ହେଉଛି ।

**ଉପସ୍ଥାପନା:**
**ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ**

### ଅଦିନିଆ ବର୍ଷା ନେଇ ଚିନ୍ତାରେ ଚାଷୀ

**ରିଷିଡ଼ା,୨୪।୧(ସୁଶାନ୍ତ ମଲ୍ଲିକ):** ରିଷିଡା ଧାନ ମଣ୍ଡିରେ ବିକ୍ରି ପାଇଁ ଧାନ ରଖାଯାଇଛି। ବୁଧବାର ସକାଳୁ ଅଦିନିଆ ବର୍ଷାପାଇଁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ମଣ୍ଡିରେ ଥିବା ଧାନ ପଲିଥିନ ସାହାଯ୍ୟରେ ଘୋଡ଼ାଇ ରଖିଛି। ଅଧିକ ପରିମାଣରେ ବର୍ଷା ହେଲେ ଧାନ ଗଜା ହେବାର ସମ୍ଭାବନା ରହିଛି। ଚାଷୀ ଦାଉ କେତେବେଳେ ପ୍ରକୃତି ସାଜୁଥିବା ବେଳେ ଅଭାବି ଧାନ ବିକ୍ରି କେତେବେଳେ ଚିନ୍ତା ବିଷୟ ପାଲଟିଛି।

# ଅନ୍ତର୍ନିହିତ ପ୍ରତିଭାର ବିକାଶକୁ ଗୁରୁତ୍ୱ

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ନିଲୀମା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଆଦି ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ କାଉନସିଲର ବେଦମତୀ ସେଠ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ, ଉଦ୍ଧବ ସେଟ ସମ୍ମାନିତ ଅତିଥି ଏବଂ ଶିଶୁ ସାହିତ୍ୟିକ ଡଃ ରବିନାରାୟଣ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶିଶୁମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଗୁଣାବଳୀ ବିକାଶର ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ। ଅନ୍ନପୂର୍ଣ୍ଣା ଦାଶ, ସୁମନ ଗହୀର, ଗୀତାଞ୍ଜଳି ଗରିଆ, ରେଣୁକା ଭୋଇ, ଅଶ୍ଲେଷା ମହାନନ୍ଦ, ଦିବ୍ୟଶ୍ରୀ ଦଣ୍ଡସେନା, ଖୁସି ସାହୁ, ମାନିନୀ ବାଗ, ସଞ୍ଜୟ କୁମ୍ଭାର, ଦେବାନନ୍ଦ ସର୍ଭାଙ୍ଗ, ତିଲେଶ୍ୱରୀ ସୁନା, ଯୋଗେଶ୍ୱରୀ କୁମ୍ଭାର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସରକାରୀ ଯୋଜନା ଉପରେ ସଚେତନତା

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରାଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁନୀତା ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପଞ୍ଚାୟତସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ସେ ଅବଗତ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ସମିତିସଭ୍ୟା ମୈଥିଳୀ ପ୍ରଧାନ, ପୂର୍ବତନ ସରପଞ୍ଚ ସମୀର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିକାଶମୂଳକ ଯୋଜନାଗୁଡ଼ିକ ଉପରେ ଅବଗତ କରାଇଥିଲେ। ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ସ୍କୁଲ ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମି, ପରିବହନ ବ୍ୟବସ୍ଥା ଆଦି ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

# ମଣ୍ଡିରୁ ଉଠୁନି ଧାନ, ବର୍ଷାରେ ଭିଜୁଛି

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ)

ଅଦିନିଆ ବର୍ଷା ଯୋଗୁ ବରଗଡ଼ ଜିଲା ଚାଷୀଙ୍କ ଅମଳ ଧାନ ପ୍ରଭାବିତ ହୋଇଛି। ଜିଲାର ବିଭିନ୍ନ ମଣ୍ଡିର ଖୋଲା ଆକାଶତଳେ ରହିଥିବା ଧାନ କ୍ଷତିଗ୍ରସ୍ତ ହୋଇଛି। ଜିଲାର ଭଟଲି ବ୍ଲକ ଅନ୍ତର୍ଗତ ସୁଲସୁଲିଆ ଧାନ କ୍ରୟକେନ୍ଦ୍ରରେ ଚାଷୀଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଛି। ଦୀର୍ଘଦିନ ହେଲା ବିକ୍ରି ପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣିଥିବା ସତ୍ତ୍ୱେ ତାକୁ କ୍ରୟ କରାଯାଇ ନଥିବା ଯୋଗୁ ଅଦିନିଆଁ ବର୍ଷାରେ ମଣ୍ଡରେ ବିକ୍ରି ପାଇଁ ରହିଥବା ଧାନ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସୁଲସୁଲିଆ ଗ୍ରାମର ଚାଷୀ ମିନିଷ୍ଟର ବାରିକ, କନ୍ଦର୍ପ ବେହେରା ଏବଂ ସଙ୍ଗୀତା ଭୁଏ ଚଳିତମାସ ପ୍ରଥମ ସପ୍ତାହରୁ ଗ୍ରାମର ଧାନ କ୍ରୟକେନ୍ଦ୍ରକୁ ମୋଟ୍ ୧୮୧ ପ୍ୟାକେଟ୍ ଧାନ ବିକ୍ରି ପାଇଁ ଆଣିଛନ୍ତି। ହେଲେ ଏପର୍ଯ୍ୟନ୍ତ ତାହା ବିକ୍ରି ହୋଇ ନ ପାରିବା ଏବଂ



ସୁଲସୁଲିଆ ଧାନ କ୍ରୟକେନ୍ଦ୍ରରେ ପଡ଼ିଥିବା ଧାନ ଏବଂ ଚାଷୀମାନେ।

ବର୍ଷାରେ ଭିଜି ଯାଇଥିବା ଯୋଗୁ ସମ୍ପୃକ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମିନିଷ୍ଟର ବାରିକଙ୍କୁ ମିଳିଥିବା ଟୋକନରେ ତ୍ରୁଟି ରହିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ମାତ୍ର ୫. ୫୯ କୁଇଣ୍ଟାଲ ରହିଥିବା ସେ କହିଛନ୍ତି । ତେବେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ବିତିଯିବା ସତ୍ତ୍ୱେ ଅବ୍ୟବସ୍ଥାରେ ସୁଧାର ଆସି ନଥିବା ଯୋଗୁ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସୁଦ୍ଧା ସୁଲସୁଲିଆ ଧାନ କ୍ରୟକେନ୍ଦ୍ରରେ ବିକ୍ରି ଅପେକ୍ଷାରେ ରହିଥିବା ଧାନକୁ କ୍ରୟ କରା ନଗଲେ ସମ୍ପୃକ୍ତ ଚାଷୀମାନେ ସମସ୍ତ ଧାନକୁ ଆଣି ଭଟଲି ତହସିଲ ଅଫିସ ଆଗରେ ଗଦା କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଦିନିଆ ବର୍ଷା କାଳ ହେଲା

ପଦ୍ମପୁର, ୨୪।୧(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ଅଦିନିଆ ବର୍ଷା ତଥା ମେଘୁଆ ପାଗ ଚାଷୀଙ୍କ ପାଇଁ କାଳ ହୋଇଛି। ମଣ୍ଡିରେ ପଡିଥିବା ଖରିଫ ଧାନ ଭିଜି ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଚାଷୀମାନେ ପୂର୍ବରୁ ଏହା ଆଶଙ୍କା କରି କ୍ରୟ ପାଇଁ ଦାବି କରିଥିଲେ ମଧ ଟୋକନ ଓ ଟାର୍ଗେଟ ସମସ୍ୟା ଯୋଗୁ ଧାନ ଉଠି ପାରି ନ ଥିଲା। ଚଳିତ ଖରିଫ ଋତୁରେ ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରେ ରେକର୍ଡ ପରିମାଣର ଧାନ ଉତ୍ପାଦନ ହୋଇଥିଲା। ହେଲେ କ୍ରୟରେ ବିଳମ୍ବ ଯୋଗୁ ଅନେକ ଚାଷୀ ଅଣ୍ଡରରେଟରେ ଧାନ ବେପାରୀମାନଙ୍କୁ ବିକ୍ରି କରିଦେଇଥିଲେ। ଯେଉଁ ଚାଷୀମାନେ ମଣ୍ଡିରେ ରଖି ଏ ପର୍ଯ୍ୟନ୍ତ ବିକ୍ରି କରି ନାହାନ୍ତି ଏହି ଅଦିନିଆ ବର୍ଷାରେ ଭିଜି ଯାଇଛି । ସେହିପରି ବହୁ ସ୍ଥାନରେ ମଣ୍ଡି ଭିତ୍ତିଭୂମି ଠିକ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ପଦ୍ମପୁର ଉପଖଣ୍ଡର ଅନେକ ମଣ୍ଡିରେ ଏହି ଅବସ୍ଥା ଦେଖାଦେଇଛି। ଏ ସମ୍ପର୍କରେ ପ୍ରଶାସନ ଦୃଷ୍ଟି ଦେଇ ଚାଷୀ ଯେପରି କଷ୍ଟର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ପଦ୍ମପୁର ବ୍ଲକ ଦହିଗାଁ ମଣ୍ଡିରେ ପଡି ରହିଥିବା ଧାନ।

## ସଂକ୍ଷେପରେ

### ସଶସ୍ତ୍ର ବାହିନୀ ଆଣ୍ଟିମାଇନ ପ୍ରତିରକ୍ଷା ବାହନ ତିଆରି ପାଇଁ ଆର୍‌ଏସ୍‌ପିରୁ ସ୍ୱତନ୍ତ୍ର ଗ୍ରେଡ ଜ୍ୟାକଲ ପ୍ଲେଟ ଚାଲାଣ

**ରାଉରକେଲା,୨୪ା୧(ବିପ୍ଳବରଞ୍ଜନ ଦାଶ):** ଆର୍‌ଏସ୍‌ପିର ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ(ଏସପିପି) ଚଳିତ ମାସ ୧୯ରେ ଯାନବାହାନ କାରଖାନା ଜବଲପୁରକୁ ସ୍ୱତନ୍ତ୍ର ପ୍ରକ୍ରିୟାକୃତ ୪ମି.ମି ଜ୍ୟାକଲ ପ୍ଲେଟ ପ୍ରଥମ କିସ୍ତିରେ ଚାଲାଣ କରିଛି। ଏସପିପି ଓ ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ କାର୍ତ୍ତିକେୟ ବେହେରା ପତାକା ଦେଖାଇ ଚାଲାଣ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏ ଅବସରରେ ଏସପିପି ବିଭାଗ ଜିଏମ ଇନଚାର୍ଜ ଡକ୍ଟର ପ୍ରଶାନ୍ତ କୁମାର ପାଢୀ,ଏସପିପି ବିଭାଗର ଜିଏମ ପ୍ରବୀର କୁମାର ବେହେରାଙ୍କ ସମେତ ଆରଏସପି,ପିପିସି ଓ ବାଣିଜ୍ୟ କାରବାର ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରେରିତ ପ୍ଲେଟ ଆଣ୍ଟି ମାଇନ ପ୍ରତିରକ୍ଷା ବାହନ ତିଆରି ପାଇଁ ବ୍ୟବହୃତ ହେବା ମୋଟ ୩୪,୬୪୮ଟନ୍ ସ୍ୱତନ୍ତ୍ର ଗ୍ରେଡ ପ୍ଲେଟ ପ୍ରେରିତ ହୋଇଥିବାର ବେଳେ ଏଥିରେ ଉଭୟ ଉଚ୍ଚ ସାମର୍ଥ୍ୟ ସମିଶ୍ରିତ ୪ମିମି ଜ୍ୟାକଲ ପ୍ଲେଟ ଓ ସ୍ପେଡ ଅନ୍ତର୍ଭୁକ୍ତ ରହିଛି। ସୂଚନା ଯୋଗ୍ୟ ଯେ, ଜର୍ମାନୀର ମେସର୍ସ ଔଲମ୍ୟାନର ବୈଷୟିକ ସହଯୋଗ କ୍ରମେ ୧୯୬୯ରେ ଏସ୍‌ପିପି କାର୍ଯ୍ୟକ୍ଷମ ହୋଇଥିଲା। ଏସ୍‌ପିପି ଭାରତୀୟ ପ୍ରତିରକ୍ଷା ଏବଂ ନୌସେନା ପାଇଁ ଶକ୍ତିଶାଳୀ ଆର୍ମର ପ୍ଲେଟ ଉତ୍ପାଦନ କରିଆସୁଛି। ଏହାର ପ୍ରାରମ୍ଭିକ ଉତ୍ପାଦନ କ୍ଷମତା ବାର୍ଷିକ ୩ହଜାର ଟନ ପ୍ଲେଟ ଥିଲା। ୨୦୧୭ରେ ଏସପିପି ଅତିରିକ୍ତ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରି କ୍ଷମତାକୁ ବିସ୍ତାର କରିଥିଲା। ଡିଏମଆରଏଲ ହାଇଦ୍ରାବାଦର ମାର୍ଗଦର୍ଶନରେ ସିପିପି ସଫଳତା ସହିତ ନାଭାଲ ଗ୍ରେଡ ପ୍ଲେଟ ବିକଶିତ କରିଛି। ଯାହା ମଧ୍ୟରେ ଡିଏମଆର ୨୪୯ ଏ, ୨୪୯ ବି ଏବଂ ଡିଏମଆର ୩୦୧ ଗ୍ରେଡ ପ୍ଲେଟ ସାମିଲ ରହିଛି। ଏହି ପ୍ଲେଟ ଗୁଡିକ ପ୍ରତିରକ୍ଷା ପ୍ରୟୋଗରେ କଠୋର ଆବଶ୍ୟକତାକୁ ପୁରଣ କରୁଛି।



ରାଉରକେଲା ଇସ୍ପାତ ଷ୍ଟାଡିୟମଠାରେ ସେଲ୍ ସ୍ଥାପନା ଦିବସ ପାଳନ କାର୍ଯ୍ୟକ୍ରମରେ ଅଧିକାରୀ ଓ ପ୍ରତିଯୋଗୀ।

# ଆର୍‌ଏସ୍‌ପିରେ ପାଳନ ହେଲା ସେଲ୍ ସ୍ଥାପନା ଦିବସ

**ରାଉରକେଲା,୨୪ା୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ବୁଧବାର ରାଉରକେଲା ଇସ୍ପାତ ଷ୍ଟାଡିୟମଠାରେ ଆନନ୍ଦ ଉଲ୍ଲାସ ସହକାରେ ସେଲ୍ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ ସେଲ୍ ପତାକା ଉତ୍ତୋଳନ କରିଥିଲେ। ପରେ ସେଲ୍ ସଙ୍ଗୀତ ପରିବେଷଣ ହୋଇଥିଲା। ଉତ୍ସବର ଏକ ଅଂଶ ସ୍ୱରୁପରେ ପି.କେ ସାହୁ ନୀଳ ଆକାଶକୁ ଏକ ରଙ୍ଗୀନ ବେଲୁନ ଛାଡିଥିଲେ। ଉତ୍ସବରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ବି.କେ ହୋତା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଅର୍ଥ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଅଶୋକ ଜଲ୍ଲାନିଆ, କାରଖାନାର ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ତଥା ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଦିବସ ପାଳନ ନେଇ ୫କି.ମି ଦୌଡ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ସେଲ୍ ପରିବାରର ୨୨ଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ମହିଳା/ପୁରୁଷ ଓ କୁନୀ ପିଲା ଭାଗ ନେଇଥିଲେ। ଦୌଡ ଶେଷରେ ଉତ୍ତମ ସ୍ୱାସ୍ଥ୍ୟ ଗଠନ ନେଇ ସାମୂହିକ ଶପଥ ପାଠ ହୋଇଥିଲା। ଶପଥ ପାଠରେ ସମସ୍ତେ ମିଶି ଗୋଟିଏ ସ୍ୱରରେ ମୁଁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ନିଜକୁ ସ୍ୱାସ୍ଥ୍ୟବାନ ରଖିବି କହିଥିଲେ। ପରେ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିମାନେ ୫କି.ମି ଦୌଡ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୁରୁଷ ବର୍ଗରେ ଦ୍ରୁତତମ ଦୌଡ ପ୍ରତିଯୋଗୀ ଭାବେ ୧୮.୪.୦୪୩ର ସେକେଣ୍ଡ ମଧ୍ୟେ ଦୌଡ ସମ୍ପୂର୍ଣ୍ଣ କରି ନୀଳଶୈଳ କଲେଜର ରୋଶନ ଖାଡିଆ ପୁରସ୍କୃତ ହୋଇଥିଲେ। ସେହିଭଳି ମହିଳା ବର୍ଗରେ ଇସ୍ପାତ ବିଦ୍ୟାମନ୍ଦିର ପୂର୍ଣ୍ଣିମା ସାଣ୍ଡେଲ ୨୧.୩୬.୨୧ ମିରେ ଦୌଡ଼ ସମ୍ପୂର୍ଣ୍ଣ କରିଥିବାରୁ ପୁରସ୍କୃତ ହୋଇଥିଲେ। ସର୍ବାଧିକ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ନିମନ୍ତେ ଦୀପିକା ଇସ୍ପାତ ଶିକ୍ଷା ସଦନ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା। ଏହାପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆକର୍ଷଣୀୟ ନୃତ୍ୟସଙ୍ଗୀତ ପରିବେଷଣ ହୋଇଥିଲା। ଆଜିର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ପ୍ରୋଟୋକଲ,ହସ୍ପିଟାଲିଟି ଓ ସମାଜ କଲ୍ୟାଣ ତଥା ବିମାନ ବନ୍ଦର ବିଭାଗ ଜିଏମ ରାକେଶ ବର୍ମା,ପ୍ରୋଟୋକଲ ହସ୍ପିଟାଲିଟି ବିଭାଗର ଜିଏମ ଜେ.ପି ମିଶ୍ର ଓ କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ ପରିଚାଳନା କରିଥିଲେ। କୋଲ୍ଡ ରୋଲିଙ୍ଗ ମିଲ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଠିକ ଅନୁରୁପ ଭାବେ ବୁଧବାର ଟେନସା,ବରସୁଆ ଓ ତାଲଡିହ ଲୌହଖଣି ଦ୍ୱାରା ଟେନସା ହାଇସ୍କୁଲ ଖେଳ ପଡିଆରେ ସେଲ୍ ସ୍ଥାପନା ଦିବସ ପାଳିତ ହୋଇଥିଲା। ବିଆଇଏମ ଏବଂ ଟିଆଇଏମ୍‌ର ଜିଏମ ଇନଚାର୍ଜ ତିଳକ ପଟ୍ଟନାୟକ ଏନେଇ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ ସମ୍ମିଳିତ ହୋଇଥିଲେ।

# ଓଡ଼ିଆ ଭାଷା, ସଂସ୍କୃତିର ବିକାଶ ଯୁବପିଢ଼ିଙ୍କ ନୈତିକ କର୍ତ୍ତବ୍ୟ ହେଉ

**ରାଉରକେଲା,୨୪ା୧(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଯୁକ୍ତ ୩ ଓ ଯୁକ୍ତ ୨ରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ପରିଯୋଜନାରେ ୧୧ ତାରିଖରୁ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ଉଭୟ କଲେଜର ଓଡ଼ିଆ ସାହିତ୍ୟ ପଠନ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ସୁଜାତା ପ୍ରଧାନଙ୍କ ସଭାପତିତ୍ୱ କ୍ରମେ ପରିଚାଳିତ ହୋଇଥିଲା। ଯୁକ୍ତତିନି ନୋଡାଲ ଅଧିକାରୀ କରୁଣାକର ପାଟ୍ଟଶାଣୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରଘୁନାଥପାଲ୍ଲୀ ବିଜେଡି ସଭାପତି ତଥା ସରକାରୀ ସହାୟକ ଲୋକ ଅଭିଯୋଜକ ଆର୍ତ୍ତତ୍ରାଣ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତତିନି ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର କୁମାର ଜେନା, ଯୁକ୍ତଦୁଇ ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ରାଉତ, ହିସାବ ଅଧିକାରୀ ବନ୍ଦନା ସୋରେଙ୍ଗ, ଯୁକ୍ତତିନି ସହଯୋଗୀ ଅଧିକାରୀ ରଶ୍ମିପ୍ରଭା ମଥାନ, ଯୁକ୍ତଦୁଇ ନୋଡାଲ ଅଧିକାରୀ ବନବିହାରୀ କିଷାନ, ସହଯୋଗୀ ଅଧିକାରୀ ତରଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଭାଷା ଓଡ଼ିଆ ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନୀ ଅବସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅତିଥିମାନେ ଉପସ୍ଥିତ ଉଭୟ କଲେଜର ଛାତ୍ରୀଛାତ୍ରଙ୍କୁ ଓଡିଶା ସରକାରଙ୍କର ଯୁବ ପ୍ରତିଭା ବିକାଶ, ଓଡିଆ ଭାଷା, ସାହିତ୍ୟ, କଳା ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିର ସମ୍ବର୍ଦ୍ଧନ ଏବଂ ପ୍ରଚାର ପ୍ରସାର ସହିତ ଏକ ସ୍ୱାଭିମାନ ଜାତି ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଏଣୁ ଦାୟିତ୍ୱକୁ ସୂଚାରୁ ଭାବେ ତୁଲାଇବା ହେଉଛି ଆଜିର ଯୁବପିଢିଙ୍କ ନୈତିକ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ୧୧ ରୁ ୨୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ବିଭିନ୍ନ ଓଡିଆ ସାହିତ୍ୟ ପ୍ରତିଯୋଗିତାରେ ଉଭୟ କଲେଜର ସମସ୍ତ ଛାତ୍ରୀଛାତ୍ର ୮ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଏବଂ ମାନପତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ମାର୍ଗଦର୍ଶିକା ଅନୁସାରେ ଓଡ଼ିଆ ସାହିତ୍ୟ ପଠନ କ୍ଲବ ଦ୍ୱାରା ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ଆଲୋଚନା ସମ୍ପର୍କରେ ସବିଶେଷ ବିବରଣୀ ଦେଇଥିଲେ ଉଭୟ ନୋଡାଲ ଅଧିକାରୀ। ପରେ ସାଇ ଶୁଭେନ୍ଦୁ ମାଝି, ରାମଦାସ ଟୁଡୁ, ଅଭିରାମ ନାୟକ ଓ ବୀରବର ସୁବୁଦ୍ଧିଙ୍କୁ ଯୋଜନାର ଦାୟିତ୍ୱବୋଧ ଓ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ କରୁଣାକର ପାଟ୍ଟଶାଣୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ନୋଡାଲ ଅଧିକାରୀ ବନବିହାରୀ କିଷାନ ଧନ୍ୟବାଦ ଜ୍ଞାପନ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

# ରାଉରକେଲା ଯୁବତୀ ମୁମ୍ବାଇରେ ନିର୍ଯାତିତ

**ରାଉରକେଲା, ୨୪ ।୧(ସଙ୍ଗୀତା ଜେନା)**

- ମାଟ୍ରିମୋନିଆଲ୍ ସାଇଟ୍‌ରେ ବିବାହ
- ପରିବାର ଥାନାର ଦ୍ୱାରସ୍ଥ
- କେସ୍‌କୁ ଚାପିବା ପାଇଁ ନେତାଙ୍କ ଉଦ୍ୟମ

ରାଉରକେଲା ଜଗଦା ଅଞ୍ଚଳର ଜଣେ ଯୁବତୀ ମାଟ୍ରିମୋନିଆଲ୍ ସାଇଟ୍‌ରେ ବିବାହ କରିଥିଲେ। ପରେ ଘରୋଇ ହିଂସା ଓ ଯୌତୁକ ନିର୍ଯାତନାର ଶିକାର ହୋଇ ମୁମ୍ବାଇରୁ ରାଉରକେଲାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୀଡ଼ିତା ଓ ତାଙ୍କ ପରିବାର ନ୍ୟାୟ ଦାବିରେ ପ୍ରଥମେ ସେକ୍ଟର-୪ ମହିଳା ଥାନା ପୋଲିସ ଓ ପରେ ଝିରପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ଝିରପାଣି ଥାନା ପୋଲିସ ଏକ ମାମଲା (ନଂ. ୨୩/୨୪) ରୁଜୁ କରିଛି।

ମିଳିଥିବା ସୂଚନା ଅନୁସାରେ ପୀଡ଼ିତା ତାଙ୍କ ପରିବାର ରାଉରକେଲାରେ ଦୀର୍ଘ ଦିନରୁ ରହିଆସୁଛନ୍ତି। ଗତବର୍ଷ ଉକ୍ତ ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ରେ ରେଳବାଇ ଚାକିରି କରୁଥିବା ଜଣେ ଯୁବକଙ୍କୁ ଭେଟିଥିଲେ। ଉକ୍ତ ଯୁବକଙ୍କ ସହ କଥାବାର୍ତ୍ତା ହେବା ପରେ ଉଭୟ ପରିବାର ସହମତିରେ ୨୦୨୩ ମେ ୨୯ରେ ବୈଦିକ ରୀତିନୀତିରେ ବିବାହ ହୋଇଥିଲା। ଅମିତ ଓ ପରିବାର ଝାଡଖଣ୍ଡ ରାଞ୍ଚିରେ ରହୁଥିବାବେଳେ କେନ୍ଦ୍ରୀୟ ରେଳବାଇ ଜୋନରେ କାର୍ଯ୍ୟରତ ଥିଲେ। ବିବାହ ପରେ ଦୁହେଁ ମୁମ୍ବାଇରେ ରହୁଥିଲେ। ହେଲେ କିଛି ଦିନ ପରେ ଅମିତ ପୀଡ଼ିତାଙ୍କୁ ଅନ୍ୟ କାହା ସହ କଥାବାର୍ତ୍ତା କରୁଥିବା ଓ ଚରିତ୍ରକୁ ସନ୍ଦେହକରି ମାଡ଼ପିଟ୍ ଓ ନିର୍ଯାତନା ଆରମ୍ଭ କରିଥିଲେ। ସ୍ତ୍ରୀ କାଳେ କୁଆଡେ ପଳାୟନ କରିବେ ଭୟରେ ଅମିତ ପ୍ରାୟତଃ ଧମକଦେବା ଓ ମାଡ଼ପିଟ୍ କରୁଥିଲେ। ତାଙ୍କୁ ଚିରଫଟା ପୋଷାକରେ ରହିବାକୁ ବାଧ୍ୟ କରାଯାଉଥିଲା। ହେଲେ ପୀଡ଼ିତା ପ୍ରାୟ ୭ ଦିନ ପୂର୍ବେ ସୁଯୋଗ ଉଣ୍ଡି ଚିରାଫଟା ପୋଷାକ ପିନ୍ଧି ଟ୍ରେନରେ ରାଉରକେଲା ନିଜ ବାପାମା’ଙ୍କ ପାଖକୁ ଚାଲିଆସିଥିଲେ। ଏଠାକୁ ଆସିବା ପରେ ପୀଡ଼ିତାଙ୍କ ଗୁରୁତର ଅବସ୍ଥା ଦେଖି ତାଙ୍କ ମା’ ଓ ପରିବାରବର୍ଗ ପ୍ରଥମେ ମହିଳା ପୋଲିସ ଓ ପରେ ଝିରପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ମାମଲା ରୁଜୁ ପରେ ଡାକ୍ତରୀମାଇନା କରାଯାଇଛି। ଏହି ମାମଲାକୁ ଚାପିବା ପାଇଁ କେତେଜଣ ରାଜନୈତିକ ନେତା ଉଦ୍ୟମ କରିଥିଲେ। ଏପରିକି ପୀଡ଼ିତା ଓ ତାଙ୍କ ପରିବାର ମହିଳା ଥାନାରେ ଏତଲା ଦେବାକୁ ଯିବା ପରେ ସ୍ଥାନୀୟ ନେତ୍ରୀ ଏତଲା ନ କରିବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ପରେ ଝିରପାଣି ଥାନାରେ ଏହି ମାମଲାକୁ ଚାପିବା ପାଇଁ କେତେଜଣ ନେତାଆସି ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା। ମାମଲାକୁ ପରୋକ୍ଷରେ ଦୁର୍ବଳ କରିବାକୁ ପୋଲିସକୁ କୁହାଯାଇଥିଲା। ହେଲେ ଶେଷରେ ମାମଲା ରୁଜୁ ହୋଇଥିଲା। ଥାନାରେ ଅଭିଯୋଗ ସମ୍ପର୍କରେ ସୂଚନା ପାଇ ପୀଡ଼ିତାଙ୍କ ସ୍ୱାମୀ ଥାନାରେ ପହଞ୍ଚିଥିଲେ। ମାତ୍ର ନୋଟିସ ଦିଆଯାଇ ଛଡାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ଜୋନାଲସ୍ତରୀୟ ଉଷୁ ମହିଳା ଲିଗ୍‌ରେ ସୁନ୍ଦରଗଡ଼ ଓ ରାଉରକେଲା ମହିଳା ପ୍ରତିଯୋଗୀଙ୍କ ସଫଳତା

**ରାଉରକେଲା,୨୪ା୧(ବିପ୍ଳବରଞ୍ଜନ ଦାଶ)**

ଦକ୍ଷିଣ-ଭାରତ ଜୋନାଲ ସ୍ତରୀୟ ଖେଲୋ ଇଣ୍ଡିଆ ଉଷୁ ମହିଳା ଲିଗ ୨୦୨୩-୨୪ରେ ସୁନ୍ଦରଗଡ ଜିଲା ଓ ରାଉରକେଲାର ୫ ମହିଳାଙ୍କୁ ମିଳିଛି ସଫଳତା। ତାମିଲନାଡୁ କୋଏମ୍ବାଟୁର ସ୍ଥିତ କେପିଆର ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିୟରିଙ୍ଗ ଏଣ୍ଡ ଟେକ୍ନୋଲୋଜୀ ପରିସର ମଧ୍ୟେ ଚାଲିଥିବା ବେଳେ ଉଷୁ ମହିଳା ଲିଗ ରବିବାର ଉଦଯାପିତ ହୋଇଥିଲା। ତେବେ ସ୍ପୋର୍ଟସ ଉଷୁ ଆସୋସିଏଶନ ଅଫ ସୁନ୍ଦରଗଡ ସହିତ ଅନୁବନ୍ଧିତ ରାଉରକେଲାର ଅଗ୍ରଣୀ କ୍ରୀଡା କେନ୍ଦ୍ର କଳିଙ୍ଗ ୱାରିଅର୍ସ ଏକାଡେମୀର ସାଧନା ମାଝି ତାଉଲରେ ରୌପ୍ୟ ଏବଂ ରିଆ ଠାକୁର ସାଣ୍ଡରେ କାଂଶ୍ୟ ପଦକ ଲାଭ କରିଛନ୍ତି। ସେଭଳି ପାନପୋଷ ଶାଖା ଅସୀମା ଲାକ୍ରା ୪୮କେଜି ଉପକନିଷ୍ଠ ବର୍ଗରେ ରୌପ୍ୟ ଓ ସୁନ୍ଦରଗଡ଼ ଯୋଗୀମାଲ ଶାଖା ଲିପ୍ସା ଷଡଙ୍ଗୀ ୫୬କେଜି ବର୍ଗରେ ରୌପ୍ୟ ପଦକ ହାସଲ କରି ଜିଲା ଏବଂ ରାଉରକେଲା ସହରର ମାନ ବୃଦ୍ଧି କରିଛନ୍ତି। ସେହିଭଳି ଚେନ୍ନାଇଠାରେ ଅନୁଷ୍ଠିତ ହୋଇ ଯାଇଥିବା ଖେଲୋ ଇଣ୍ଡିଆ ଯୁଥଗେମ୍ସ-୨୦୨୪ ଭଲିବଲ ଚାମ୍ପିୟନଶିପରେ ରାଉରକେଲାର କ୍ରୀଡାବିତ ତଥା କ୍ରୀଡା ଅଫିସିଆଲ ଓ ଓଡିଶାର ଅନ୍ୟତମ ଜାତୀୟ ରେଫରୀ ସସ୍ମିତା ଦାଶ ବୈଷୟିକ ଅଧିକାରୀ ଭାବରେ ଦାୟିତ୍ୱ ଲାଭ କରିଛନ୍ତି। ତେବେ ଉଭୟ ଖେଳ ଖବର ରାଉରକେଲା ସହରରେ ଖୁସିର ଲହରୀ ଖେଳାଇ ଦେଇଛି। ତେବେ ପ୍ରକାଶ ଥାଉକି, ସମ୍ପ୍ରତି ରାଉରକେଲା ସହରରେ ପ୍ରତିଷ୍ଠିତ ଇଂରାଜି ମାଧ୍ୟମ ବିଦ୍ୟାଳୟ ସେଣ୍ଟପଲ ସ୍କୁଲରେ କାର୍ଯ୍ୟରତ ସସ୍ମିତା ପୂର୍ବରୁ ୫ଥର ଖେଲୋ ଇଣ୍ଡିଆ ବର୍ଗ ବିଭିନ୍ନ ଖେଳରେ ଅଫିସିଆଲ ଓ ରେଫରୀ ଭାବେ ଯୋଗ ଦେଇ ସାରିଛନ୍ତି। ସୁସ୍ମିତା ସିନିୟର ଭଲିବଲ ଖେଳାଳି ଭାବେ ବିଭିନ୍ନ ସମୟରେ ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରତିନିଧିତ୍ୱ ମଧ କରି ସାରିଛନ୍ତି।

# ଶହୀଦ ସମ୍ମାନ ସମାରୋହ

**ରାଉରକେଲା,୨୪ା୧(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସହରରେ ଥିବା ଶହୀଦ ସମର୍ପିତ ଅନୁଷ୍ଠାନ ଉଦାହରଣ ଟ୍ରଷ୍ଟ ତରଫରୁ ଦ୍ୱିତୀୟ ଶହୀଦ ସମ୍ମାନ ସମାରୋହ-୨୦୨୪ ସିଭିକ ସେଣ୍ଟରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧକ୍ଷ ପ୍ରାକ୍ତନ ସିଆର୍‌ପିଏଫ୍ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧକ୍ଷତାରେ ଏବଂ ସାଧାରଣ ସମ୍ପାଦକ ସଂକୀର୍ତ୍ତନ ଜୟପୁରୀଆଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ଅଶୋକ ଜାଲଔନିଆ, ଇଞ୍ଜିନିୟର ମନୋଜ ମହନନ୍ଦ, ସମାଜସେବୀ ତାରାଚାନ୍ଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କର ପରିବାର ବର୍ଗକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଚଳିତବର୍ଷ ରାଜ୍ୟର ବିଭିନ୍ନ ପ୍ରାନ୍ତରର ୮ଶହୀଦ ପରିବାରକୁ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଶଙ୍କରା ବ୍ଲକର ଶହୀଦ ଡେଭିଡ କେରକେଟା ଏବଂ ରାଜେଶ କୁମାର ଏକ୍କା, କୁତ୍ରା ବ୍ଲକର ପରମେଶ୍ୱର ଲାକ୍ରା, ଟାଙ୍ଗରପାଲୀ ବ୍ଲକର ବିକ୍ରମ ମିଞ୍ଜ, ଆନନ୍ଦପୁରର ସୁଶାନ୍ତ ଖୁଣ୍ଟିଆ, ରାଜଗାଙ୍ଗପୁରର କ୍ରୀଷ୍ଟା ତିର୍କୀ ଓ ଅଞ୍ଜିତ କୁମାର ତିର୍କୀ ଓ ବନ୍ଧମୁଣ୍ଡା ବ୍ଲକର ସୁଶୀଲ କୁମାର ପାତ୍ର ପ୍ରମୁଖ ଶହୀଦ ଯବାନମାନଙ୍କ ପରିବାରବର୍ଗକୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ତନ୍ତୀ କାର୍ଯ୍ୟକ୍ରମର ଆଭିମୁଖ୍ୟରେ ଦେଶବାସୀଙ୍କ ସୁରକ୍ଷା କ୍ଷେତ୍ରରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରୁଥିବା ଶହୀଦମାନଙ୍କର ବଳିଦାନକୁ ବାଖ୍ୟା କରିବା ସହ ବିବରଣୀ ପାଠ କରିଥିଲେ। ଶେଷରେ ଟ୍ରଷ୍ଟି ଚନ୍ଦ୍ରଶେଖର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟ ବିଶ୍ୱଜିତ ଜେନା, ସଞ୍ଜୟ ପ୍ରଧାନ, ଅଶ୍ୱିନୀ କୁମାର ଶାସନୀ, ଉଚ୍ଛବ କୁମାର ତନ୍ତୀ, ଶଙ୍କର ଜେନା, ବିମଳ ବିଶି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅନିଲ ମଲ୍ଲିକଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା। ସ୍ମିତା ମିଶ୍ର, ମନୋଜ ସେଠୀ ଦେଶାତ୍ମବୋଧକ ସଙ୍ଗୀତ ତଥା ନେକ୍ସଜେନର କୁନି କଳାକାରମାନେ ବନ୍ଦେ ଉତ୍କଳ ଜନନୀ, ଦେଶାତ୍ମବୋଧକ ସଙ୍ଗୀତ ଗାନ ସହ ନୃତ୍ୟ ପରିବେଷଣ କରିଥିଲେ।



ଜଣେ ଶହୀଦଙ୍କ ସମ୍ପର୍କୀୟଙ୍କୁ ସମ୍ମାନିତ କରାଯାଉଛି।

# ଦକ୍ଷିଣ-ପୂର୍ବ ରେଳପଥ ଜିଏମ୍‌ଙ୍କ ରାଉରକେଲା ରେଳଷ୍ଟେଶନ ପରିଦର୍ଶନ

**ରାଉରକେଲା,୨୪ା୧ (ସଙ୍ଗୀତା ଜେନା)**

ଦକ୍ଷିଣ ପୂର୍ବ ରେଳପଥ ଜିଏମ୍ (ଜେନେରାଲ ମ୍ୟାନେଜର) ଅନୀଲ ମିଶ୍ର ବୁଧବାର ରାଉରକେଲା ରେଳଷ୍ଟେଶନ୍ ପରିଦର୍ଶନ କରିଛନ୍ତି। ଜିଏମ୍ ମିଶ୍ରଙ୍କ ସହ ଚକ୍ରଧରପୁର ଡିଆର୍‌ଏମ୍ (ଡିଭିଜନାଲ ରେଳୱେ ମ୍ୟାନେଜର) ଏ.ଜେ ରାଠୋଡ଼ ଓ ଅନ୍ୟମାନେ ସାମିଲ ଥିଲେ। ଅଧିକାରମାନେ ପ୍ଲାଟଫର୍ମ ୬ ଓ ୭ ନିର୍ମାଣ କାର୍ଯ୍ୟ, ପ୍ଲାଟଫର୍ମଗୁଡ଼ିକର ସଫେଇ, ସୁରକ୍ଷା ଓ ଅନ୍ୟ ସମ୍ପର୍କରେ ପଚାରିବା ସହ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ନୂତନ ପ୍ଲାଟଫର୍ମ କାର୍ଯ୍ୟକାରୀ ହେବାକୁ ଅଛି। ଯାହାଦ୍ୱାରା ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଜିଏମ୍ ମିଶ୍ର ପଦାଧିକାରୀ ଓ ଠିକାସଂସ୍ଥା ସହ ବିସ୍ତୃତ ଆଲୋଚନା କରିଥିଲେ। ଅପରାହ୍ନରେ ପୁନଃ ଚକ୍ରଧରପୁର ରେଳମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଦକ୍ଷିଣ-ପୂର୍ବ ରେଳପଥ ଜିଏମ୍ ଓ ଅନ୍ୟ ଅଧିକାରୀମାନେ ପ୍ଲାଟଫର୍ମ ୬ ଓ ୭ ପରିଦର୍ଶନ କରୁଛନ୍ତି।

# ଆରମ୍ଭ ହେଲା ‘ଇଟ୍ ରାଇଟ୍ ଷ୍ଟ୍ରିଟ୍ ଫୁଡ୍ ମେଳା’

**ରାଉରକେଲା,୨୪ା୧(ସଙ୍ଗୀତା ଜେନା)**

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍‌ଏସ୍ ସିଏଲ୍) ଓ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ବୁଧବାରଠାରୁ ‘ଇଟ୍ ରାଇଟ୍ ଷ୍ଟ୍ରିଟ୍ ଫୁଡ୍ ମେଳା ୨.୦’ ସ୍ଥାନୀୟ ବାସନ୍ତୀ କଲୋନୀ ଡିଏଭି ପୋଖରୀ ନିକଟରେ ଆରମ୍ଭ ହୋଇଛି। ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ୱାଦିଷ୍ଟ ଖାଦ୍ୟ ଯୋଗାଇବା ସହ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ତ୍ରୀ ନାୟକଙ୍କ ସହ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ଆର୍‌ଏମ୍‌ସି କମିଶନର ଡା.ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ଉକ୍ତ ମେଳାକୁ ଆସୁଥିବା ଲୋକେ ପାରମ୍ପରିକ ଖାଦ୍ୟଠାରୁ ଆରମ୍ଭ କରି ଆଧୁନିକ ବ୍ୟାନର ସ୍ୱାଦ ପାଇବା ସହ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟଗୀତ ସନ୍ଧ୍ୟାକୁ ଆକର୍ଷଣୀୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ହୋଇଥିବା ଫୁଡ୍ ମେଳାରେ ମୋଟ ୪୦ଟି ଷ୍ଟଲ୍ ରହିଛି। ସେଥିମଧ୍ୟରୁ ଏସ୍‌ଏଚ୍‌ଜିମାନଙ୍କ ଦ୍ୱାରା ୭ଟି ଷ୍ଟଲରେ ପୃଷ୍ଟିଶସ୍ୟର ପ୍ରସ୍ତୁତ ଖାଦ୍ୟ ବିକ୍ରୟ କରାଯାଉଛି। ଖାଦ୍ୟ ପଦାର୍ଥ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଖାଦ୍ୟରମାନ ପରୀକ୍ଷା କରାଯାଉଛି। କଣ୍ଠଶିଳ୍ପୀ ସୋନାଲୀ ନନ୍ଦ ଓ ଟିମ୍ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଶ୍ରମମନ୍ତ୍ରୀ, ଆର୍‌ଏମ୍‌ସି କମିଶନର, ରଘୁନାଥପାଲୀ ବିଧାୟକଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ।

## ସଂକ୍ଷେପରେ

### ନୂତନ ଡିଆର୍‌ଏମ୍‌ଙ୍କ ଯୋଗଦାନ

ସମ୍ବଲପୁର,୨୪।୧(ବି.ଶଙ୍କର)

ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ (ଡିଆର୍‌ଏମ୍) ଭାବେ ତୁଷାରକାନ୍ତ ପାଣ୍ଡେ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ମଣ୍ଡଳ କାର୍ଯ୍ୟାଳୟରେ ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହା ପୂର୍ବରୁ ସେ ନାଗପୁରର କେନ୍ଦ୍ରୀୟ ରେଳ ବିଭାଗର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ରୁର୍‌କି ଆଇଆଇଟିରୁ ସିଭିଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ ପରେ ସେ ଆଇଆଇଟି ଦିଲ୍ଲୀରୁ ଏମ୍‌ଟେକ୍ ଓ ଦିଲ୍ଲୀ ଏଫ୍‌ଏମ୍‌ଏଫ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ୧୯୯୫ରେ ସେ ଫତେହପୁରରେ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ରେଳବାଇରେ ସିନିୟର ଡିଭିଜନାଲ ଇଞ୍ଜିନିୟର (ସମନ୍ୱୟ), ଡେପୁଟି ଚିଫ ଇଞ୍ଜିନିୟର ଓ ମୁଖ୍ୟ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଛନ୍ତି।

### ମହିଳା କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର): ସମ୍ବଲପୁର ମହିଳା କଲେଜରେ ସପ୍ତାହବ୍ୟାପୀ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଆଲୋଚନାଚକ୍ର ସହ ଓଡ଼ିଆ ପ୍ରବନ୍ଧ ଲିଖନ, ଓଡ଼ିଆ ସଂସ୍କୃତି କୁଇଜ୍, ହସ୍ତାକ୍ଷର ଲିଖନ, କବିତା ଆବୃତ୍ତି, ଓଡ଼ିଆ ବ୍ୟାକରଣ ଜ୍ଞାନ, ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତି ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଛାତ୍ରୀଙ୍କ ପାଇଁ ଲୋକସଂସ୍କୃତି, ଶିକ୍ଷା ଓ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହାବାଦ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ରାଜଶ୍ରୀ ବରାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନୋଡାଲ ଅଧିକାରୀ ଅଖିଳ ବିଶ୍ୱାଳ, ଯୋଗେଇ ବଢ଼େଇ, ପ୍ରଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶିକା ପ୍ରଭାବତୀ ଗୁରୁ, ଉପନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଡ. ନୌବିହାରୀ ପ୍ରଧାନ, ଗୋଲକ ବିହାରୀ ସାସ ପ୍ରମୁଖ ଉପସ୍ଥିତ ଥିଲେ।

### ଥାନା ଅଧିକାରୀଙ୍କ ବଦଳି

ସମ୍ବଲପୁର,୨୪।୧ (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଜିଲାର ଥାନା ଅଧିକାରୀ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଯୁଯୁମୁରା ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବି. ରୁଦ୍ରିୟାଙ୍କୁ ଯୁଯୁମୁରା ଥାନାର ନୂତନ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଶ୍ୱେତପଦ୍ମା ବିଶ୍ୱାଳଙ୍କୁ ଧମା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି।

# ୨୬ରୁ ହୀରାକୁଦ ମହୋତ୍ସବ

## ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲହେବେ ନୃତ୍ୟ ଓ ବାଦ୍ୟଦଳ



ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସମ୍ବଲପୁର,୨୪।୧ (ଭବାନୀ ଶଙ୍କର ଭୋଇ): ହୀରାକୁଦ ବନ୍ଧ ପାଇଁ ହୀରାକୁଦ ସହର ବିଶ୍ୱ ପ୍ରସିଦ୍ଧ ହୋଇପାରିଛି। ସହରକୁ ସାଂସ୍କୃତିକ କ୍ଷେତ୍ରରେ ସାମିଲ କରିପାରିଥିବା ହୀରାକୁଦ ମହୋତ୍ସବ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ହୀରାକୁଦ ସୁଭାଷ ପଡ଼ିଆରେ ଆୟୋଜିତ ହେବ। ସମ୍ବଲପୁର ସାମ୍ବାଦିକ ଭବନଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି।

କମିଟିର ସାଧାରଣ ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା ମହୋତ୍ସବ ବିଷୟରେ ସୂଚନା ଦେଇ କହିଥିଲେ, ହୀରାକୁଦ ମହୋତ୍ସବ ପାଇଁ ଜାନୁଆରୀ ୨୬ ସକାଳେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ନୃତ୍ୟ ଓ ବାଦ୍ୟଦଳ, କଳାହାଣ୍ଡିରେ କଳପା, ଘୁମୁରା ନାଚ, ଘଣ୍ଟ ବାଦ୍ୟ, ଦୁଲଦୁଲି, ସମ୍ବଲପୁରୀ ନୃତ୍ୟଦଳ ସହ କଂସ ମହାରାଜ ଓ ତାଙ୍କର ସହଯୋଗୀ ନିଜର କଳା ପ୍ରଦର୍ଶନ କରିବେ। ପ୍ରତିଦିନ ରାଜ୍ୟର ପ୍ରତିଷ୍ଠିତ କଳାକାର ମଞ୍ଚରେ କଳା ପ୍ରଦର୍ଶନ କରିବେ। ୨୯ରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ରୁକୁ ସୁନା ଓ ତାଙ୍କ ଦଳ ନିଜର କଳାନୈପୁଣ୍ୟ ଦେଖାଇବେ। ସାଂସ୍କୃତିକ ସଂଯୋଜକ ସଞ୍ଜୀବ ପଣ୍ଡା ଆକର୍ଷଣ ସମ୍ପର୍କରେ କହିଥିଲେ, ରାଜସ୍ଥାନ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର କଳାକାରଙ୍କ ସହ ପଶ୍ଚିମ ଓଡ଼ିଶା ତଥା ସ୍ଥାନୀୟ କଳାକାର ନିଜର କଳା ପ୍ରଦର୍ଶନ କରିବେ। ଦର୍ଶକମାନଙ୍କୁ ଆକର୍ଷିତ କରିବା ପାଇଁ ସବୁଦିନ ସନ୍ଧ୍ୟାରେ କଂସଙ୍କ ଦରବାର କରାଯିବା ଯୋଜନା ରହିଛି। ଚଳିତବର୍ଷ ପାଇଁ ୧୫ ଲକ୍ଷର ବ୍ୟୟ ଅଟକଳ କରାଯାଇଥିବା ସଂଗଠନ ସମ୍ପାଦକ ପ୍ରଦୀପ ପଣ୍ଡା ସୂଚନା ଦେଇଥିଲେ। ଦର୍ଶକମାନଙ୍କ ପାଇଁ ୫୦ରୁ ଅଧିକ ଖାଦ୍ୟ ଏବଂ ଅନ୍ୟାନ୍ୟ ଷ୍ଟଲର ବ୍ୟବସ୍ଥା କରାଯାଇଛି। କଳାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। କମିଟି ଉପସଭାପତି ସଚିକାନ୍ତ ମିଶ୍ର କହିଥିଲେ, ହୀରାକୁଦ ମହୋତ୍ସବ ସ୍ଥାନୀୟ ଲୋକଙ୍କ ପ୍ରୟାସ ଓ ସହଯୋଗରେ ଅନୁଷ୍ଠିତ ହୋଇଆସିଛି। ଏଥିରେ ସମସ୍ତ ରାଜନୈତିକ ଦଳ ଓ ସଂଗଠନର ସଦସ୍ୟ ସହଯୋଗ ଦେଇଆସୁଥିବାରୁ ବିଗତ ବର୍ଷରେ ହୀରାକୁଦ ମହୋତ୍ସବ ଜିଲାରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି।

## ଖେଲୋ ଇଣ୍ଡିଆ ବାଳିକା ସନ୍ତରଣ ପ୍ରତିଯୋଗିତା

# ସମ୍ବଲପୁରର ୮ ପ୍ରତିଯୋଗୀ ଜିତିଲେ ୧୭ ପଦକ


ରେଳ ଷ୍ଟେଶନରେ ସଫଳ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରାଯାଉଛି।

ସମ୍ବଲପୁର,୨୪।୧ (ଭବାନୀ ଶଙ୍କର ଭୋଇ): ଗତ ୨୧ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁରର ୮ ପ୍ରତିଯୋଗୀ ୧୭ ପଦକ ଜିତିବାରେ ସଫଳ ହୋଇଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ମହିକା ମହାକୁଡ, ଅନୁପ୍ରିୟା ପଟେଲ, ଦଶପ୍ରିତ କୌର ସୋଢୀ ୭ ପଦକ ହାସଲ କରିଥିବାବେଳେ ୧୫ବର୍ଷରୁ କମ୍ ବର୍ଗରେ ଆଞ୍ଚଲ ବାଗ, ଅର୍ପିତା ସେଠ, ଅଲିମା ପଣ୍ଡା, ଶ୍ରୀଜିତା ମହାକୁଡ ଓ ଜ୍ୟୋତି ସାଲମା ବିଭିନ୍ନ ପ୍ରତିଯାଗିତାରେ ୧୦ ମେଡାଲ ଜିତିଛନ୍ତି। ପ୍ରତିଯୋଗୀମାନେ ବୁଧବାର ସମ୍ବଲପୁର ଫେରିବା ପରେ ରେଳ ଷ୍ଟେଶନରେ ସେମାନଙ୍କୁ ଜିଲା ସନ୍ତରଣ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସନ୍ତରଣ ସଂଘ ସଭାପତି ଅକ୍ଷୟ କୁମାର ପ୍ରଧାନ, ଉପସଭାପତି ବିଜୟ ପ୍ରଧାନ, ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ରଙ୍ଗନିଧି ସେଠ, ମନୋଜ ବନଛୋର, ସୁରେନ୍ଦର ନାୟକ ପ୍ରମୁଖ ଏହି ସଫଳତା ପାଇଁ ଶୁଭକାମନା ଜଣାଇଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଝସକେତନ ସାହୁ ସନ୍ତରଣାଗାରର ପ୍ରଶିକ୍ଷକ ଚିନ୍ତନ ନାୟକଙ୍କ ତତ୍ତ୍ୱାଧାନରେ ପ୍ରତିଯୋଗୀମାନେ ଏହି କୃତିତ୍ୱ ହାସିଲ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ଓଡିଶା ସରକାର ଏବଂ ଭାରତୀୟ ଖେଳ ପ୍ରାଧିକରଣ ସହଯୋଗରେ ଓଡିଶା ସନ୍ତରଣ ସଂଘ ଏହି ପ୍ରତିଯୋଗତା ଆୟୋଜନ କରିଥିଲା।

# ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

## ୧୦୦୧ ମହିଳାଙ୍କ ଦ୍ୱାରା ଭବ୍ୟ କଳସ ଯାତ୍ରା

କୁଚିଣ୍ଡା,୨୪।୧(ବିରଞ୍ଚି ଦର୍ଚ୍ଚା): କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଅନ୍ତର୍ଗତ ଉଲଣ୍ଡାରେ ୩ଦିନ ଧରି ହେବାକୁ ଥିବା ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉତ୍ସବରେ ଅଷ୍ଟକୁଣ୍ଡୀୟ ଘୃତଯଜ୍ଞରେ ସହସ୍ରାଧିକ ଭକ୍ତଙ୍କ ଦ୍ୱାରା ସମ୍ମିଳିତ ଭାବେ ଆହୁତି ବ୍ୟବସ୍ଥା କରାଯାଇଛି। ୨୭ ଯୋଡ଼ି ସପତ୍ନିକ କର୍ତ୍ତା ଭାବେ ଯଜ୍ଞରେ ସାମିଲ ହେବାକୁ ଥିବାବେଳେ ଏଥିରେ ଆଖପାଖ ଅଞ୍ଚଳର ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆକଳନ କରାଯାଇଛି। ୩୦ ତାରିଖ ପୂର୍ବାହ୍ନରେ ଗୋଛରା ଭେଡେନ ନଦୀରୁ ୧୦୦୧ମହିଳାଙ୍କୁ ନେଇ ୪କି.ମି. ପର୍ଯ୍ୟନ୍ତ ଏକ ଭବ୍ୟ କଳସ ଶୋଭାଯାତ୍ରା, ଅପରାହ୍ନରେ ଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା ଅଧିବାସ କାର୍ଯ୍ୟକ୍ରମ ରହିଛି। ୩୧ରେ ସୂର୍ଯ୍ୟପୂଜା, ଦେବତାଙ୍କ ଆବାହନ ଓ ପୂଜନ, ମହାସ୍ନାନ, ଯଜ୍ଞାରମ୍ଭ, ପୁଷ୍ପାଞ୍ଜଳି ଏବଂ ୧ରେ ସୂର୍ଯ୍ୟପୂଜା ସହ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ଠାକୁରଙ୍କ ମନ୍ଦିର ବିଜେ ଓ ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ଧାମ ସଂସ୍କୃତି ପ୍ରଚାରିକା ସରୋଜିନୀ ଦେବୀଙ୍କ ଦ୍ୱାରା ପ୍ରବଚନ, ନାରାୟଣୀ ମହିଳା ସଂକୀର୍ତ୍ତନ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

# ଦିଲ୍ଲୀରେ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ସମ୍ବଲପୁର,୨୪।୧ (ଭବାନୀ ଶଙ୍କର ଭୋଇ): ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୫ତମ ଜନ୍ମ ବାର୍ଷିକୀ ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ମଙ୍ଗଳବାର ସୌର୍ଯ୍ୟ ଓ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି। ପ୍ରାରମ୍ଭରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ଅଫ କଲେଜେସ ଡ. ବଳରାମ ପାଣି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଶାରଦା ବିଶ୍ୱବିଦ୍ୟାଳୟର ପ୍ରଫେସର ତପନ ପ୍ରସାଦ ବିଶ୍ୱାଳ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଓପନ ଲର୍ନିଂର ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ସତ୍ୟବତୀ ମହାବିଦ୍ୟାଳୟର ପ୍ରଫେସର ଶିବ ଚରଣ ପଣ୍ଡା, ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ବିଶେଷଜ୍ଞ ଡ଼. ରାଜାରାମ ପଣ୍ଡା ଓ ବରିଷ୍ଠ ଖବରଦାତା ଡ଼. ଭବାନୀ ଦୀକ୍ଷିତ ବକ୍ତା ଭାବରେ ଯୋଗଦେଇ ସୁରେନ୍ଦ୍ର ସାଏଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ମାନସ ରଞ୍ଜନ ମିଶ୍ର ଓ ବାସୁଦେବ ତ୍ରିପାଠୀ ସଂଯୋଜନା କରିଥିଲେ।

# ସରକାରୀ ମହିଳା କଲେଜକୁ ବାସଗୃହ ଦାନ


ବାସଗୃହ ଦାନ କରୁଛନ୍ତି ଡା. ନାରାୟଣୀ ପଣ୍ଡା।

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର): ସମ୍ବଲପୁର ସରକାରୀ ମହିଳା କଲେଜକୁ ନିଜ ବାସଗୃହ ଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବିଶିଷ୍ଟ ଚିକିତ୍ସକ ଡା. ନାରାୟଣୀ ପଣ୍ଡା। ଏହାପୂର୍ବରୁ ସେ ମହିଳା କଲେଜର ବିକାଶ ପାଇଁ 'ମୋ କଲେଜ' ଯୋଜନାରେ ୨୦ଲକ୍ଷ ଟଙ୍କା ଦାନ କରିଥିଲେ। ତାଙ୍କ ପ୍ରଦତ୍ତ ୫ଲକ୍ଷ ଟଙ୍କାର ଜମାରାଶିରୁ ଲବ୍ଧ ସୁଧକୁ ଅସହାୟ ଛାତ୍ରୀଙ୍କ ସହାୟତାରେ ବିନିଯୋଗ କରାଯାଇ ଆସୁଛି। ଡା. ପଣ୍ଡାଙ୍କ ପ୍ରଦତ୍ତ ଗୃହର ଉପର ମହଲାକୁ ବର୍ତ୍ତମାନ ଛାତ୍ରୀମାନେ ବ୍ୟବହାର କରିବାର ସୁଯୋଗ ପାଇବେ। ଏଥିପାଇଁ କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଓ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ ଓ ଉପନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ ଡା. ପଣ୍ଡାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଡା. ପଣ୍ଡା ଏହା ପୂର୍ବରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଓ ସମ୍ବଲପୁର ସର୍ବସାଧାରଣ ପୁସ୍ତକାଗାରର ବିକାଶ ପାଇଁ ଦାନ କରିଛନ୍ତି।

## ମୁଦିପଡ଼ା ଜାଗେଶ୍ୱର ପୀଠରେ ନୂତନ ଶିବଲିଙ୍ଗ ପ୍ରତିଷ୍ଠା

ସମ୍ବଲପୁର,୨୪।୧(ବି.ଶଙ୍କର)

ସମ୍ବଲପୁର ମୁଦିପଡାସ୍ଥିତ ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ମନ୍ଦିରରେ ନୂତନ ଶିବଲିଙ୍ଗ ପ୍ରତିଷ୍ଠା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଙ୍କୁରାରୋପଣ ଅଧିବାସ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ବୁଧବାର କଳସ, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ଓ ବାସ୍ତୁପୂଜା ସହିତ ନୂତନ ଲିଙ୍ଗ ପ୍ରତିଷ୍ଠା ପୂଜା ହୋଇଥିଲା। ହୋମଯଜ୍ଞ ସମାପନ ପରେ ପ୍ରାଣପ୍ରତିଷ୍ଠା କରାଯାଇଥିଲା। ଏହା ସହିତ ନୂତନ ଧ୍ୱଜାରୋହଣ ଓ କଳସ ସ୍ଥାପନ ଅନୁଷ୍ଠିତ ହୋଇଥିଲା। ଈଶ୍ୱର ପ୍ରସାଦ ନନ୍ଦ ଓ ତାଙ୍କ ସହଧର୍ମିଣୀ ନିରୂପମା ନନ୍ଦ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହଯୋଗୀ ହରେଶ ମିଶ୍ର ଓ ରାଜକୁମାର ଷଡଙ୍ଗୀ ସହଯୋଗ କରିଥିଲେ। ମନ୍ଦିର କମିଟିର ସୁନୀଲ ଦାଶ, ଗତିକୃଷ୍ଣ ଷଡଙ୍ଗୀ, ଅଭିରାମ ପଟେଲ, ଦୁର୍ଗା ପଟ୍ଟନାୟକ, ଶାନ୍ତନୁ ପାଣିଗ୍ରାହୀ, ଖଡିରତ୍ନ ବେହେରା, ସୁଧିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମନ୍ଦିରର ପୁରୁଣା ଲିଙ୍ଗ ଏକାଧିକ ସ୍ଥାନରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଯୋଗୁ ନୂତନ ଲିଙ୍ଗ ପ୍ରତିଷ୍ଠା କରାଯାଇଛି। ଏହାସହିତ ମନ୍ଦିରର ଗମ୍ଭୀରା ତଥା ପରିସରର ନୂଆ କଳେବର କରାଯାଇଛି।

# ନେତାଜୀ କପ୍ କ୍ରିକେଟ: ଉପରମୁଣ୍ଡା ଚାମ୍ପିୟନ



ନାକଟିଦେଉଳ,୨୪।୧(ବୈକୁଣ୍ଠନାଥ ସାହୁ) ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମର ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ପକ୍ଷରୁ ଚାଲିଥିବା ନେତାଜୀ କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଉପରମୁଣ୍ଡା ଓ ଜଗନ୍ନାଥପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଉପରମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥ ପ୍ରସାଦ ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ କରି ମ୍ୟାଚ ହାରିଯାଇଥିଲା। ସଞ୍ଜିତ ନାଏକ ଓ ଅମିତ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ନେତାଜୀ କ୍ରୀଡ଼ା ସଂସଦ ସଭାପତି ହେମନ୍ତ ଅଦାବରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ଅତିଥି ଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ଜୋନ୍ ୨ର ଜିଲା ପରିଷଦ ସଭ୍ୟା ଟିକେଶରୀ ମେହେର ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଏବଂ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

## ଅଭିଜ୍ଞତା ବାଣ୍ଟିଲେ ଦେଶର ବିଶିଷ୍ଟ ଶିକ୍ଷାବିତ୍

### ଭିସୁଟ୍‌ରେ ସମ୍ମିଳନୀ

ସମ୍ବଲପୁର,୨୪।୧ (ଭବାନୀ ଶଙ୍କର ଭୋଇ):

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଟେକ୍ ଟ୍ରୋନିକ୍ସ-୨୦୨୪ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିଳ୍ପସଂସ୍ଥାରେ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ସୁଯୋଗ ସହ ଶିଳ୍ପସଂସ୍ଥାର ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଲେକ୍ଟ୍ରିକାଲ ବିଜ୍ଞାନ ମୁଖ୍ୟ ପ୍ରଫେସର ସିଦ୍ଧାର୍ଥ ପଣ୍ଡା ସମ୍ମିଳନୀର ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ। ଭିସୁଟ୍ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, କୁଳପତି ପ୍ରଫେସର ଡ଼. ବଂଶୀଧର ମାଝି ଏଭଳି କାର୍ଯ୍ୟକ୍ରମ ଜରିଆରେ ନୂତନ ଉଦ୍ଭାବନ ଏବଂ ଉତ୍କର୍ଷତାର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଲୋକଙ୍କ ଭିତରେ ଭାବ ବିନିମୟ ଓ ଯୋଗାଯୋଗ ପାଇଁ ନେଟୱର୍କିଂକୁ କିଭଳି ଉପଯୋଗ କରାଯାଉଛି ସେ ଉପରେ ଆଲୋଚନା ହୋଇଥିଲା। ଡିଆର୍‌ଡିଓ ଚାନ୍ଦିପୁରର ବରିଷ୍ଠ ବୈଜ୍ଞାନିକ ଡ଼. ପ୍ରଭାକର ମଲ୍ଲିକ୍ ଶିଳ୍ପସଂସ୍ଥାର ସ୍ଥାୟୀ ବିକାଶ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ଆଇଓଟି ମାଧ୍ୟମରେ ଇ-ଆବର୍ଜନାର ସଦୁପଯୋଗ ଉପରେ ଏନ୍‌ଆଇଟି ରାଉରକେଲାର ବରିଷ୍ଠ ପ୍ରଫେସର ଡ଼. ଏସ୍.କେ. ଦାସ ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଭିଭିଡିଏନ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡ଼. ଅଜିତ କୁମାର ପଣ୍ଡା ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଆଇଆଇଟି ଭୁବନେଶ୍ୱରର ଡ଼. ସି ପେରୁମୁଲ୍ଲା ବିଦ୍ୟୁତ୍ ଯାନ ଉପରେ ସରକାରୀ ନିୟମ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ବଡବିଲସ୍ଥିତ ଜିନ୍ଦଲ ଷ୍ଟିଲର ଆସୋସିଏଟ ଉପାଧ୍ୟକ୍ଷ ବି.କେ. ଦାସ ବର୍ତ୍ତମାନ ସମୟରେ ସୁସ୍ଥ ଔଦ୍ୟୋଗିକ ବିକାଶ ପାଇଁ ଖଣିଜ କ୍ଷେତ୍ରର ସଦୁପଯୋଗ ଉପରେ କହିଥିଲେ। ପରେ ଛାତ୍ରୀଛାତ୍ର ଅତିଥିମାନଙ୍କୁ ନିଜ କ୍ୟାରିୟର ସମ୍ବନ୍ଧୀୟ ପ୍ରଶ୍ନ ପଚାରି ସେମାନଙ୍କ ଭବିଷ୍ୟତ ଗଠନ ପାଇଁ ସୁଯୋଗ ପାଇପାରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଡ଼. ଅଜିତ କୁମାର ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସହ ଆବାହକ ଡ଼. ଦୀପ୍ତିମୟୀ କହଁର ସମସ୍ତ ଅତିଥି ଓ ପ୍ରତିଭାଗୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ପ୍ରତ୍ୟେକ କନ୍ୟା ସନ୍ତାନ ଅନନ୍ୟ



ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀମାନେ।



ରେଙ୍ଗାଲିରେ ବାଳିକାମାନଙ୍କ ସଚେତନତା ଶୋଭାଯାତ୍ରା।

ସମ୍ବଲପୁର,୨୪।୧ବି.ଶଙ୍କର/ଭବାନୀ ଶଙ୍କର ଭୋଇ /ଦେବବ୍ରତ ପଣ୍ଡା): ସମ୍ବଲପୁର ଶିକ୍ଷା ବିଭାଗ ପକ୍ଷରୁ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ବୁଧବାର ଜିଲାସ୍ତରୀୟ ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କନ୍ୟାସନ୍ତାନ ଅନନ୍ୟ, ସେମାନେ ନିଜକୁ ଦୁର୍ବଳ ନ ଭାବି ଅଧ୍ୟବସାୟ ତଥା ସମୟର ସଦୁପଯୋଗ ପୂର୍ବକ ଅସମ୍ଭବକୁ ସମ୍ଭବ କରି ଦେଖାନ୍ତୁ ବୋଲି କହିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ମୂରଲିଧର ବେହେରା ଓ ଜୟଶ୍ରୀ ଦୋରା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଲିଙ୍ଗଗତ ସମାନତା, ଛାତ୍ରୀମାନଙ୍କ ବିଭିନ୍ନ ଅଧିକାର, ଅଧିନିୟମ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ, ଜିଲା ବାଳିକାଶିକ୍ଷା ସଂଯୋଜକ ଅବିନାଶ ସାହୁ ମଞ୍ଚାସୀନ ଥିଲେ। ସମ୍ବଲପୁର ସମଗ୍ର ଶିକ୍ଷା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସ୍ତରରୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ୬ଜଣ ଲେଖାଏ, ଜିଲାର ସମସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୬ଜଣ ଲେଖାଏ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ସତ୍ୟନାରାୟଣ ଠାକୁର, ବିଶ୍ୱନାଥ ପ୍ରଧାନ, ଅଭିନନ୍ଦନ ତ୍ରିପାଠୀ, ଦୀପାଳି ଚୌଧୁରୀ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

ବୁର୍ଲାର ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଭିମ୍‌ସାର ଯୁଜି ଛାତ୍ରସଂସଦ, ପ୍ରତିଷ୍ଠା ବୁର୍ଲା ଓ ଭିସୁଟ୍ ସଂସ୍କାର କେନ୍ଦ୍ରର ମିଳିତ ଆୟୋଜନରେ ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଦୀପଶିଖା - ୨୦୨୪ ଆୟୋଜିତ ହୋଇଯାଇଛି। ଆଲୋକ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁ ଓ ଭିମ୍‌ସାର ଯୁଜି ଛାତ୍ର ସଂସଦ ସଭାପତି ଚିରଞ୍ଜିବୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଡ଼. ନିରୁପମା ବଡ଼ପଣ୍ଡା, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର ରାମ ନରେଶ ମହାଲିଙ୍ଗ, ଦେବ ନାରାୟଣ ତିୱାରୀ, ତରଣୀ ସେନ ଚାନ୍ଦ, ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଲକ୍ଷ୍ମୀ ନାରାୟଣ ପଣ୍ଡା, ନିରୁପମା ନାୟକ, ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଏହି ଦିବସର ମହତ୍ତ୍ୱ ଓ ଶିଶୁ ଅଧିକାର ବିଷୟରେ ବୁଝାଇଥିଲେ। ସମ୍ବଲପୁରୀ କଣ୍ଠଶିଳ୍ପୀ ଅନାମିକା ଆଚାର୍ଯ୍ୟ, ସମ୍ବଲପୁରୀ ଅଭିନେତ୍ରୀ ସ୍ୱାତୀ ପଟେଲ ଓ ଅର୍ପିତା ବେହେରା ଶିଶୁ କନ୍ୟା ଅଧିକାର ଓ ବର୍ତ୍ତମାନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଆଲୋକ ଶିଶୁ ପତ୍ରିକାର ୧୬ ତମ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ପ୍ରାୟ ଆଠଶହରୁ ଉର୍ଦ୍ଧ୍ୱ ଶିଶୁ ଯୋଗଦେଇ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ।

ସମ୍ବଲପୁର ଜିଲା ରେଙ୍ଗାଲି ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ବିଆର୍‌ସିସି ମହେନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ନୂଆରମ୍ପେଲା ଉଚ୍ଚ ବିଦ୍ୟାଳୟର ବାଳିକାମାନେ ବିଭିନ୍ନ ସ୍ଲୋଗାନ ଦେଇ, ପ୍ଲାକାର୍ଡ ଧରି ରେଙ୍ଗାଲି ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରମଣୀକାନ୍ତ ସାହୁ, ନୂଆରମ୍ପେଲା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ବେହେରା, ସିଆର୍‌ସିସି ଜିତେନ୍ଦ୍ର ବିଶ୍ୱାଳ, ଦିଲୀପ ଦାସ ଓ ସହକାରୀ ଶିକ୍ଷକ ଲକ୍ଷ୍ମଣ ବାରିକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅଳିଆଗଦାରୁ ଉଦ୍ଧାର ହେଲା ନବଜାତଙ୍କ ମୃତଦେହ

ଭବାନୀପାଟଣା,୨୪ା୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସଦର ଡାକ୍ତରଖାନା ଅଳିଆ ଗଦାରୁ ବୁଧବାର ଜଣେ ନବଜାତ ଶିଶୁ ପୁତ୍ରଙ୍କ ମୃତଦେହ ଜବତ କରାଯାଇଛି। ଜନ୍ମ ପରେ ଶିଶୁକୁ କେହି ଫିଙ୍ଗିଦେଇଥିବା ସନ୍ଦେହ କରାଯାଇଛି। ଅଳିଆ ଗଦାରେ ଦୀର୍ଘ ସମୟ ଧରି ନବଜାତକଙ୍କ ମୃତଦେହ ପଡିଥିବାବେଳେ କୁକୁରମାନେ ଝୁଣି ଖାଉଥିବା ଦେଖି ସ୍ଥାନୀୟ କିଛି ଯୁବକ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ କରୁଥିବା ସୂଚନା ମିଳିଛି।

### ଅଦିନିଆ ବର୍ଷା, ଖପ୍ରାଖୋଲରେ ପୁଷ୍‌ପୁନି ଫିକା

ଖପ୍ରାଖୋଲ,୨୪ା୧(ଅଭୟ ତ୍ରିପାଠୀ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ପୁଷପୁନି। ପୂର୍ଣ୍ଣିମା ଗୁରୁବାର ପଡୁଥିବାରୁ ଦିନକ ପୂର୍ବରୁ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବୁଧବାର ପୁଷପୁନି ପାଳିତ ହୋଇଥିଲା। ଅଦିନିଆ ବର୍ଷା ପାଇଁ ପର୍ବ ଟିକିଏ ଫିକା ଫିକା ଲାଗିଥିଲେ ବି ଗାଁମାନଙ୍କରେ ବର୍ଷା ଛାଡ଼ିଲା ପରେ ପିଲାମାନେ ବ୍ୟାଗ ଧରି ଘର ଘର ବୁଲି ଛେ ଛେର୍ ଛେରା ଡାକ ଛାଡି ଧାନ ପଇସା ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଧାନ ଫସଲ ଅମଳ ପରେ ଚାଷୀ କୃଷି ଶ୍ରମିକଙ୍କୁ ବର୍ଷକର ପାଉଣା ଦେବା ସହ ଖୁସିରେ ଶ୍ରମିକ, ଛୋଟ ପିଲାଙ୍କୁ ଧାନ ବାଣ୍ଟିଥିଲେ। ପ୍ରତ୍ୟେକଙ୍କ ଘରେ ଭଳିକି ଭଳି ପିଠା, ଲଡୁ, ବରା ପ୍ରସ୍ତୁତ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ପର୍ବର ମହକ କମି ନ ଥିବା ବାରି ହୋଇ ପଡିଥିଲା।

# ମଧ୍ୟାହ୍ନଭୋଜନ ପରେ ହେଉଛି ଛୁଟି

ସିନାପାଲି,୨୪ା୧(ମନଫୁଲ ମେହେର)



**ଚଉରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ରତୁକାଳୀନ ଆବାସିକ ଛାତ୍ରୀଛାତ୍ରଙ୍କୁ ଛାଡି ଶିକ୍ଷକ ଛୁ
- ଅନ୍ତେବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ମଖାପଦର ପଞ୍ଚାୟତ ଚଉରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ ଛୁଟି କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ରତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରର ଅନ୍ତେବାସୀଙ୍କୁ ଛାଡି ଶିକ୍ଷକମାନେ ଚାଲିଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କ ଏଭଳି ମନମୁଖୀ କାର୍ଯ୍ୟ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିବା ବେଳେ ଅନ୍ତେବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ୧୯୬୦ରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨ଶହ ଛାତ୍ରୀଛାତ୍ର ଥିବା ବେଳେ ୪ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ବୁଧବାର ବିଦ୍ୟାଳୟ ଖୋଲାଯାଇ ମଧ୍ୟହ୍ନ ଭୋଜନ ପରେ ଛୁଟି କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ମଧ୍ୟାହ୍ନ ଭୋଜନ ପରେ ଛୁଟି କାହିଁକି କରାଯାଇଥିଲା ତାହା ଜଣାପଡି ନାହିଁ। ପୁଣି ଉକ୍ତ ବିଦ୍ୟାଳୟରେ ରତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଖୋଲାଯାଇଛି। ଦାଦନ ଯାଇଥିବା ମା'ବାପାଙ୍କ ପୁଅଝିଅମାନେ ଏହି ଆବାସିକ ପ୍ରଯତ୍ନ କେନ୍ଦ୍ରରେ ରହି ପାଠ ପଢୁଛନ୍ତି। ହେଲେ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ବନ୍ଦ କରି ଶିକ୍ଷକମାନେ ଚାଲିଯିବା ପରେ ଏହି ସମୟରେ ଅନ୍ତେବାସୀ ଛାତ୍ରୀଛାତ୍ର କାହା ଦାୟିତ୍ୱରେ ଥିଲେ ବୋଲି ପ୍ରଶ୍ନ ଉଠୁଛି। ଯେହେତୁ ଏଠାରେ ନିଯୁକ୍ତ କେୟାରଟେକରମାନେ ବିଦ୍ୟାଳୟ ଛୁଟି ପରେ ଅର୍ଥାତ ୪ଟା ପରେ ହିଁ ବିଦ୍ୟାଳୟ ଆସିବା ବ୍ୟବସ୍ଥା ରହିଛି। ଏଠାରେ ନିରୀହ ଦାଦନ ମା'ବାପାଙ୍କ ପୁଅଝିଅ ଏହି ସମୟ ମଧରେ କୌଣସି ଅଘଟଣ ହେଲେ କିଏ ଦାୟୀ ରହିବେ। ପୁଣି ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ ପିଲାଙ୍କୁ ଠିକ ଭାବେ ସୁବିଧା ଯୋଗାଇ ଦିଆଯାଉ ନାହିଁ। ରତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରରେ ଥିବା ଅନୁସାଗିକ ବ୍ୟବସ୍ଥାର ପ୍ରଚଳନ କରାଯାଉ ନାହିଁ। ବିଦ୍ୟାଳୟରେ ପ୍ରଯତ୍ନ କେନ୍ଦ୍ର ସମ୍ବନ୍ଧୀୟ କୌଣସି ସୂଚନା ଫଳକ ନାହିଁ। ଉକ୍ତ କେନ୍ଦ୍ରରେ ମୋଟ ୪୪ଜଣ ଛାତ୍ରୀଛାତ୍ର ରହୁଥିବା ଦର୍ଶାଯାଇ ଥିବା ବେଳେ ମାତ୍ର ୧୦ରୁ ୧୫ଜଣ ଛାତ୍ରୀଛାତ୍ର ରହୁଥିବା ଦେଖିବାକୁ ମିଳିଛି। କିନ୍ତୁ କାଗଜପତ୍ରରେ ଛାତ୍ରୀଛାତ୍ର ପୂର୍ଣ୍ଣମାତ୍ରାରେ ଥିବା ଦର୍ଶାଯାଉଛି। ରତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଅବ୍ୟସ୍ଥା ଓ ଅନିୟମିତତାରେ ଚାଲୁଥିବା ଜଣାପଡିଛି। ଶିକ୍ଷକମାନେ ପ୍ରତିଦିନ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଛୁଟି କରି ଚାଲିଯାଉଥିବା ସ୍ଥାନୀୟ ଅଭିଭାବମାନେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ଜନ୍ମେଜୟ ମେହେରଙ୍କୁ ପଚାରିବାରୁ ସେ ଛୁଟିରେ ଥିବା ବେଳେ ଅନ୍ୟଜଣେ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ଦେଇଥିବା ପ୍ରକାଶ କରି କଥାକୁ ଏଡାଇ ଦେଇଥିଲେ। ସିଆରସିସି ରମାକାନ୍ତ ମେହେରଙ୍କୁ ପଚାରିବାରୁ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ବନ୍ଦ କରିବା କୌଣସି ସୂଚନା ନ ଥିଲା। ସେମାନେ କାହିଁକି ଛୁଟି କଲେ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ସିନାପାଲି ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାତ ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ନୂଆଁପାଲି ଧନୁଯାତ୍ରା ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାର କଳାକାରଙ୍କ ସହ ଅତିଥିମାନେ।

ଦେଓଗାଁ,୨୪ା୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ନୂଆଁପାଲି ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ ସିଂ ନିନା, ଭାଜପା ନେତା ଶଶୀଭୂଷଣ ସାହୁ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଶ୍ୱଜିତ ପାତ୍ର ଯୋଗଦେଇଥିଲେ। ଏହି ଦିନ କୃଷ୍ଣ ବଳରାମ ବେନୀ ଭାଇଙ୍କ ମଥୁରା ଆଗମନ ଓ ରାଜା କଂସଙ୍କ ନିଧନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। କଂସ ଭୂମିକାରେ ପ୍ରଫୁଲ୍ଲ ମେହେର ଓ ଅନ୍ୟ କଳାକାରମାନଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନା ବଜାର ଆକର୍ଷଣର କେନ୍ଦ୍ର ହୋଇଥିଲା। ମହୋତ୍ସବକୁ ଆୟୋଜନରେ ମହାଦେବ ପଧାନ, ଶମ୍ଭୁ ଦୋରା, ବିପିନ ବିଶ୍ୱାଳ, କବି ଦୋରା, ସିଦ୍ଧେ ଦୋରା ଓ ଧନୁଯାତ୍ରା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

### ଏସ୍‌ପି ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓ-ଏଆଇଏମ୍‌ଏସ୍‌ଏସର ବିକ୍ଷୋଭ

## ବଳାତ୍କାର, ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କର

ବଲାଙ୍ଗୀର,୨୪ା୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଳା ଥାନା ତୁଷ୍ଟାପାଲି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପୀଡିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ବୁଧବାର ଛାତ୍ର ସଙ୍ଗଠନ ଅଲ୍‌ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ଏବଂ ମହିଳା ସଙ୍ଗଠନ ଅଲଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ(ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଦାବି କରିଥିଲେ, ଗତ ୨ତାରିଖରେ ତୁଷ୍ଟାପାଲି ଲାନ୍ଥ ନଦୀକୂଳରେ ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର ପରେ ସେଠାରେ ହତ୍ୟା ଉଦ୍ୟମ କରାଯାଇଥିଲା। ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଏକ ହତ୍ୟା ଷଡଯନ୍ତ୍ର ବୋଲି ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇ ଅଭିଯୁକ୍ତଙ୍କ ବିଷୟରେ ପୋଲିସକୁ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇଥିଲା। ଏହାସତ୍ତ୍ୱେ ପୋଲିସ କୌଣସି ବିହିତ ପଦକ୍ଷେପ ଗ୍ରହଣ କରିନାହିଁ। ଘଟଣାକୁ ୨୨ଦିନ ବିତିଯାଇଥିଲେ ମଧ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସଇଁତଳା ଓ ଟିଟିଲାଗଡ ପୋଲିସ ଘଟଣାକୁ କାହିଁକି ଗୁରୁତ୍ୱ ନଦେଇ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିଛି ତାହା ମଧ ତଦନ୍ତ ସାପେକ୍ଷ ବୋଲି ପ୍ରଶ୍ନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଦାବିପତ୍ର ଦେଇ ଆଡିସନାଲ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି କଠୋର ଶାସ୍ତି ବିଧାନ କରିବାକୁ ସେମାନେ ଦାବି କରିଥିଲେ। ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ଗଣଧାରଣା ଏବଂ ବିକ୍ଷୋଭ କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ଜିଲା ସମ୍ପାଦକ ମଧୁସୂଦନ ବାଗ, ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଏଆଇଡିୱାଇଓ ଜିଲା ସମ୍ପାଦକ ତାମସ ବେହେରା, ଏଆଇଏମ୍‌ଏସ୍‌ଏସ୍ ଜିଲା ଉପସଭାପତି ବିଜୟ ନାଗ, ରିଙ୍କି ପ୍ରଧାନ, ଗୌରୀ ରାଉତ, ମହାଦେବ ଛତ୍ରିଆ, ନମିସା ଛତ୍ରିଆ, ସିନ୍ଧୁ ବନଗୁଲାଙ୍କ ସହ ବହୁ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

### ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମଞ୍ଚ



ହାତୀସରା ବେନାର ମହୁରିଆ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଚୁଟକୁ ଚୁଟା ନୃତ୍ୟ।

ଦେଓଗାଁ,୨୪ା୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ କୁଲିଆବାହାଲ ପୁଷ୍ୟାଭିଷେକ ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଯୁଗଳ କିଶୋର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଜରାସିଂହା ସରପଞ୍ଚ କୁଶମଣୀ ମେହେର, ଉଡାର ସରପଞ୍ଚ ପଞ୍ଚମୀ ଦୀପ, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଏପରି ମହୋତ୍ସବ କଳାକାରଙ୍କ ଲୁକ୍କାୟିତ କଳାର ବିକାଶ କରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁଇଁତଳା ଢୋଲ ମୁହୁରୀ କଳା ପରିଷଦ, ହାତୀସରା ବେନାର ମୁହୁରିଆ କଳା ପରିଷଦ, କୁମ୍ଭାରୀର ଆଦିବାସୀ ପାରମ୍ପରିକ କଳାନୃତ୍ୟ ରେ ଦର୍ଶକ ଝୁମିଥିଲେ। କମିଟି ସଦସ୍ୟ ଛବିଳ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର

ଦେଓଗାଁ,୨୪ା୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ଚରଣ ବିଶି ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜିକୃତ ଦଳମାନେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକକଳା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ। ଏ ଅବସରରେ ବରିଷ୍ଠ କଳାକାର ଧରଣୀଧର ନାଏକ, ଶ୍ରୀବଚ୍ଛ ସାହୁ, ଧନେଶ୍ୱର ଥନାପତି, ଅର୍ଜୁନ ନନ୍ଦ, ଶରତ କୁମାର ପୁଟେଲ ପ୍ରମୁଖ କଳାକାର ଲୋକକଳାକୁ ବଞ୍ଚାଇବା ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟରେ କଳାକାରମାନଙ୍କ ପାଇଁ ଏକ ବୈଠକ ଗୃହ ଯୋଗାଇ ଦେବାକୁ କଳାକାରମାନେ ଦାବି ରଖିଥିଲେ।

### ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର

ଗୋଲାମୁଣ୍ଡା,୨୪ା୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଉତ୍ସବ ଓ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ପ୍ରାଧ୍ୟାପକ ଜୟନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ କବିତା ଲିଖନ, ଓଡ଼ିଆ ଭାଗବତ ପାଠ, ଓଡ଼ିଆ କବିତା ପାଠ, ଓଡ଼ିଆ ଗୀତ ଗାୟନ, ଓଡ଼ିଆ ହସ୍ତାକ୍ଷର ଲିଖନ, କୁଇଜ ଆଦି ପ୍ରତିଯୋଗିତା ଆୟୋଜିତ ହେବା ସହ ଜଗନ୍ନାଥ ସଂସ୍କୃତି ଆଧାରିତ ଓଡ଼ିଆ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଆଲୋଚକ ଭାବେ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରଫେସର ସତ୍ୟ ପଟ୍ଟନାୟକ ଯୋଗ ଦେଇ 'ଓଡ଼ିଆ ସଭ୍ୟତା ଓ ଇତିହାସର ପ୍ରତୀକ ଶ୍ରୀଜଗନ୍ନାଥ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ଼ ପ୍ରାଧ୍ୟାପକ ଲିଙ୍ଗରାଜ ପାତ୍ର ଓ ସାହିତ୍ୟ ଓ ଦର୍ଶନରେ ଶ୍ରୀଜଗନ୍ନାଥ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚିକା ଭାବେ ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣାର ଅଧ୍ୟାପିକା ଡ. ରାଧାରାଣୀ ନାୟକ 'ଶ୍ରୀଜଗନ୍ନାଥ ସଂସ୍କୃତି:ଓଡ଼ିଆ ଜାତିର ଅସ୍ମିତା' ବିଷୟରେ ଆଲୋଚନା କରିଥିଲେ। ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ 'ଓଡ଼ିଆ କଳା ଓ ସଂସ୍କୃତିର ପ୍ରାଣ ଶ୍ରୀଜଗନ୍ନାଥ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରବୀର କୁମାର ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଓ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ଓ କୃତୀଙ୍କୁ ପୁରସ୍କାର ଓ ଉତ୍କର୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଘନଶ୍ୟାମ ଭାଟି, ସନ୍ଦୀପ କୁମାର କାନୁନଗୋ, ଯଯାତି କେଶରୀ ରାଉତ, କବି ପ୍ରସାଦ ପଟ୍ଟନାୟକ, ଅଧ୍ୟାପିକା ଶୋଭାଗିନୀ ନାୟକ, ଅଧ୍ୟାପକ ତ୍ରିନାଥ ପଟ୍ଟନାୟକ, ଅଧ୍ୟାପିକା ପ୍ରିୟମ୍ବଦା ରଥ, ଦିଲୀପ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ପ୍ରଧାନ, ହିମାଞ୍ଚଳ ମେହେର, ଗୋବର୍ଦ୍ଧନ ମେହେର, ଦେବରାଜ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୀରସିନ୍ଧୁ ମଙ୍ଗରାଜ, ଜାନକୀ ସିପକା, ଖୁଜାରାମ ମାଝି, ନିର୍ମଳ ସ୍ୱାଇଁ, ଗଣେଶ କାଣ୍ଡ, କୋରେ ବେୱା, ତାରିଣୀ ମହାନନ୍ଦ, ମାଣିକ୍ୟ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

## ୮୪ ଘର ଅଘରିଆ ସମାଜ ଯୁବ ସମାବେଶ

ବଲାଙ୍ଗୀର,୨୪ା୧(ବୀରେନ୍ଦ୍ର କୁମାର ଝାଙ୍କର)

ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଆଞ୍ଚଳିକ କମିଟି ବଲାଙ୍ଗୀର ଆନୁକୂଲ୍ୟରେ ବୁଧବାର ମାଧିଆପାଲିସ୍ଥିତ ଗାର୍ଡେନ ଇନ୍ ହୋଟେଲରେ ପ୍ରଥମ ଯୁବ ସମାବେଶ ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କେନ୍ଦ୍ର ସଭାପତି ଶୁଭ୍ରାଂଶୁ ପଟେଲଙ୍କ ତତ୍ତ୍ୱାବଧାନ ଏବଂ ଯୁବାମଞ୍ଚ ସଭପତି ପ୍ରମୋଦ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୁବ ସମାବେଶରେ ମୁଖ୍ୟଅତିଥି ଭାବେ ଛତିଶଗଡ ରାଜ୍ୟ ସଭାପତି ଭୁବନେଶ୍ୱର ପଟେଲ, ସମ୍ମାନୀତ ଅତିଥି ଭାବେ ଓଡିଶା ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ଗାଙ୍ଗପୁର ଗୁଡି ସଭାପତି ପ୍ୟାରୀମୋହନ ପଟେଲ, କଳାହାଣ୍ଡି ଜିଲା ସମ୍ପାଦକ ସୁଜନ ଅଘରିଆ, ଟ୍ରଷ୍ଟ ସମ୍ପାଦକ ଦିଲୀପ ପଟେଲ, ସଂଯୋଜକ ଯଶୋବନ୍ତ ନାଏକ, ଓଡିଶା ରାଜ୍ୟ ସମ୍ପାଦକ ସୁରେଶ ପଟେଲ, ସୁନ୍ଦରଗଡ ମଣ୍ଡଳ ସଭାପତି ଦିଲୀପ ପଟେଲ, ଛତିଶଗଡ ସାଧାରଣ ସମ୍ପାଦକ ଦୀନ ଦୟାଲ ପଟେଲ, କେନ୍ଦ୍ରୀୟ ସମ୍ପାଦକ ଧନଞ୍ଜୟ ପଟେଲ ଯୋଗ ଦେଇଥିଲେ।




ଯୁବ ସମାବେଶରେ ମଞ୍ଚାସୀନ ଅତିଥି।

**ରକ୍ତଦାନ ଶିବିର ଆୟୋଜିତ: ୪୧୧ ୟୁନିଟ୍ ରକ୍ତ ସଂଗ୍ରହ**

ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୁବେର ମହନ୍ତ, ସମ୍ମାନୀତ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ନାଏକ ଉଦ୍‌ଘାଟନ କରିଥିଲେ। ୮୪ ଘର ଅଘରିଆ ସମାଜ ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ୪୬ତମ ଜନ୍ମ ଦିନ ପାଳନ ଅବସରରେ ଯୁବାମଞ୍ଚ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୪୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସଭାମଞ୍ଚକୁ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

70th NATIONAL FILM AWARDS 2022
CALL FOR ENTRIES
Films and Writing on Cinema

ELIGIBILITY

Feature & Non-Feature
Certified by CBFC
with English Subtitles

Books, Articles/Reviews
on Cinema
Published

From 01/01/2022 to 31/12/2022
(Both days inclusive)

For any queries call 011-26499378/357
(9:30 AM – 5:00 PM on weekdays)

Visit www.mib.gov.in for the regulations and to apply online
Submission of online applications till 30/01/2024 (by 5:00 PM)

All documents must be sent to the given address:
National Film Awards Cell
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

Email: 70nfa2022@gmail.com
Website: www.mib.gov.in

CBC 22201/11/0154/2324

# ବ୍ୟବସାୟିକ ଭିତ୍ତିରେ ଚାଷ ଉପରେ ଗୁରୁତ୍ୱ

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୦ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ବିଭାଗର ମୁଖ୍ୟ ଡ. ପ୍ରସନ୍ନଜିତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ପ୍ରମୁଖ ବୈଜ୍ଞାନିକ ଡ. ପି ପି ପାଲ, କେନ୍ଦ୍ରୀୟ ଉଦ୍ୟାନ ଗବେଷଣା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଗୋବିନ୍ଦ ଚରଣ ଆଚାର୍ଯ୍ୟ ଓ ଆଇଆଇଟିଏସ ଟିପିଲିମାର ଅତିରିକ୍ତ ଗବେଷଣା ନିର୍ଦ୍ଦେଶକ ଡ. ସଞ୍ଜୁକ୍ତା ମହାପାତ୍ର ଭିଡିଓ କନଫେରେନ୍ସିଂରେ ବୈଠକରେ ଯୋଗ ଦେଇଥିଲେ। ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୂତି ଭୂଷଣ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ, ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ହୃଷିକେଶ ଦାଶ, ନାବାର୍ଡ ଡିଡିଏମ ଡ. ସତ୍ୟ ସ୍ୱରୂପ ବେଦାନ୍ତ,



ବୈଠକରେ ଉପସ୍ଥିତ ବୈଜ୍ଞାନିକ ଓ ଅନ୍ୟ ଅଧିକାରୀ ବୃନ୍ଦ।

**୨୦ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ**

ଜିଲା ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଜି କାମରାଜ ଦୋରା ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ଚାଷୀ କ୍ଷେତରେ ଉପୁଜୁଥିବା ପ୍ରକୃତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ଜ୍ଞାନ କୌଶଳର ବ୍ୟବହାର ଓ ବ୍ୟବସାୟିକ ଭିତ୍ତିରେ କୃଷି କରିବା ପାଇଁ ବୈଜ୍ଞାନିକ ସର୍ବଦା ଚେଷ୍ଟା କରନ୍ତି ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଜିଲାରେ ବିଭିନ୍ନ ପନିପରିବା ଓ ଫଳର ପ୍ରକ୍ରିୟାକରଣ କରି ମୂଲ୍ୟଯୁକ୍ତ ପଦାର୍ଥ ତିଆରି କରି କୃଷକ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ନାବାର୍ଡ ଡିଡିଏମ ପ୍ରସ୍ତାବ ରଖିଥିଲେ। କେନ୍ଦ୍ରୀୟ ଉଦ୍ୟାନ ଗବେଷଣା କେନ୍ଦ୍ରର ପ୍ରମୁଖ ପନିପରିବାର ବିହନ ଉତ୍ପାଦନ ଉପରେ କାର୍ଯ୍ୟକ୍ରମ ରଖିବାକୁ ଉପଦେଶ ଦେଇଥିଲେ। ଧାନ ଚାଷ ପରେ କ୍ଷେତରେ ପାଳକୁ ନ ଜଳାଇବା ପାଇଁ ବନବିଭାଗ ପକ୍ଷରୁ ପରାମର୍ଶ ଦିଆ ଯାଇଥିଲା। କୃଷି ଓ କୃଷି ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟ ଯଥା ପିଜୁଳି ବଗିଚାର ଯତ୍ନ, ମାଣ୍ଡିଆର ପ୍ରଚାର ପ୍ରସାର ଓ ଉନ୍ନତମାନର ବିହନ ଉତ୍ପାଦନ ଉପରେ ଅତିଥିମାନେ ପତପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱ ରଞ୍ଜନ ପଟ୍ଟନାୟକ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ ଓ ଆଗାମୀ ବର୍ଷର କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜ୍ଞାନ ସନ୍ଦର୍ଭ ପୁସ୍ତିକା ଯଥା ମୂଲ୍ୟଯୁକ୍ତ ପଦାର୍ଥ, ଫଳ ଚାଷରେ ମୁଖ୍ୟ ରୋଗପୋକ ଓ ତାର ପରିଚାଳନା, ବ୍ୟବସାୟିକ ଭିତ୍ତିରେ ଫୁଲ ଚାଷ, ପରିବର୍ତ୍ତନଶୀଳ ଜଳବାୟୁରେ ରାଶି ଚାଷ ତଥା ଷାଣ୍ମାଷିକ ସମାଚାର ପତ୍ରିକା ସୁବର୍ଣ୍ଣା ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଲୋପାମୁଦ୍ରା ରାୟ ପରିଚାଳନା କରିଥିଲେ। ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାଏ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକା ସୁପ୍ରଭା ସେଠୀ, ଡ. ସତ୍ୟବ୍ରତ ମଙ୍ଗରାଜ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସିଦ୍ଧାର୍ଥ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ବିନିକା,୨୪।୧(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଅଧକ୍ଷା ରେଖା ପଧାନଙ୍କ ଅଧକ୍ଷତାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୮ ଦିନ ଧରି ହେବାକୁ ଥିବା ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅଧାପକ ମନୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଡ. ନୀଳମାଧବ ଛତ୍ର, ବିଜୟ କୁମାର ସାହୁ, ମନୀଷ ଆଚାର୍ଯ୍ୟ, ଗରିବ ସାଲମା, ଝଲକ ମିଶ୍ର, ଆର୍ଶୀବାଦ ପଧାନ, ଅଭିଳାଷ ମିଶ୍ର, ମାଷ୍ଟର ଟ୍ରେନର ସାବିତ୍ରୀ ସାହୁ, ଲିଜା ଡାଙ୍ଗ ଯୋଗଦେଇ ଥିଲେ। ଅଧାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଅଧାପକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆତ୍ମସୁରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ଦେବଦର୍ହାରେ ଗୋଷ୍ଠୀ ସଂଘର୍ଷ: ଜଣେ ମୃତ

ପଦ୍ମପୁର,୨୪।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବୁଧବାର ପଦ୍ମପୁର ଆରକ୍ଷୀ ଅଧିକାରୀ ବିଭୂତିଭୂଷଣ ଭୋଇ, ଜଗଦଲପୁର ଥାନା ଅଧିକାରୀ ବିପିନ ବାଗ ଓ ପୋଲିସ ଟିମ୍ ଦେବଦର୍ହା ଗସ୍ତକରି ନିକଟସ୍ଥ ଚଙ୍ଗରିଆ ଗ୍ରାମର କେତେଜଣ ଯୁବକଙ୍କୁ ଅଟକ ରଖିଛନ୍ତି। ପ୍ରସିଦ୍ଧ ଶୈବପୀଠ ଦେବଦର୍ହା ଝାଞ୍ଜପାହାଡର ମନମୁଗ୍ଧକର ପ୍ରାକୃତିକ ପରିବେଶରେ ରହିଛି। ତେଣୁ ଆଧ୍ୟାତ୍ମିକ ମନୋଭାବ ଓ ପ୍ରକୃତିପ୍ରେମୀ ବହୁତ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ପର୍ଯ୍ୟଟନ ଋତୁରେ ଅସଂଖ୍ୟ ଭିଡ ପରିଲକ୍ଷିତ ହୋଇଥାଏ। ମଙ୍ଗଳବାର ଛତିଶଗଡ଼ ରାଜ୍ୟ ଗୁହିରାପାଲିର କେତେଜଣ ଯୁବକ ଦେବଦର୍ହାକୁ ଆସିଥିଲେ। ମଜାମସ୍ତିରେ ମସ୍‌ଗୁଲ ଥିବାବେଳେ ନିକଟସ୍ଥ ଚଙ୍ଗରିଆ ଗ୍ରାମର କେତେକ ଯୁବକଙ୍କ ସହ ବଚସା ହୋଇଥିଲା। କ୍ରମେ ତାହା ଉଗ୍ରରୂପ ନେଇଥିଲା। ଚଙ୍ଗରିଆ ଗ୍ରାମର କେତେଜଣ ଯୁବକ ଗୁହିରାପାଲି ଗ୍ରାମର ଧର୍ମେନ୍ଦ୍ର ସାହୁଙ୍କ ମୁଣ୍ଡ ଉପରେ କାଠଫାଳରେ ପ୍ରବଳ ମାଡ଼ କରିଥିଲେ। ଫଳରେ ସେ ରକ୍ତାକ୍ତ ହୋଇ ଅଚେତ ହୋଇଥିଲେ। ଆମ୍ବୁଲାନ୍ସରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ଥିତି ଖରାପ ଥିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଯସ୍‌ପ୍ରତାପ ଶ୍ରୀମଲ ସୁବର୍ଣ୍ଣପୁର ଏସ୍‌ପି

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାର ବୁଧବାର ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି। ଏହି କ୍ରମରେ ଯସ୍‌ପ୍ରତାପ ଶ୍ରୀମଲଙ୍କୁ ସୁବର୍ଣ୍ଣପୁରର ନୂତନ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ଯସ୍‌ପ୍ରତାପ ହେଉଛନ୍ତି ୨୦୨୦ ବ୍ୟାଚ୍‌ର ଆଇପିଏସ ଅଫିସର। ସେ କନ୍ଧମାଳ ଜିଲା ବାଲିଗୁଡାରେ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ। ସେହିପରି ସୁବର୍ଣ୍ଣପୁରରେ ଏସ୍‌ପି ଥିବା ଅମରେଶ ପଣ୍ଡାଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ପଣ୍ଡା ୨୦୨୨ ମାର୍ଚ୍ଚ ୧୦ ତାରିଖରେ ସୁବର୍ଣ୍ଣପୁର ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁରରେ ଯୋଗଦାନ ପରେ ଏସ୍‌ପି ପଣ୍ଡା ଡୁଙ୍ଗୁରିପାଲି ଥାନା ଚେରୁପାଲି ଅଙ୍ଗନଦୀ ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରିଥିବା ବ୍ୟାଙ୍କ ମ୍ୟାନେଜରଙ୍କ ଆତ୍ମହତ୍ୟାର ରହସ୍ୟ ଉନ୍ମୋଚନ କରିବା ସହ ଅଭିଯୁକ୍ତଙ୍କୁ ରାଜସ୍ଥାନରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେହିପରି ସୋନପୁର କଲେଜ ଆକାଉଣ୍ଟରୁ ସାଇବର ଠକମାନେ ଲକ୍ଷାଧିକ ଟଙ୍କା ଜାଲ ଚେକ୍ ମାଧ୍ୟମରେ ଉଠାଇ ନେଇଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା।

# ଭାଜପା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ


ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)

ରାଜ୍ୟପାଳ ରଘୁବର ଦାସ ବୁଧବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରି ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ଏହି ଅବସରରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଭାଜପାର କର୍ମକର୍ତ୍ତା ରାଜ୍ୟପାଳଙ୍କୁ ସର୍କିଟ ହାଉସଠାରେ ଭେଟିଥିଲେ ।

**ସରକାରୀ କାର୍ଯ୍ୟରେ ଦଳୀୟ ଚିହ୍ନ**

ଜିଲାରେ ସରକାରୀ କାର୍ଯ୍ୟକ୍ରମରେ ବିଜେଡି ପକ୍ଷରୁ ଦଳୀୟ ଚିହ୍ନ ବ୍ୟବହାର, ସରକାରୀ ବିଜ୍ଞାପନ ଉପରେ ଦଳୀୟ ଚିହ୍ନ ବ୍ୟବହାର କରାଯାଉଥିବା ନେଇ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ଦେବା ସହ ଏହା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ ।

# ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମନ୍ତ୍ରୀ


ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ଓ ଅନ୍ୟମାନେ।

ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)

ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳଗୁଡିକ ଭୋଟରଙ୍କ ନିକଟତର ହେବାକୁ ବିଭିନ୍ନ ନୀତି ଆପଣାଉଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ତମାମ ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ଦିନ ବୌଦ୍ଧ ଜିଲାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଘରୁ ମନ୍ତ୍ରୀ ପ୍ରଦିପ କୁମାର ଅମାତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମନ୍ତ୍ରୀ ଅମାତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ସହିତ ଆଲୋଚନା କରି ବିଜ୍ଞାପିତ ଅଞ୍ଚଳରେ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ଦେବା ଏବଂ ପରିବାରର ସହମତି ଭିତ୍ତିରେ ଘର ସମ୍ମୁଖ କାନ୍ଥରେ ଶଙ୍ଖ ଚିହ୍ନ ଲଗାଇବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟକ୍ରମ ଆଧାରରେ ଲୋକଙ୍କ ଆସ୍ଥାଭାଜନ ହେବା ସହିତ ଦଳୀୟ ସ୍ଥିତିକୁ ଅଧିକ ମଜଭୁତ କରିବାକୁ ମନ୍ତ୍ରୀ ଅମାତ ଆହ୍ୱାନ କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ,ଏନଏସି ଉପାଧ୍ୟକ୍ଷା ସୁଭାସିନୀ ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଯୁବ ଓ ମହିଳା କାର୍ଯ୍ୟକର୍ତ୍ତା , କର୍ମୀ ଉପସ୍ଥିତ ଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଶ୍ରଙ୍କ ଘର ସମ୍ମୁଖରେ ମନ୍ତ୍ରୀ ଅମାତ ଶଙ୍ଖଚିହ୍ନର ପୋଷ୍ଟର ଲଗାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ବସ୍ତିର ବିଭିନ୍ନ ଘର ସମ୍ମୁଖରେ ଶଙ୍ଖଚିହ୍ନର ପୋଷ୍ଟର ଲଗାଯାଇଥିଲା।

# ଶିଶୁକନ୍ୟାଙ୍କ ସୁରକ୍ଷା, ଯତ୍ନ ଏକ ସାମାଜିକ ଆହ୍ୱାନ

ମଥୁରାନଗରୀ,୨୪।୧(ପ୍ରେମାନନ୍ଦ ଖମାରୀ)

ଶିଶୁକନ୍ୟା ହେଉଛନ୍ତି ଦେଶର ଅମୂଲ୍ୟ ସମ୍ପତ୍ତି। ଶିଶୁକନ୍ୟା ବିନା ସମାଜ ପରିକଳ୍ପନା ଅଧୁରା। ସେମାନଙ୍କ ସୁରକ୍ଷା ଓ ଯତ୍ନ ଏକ ସାମାଜିକ ଆହ୍ୱାନ ବୋଲି ବୁଧବାର ବରଗଡ଼ ସହର ଉପକଣ୍ଠ ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳନର ଉଦ୍‌ଘାଟନୀ ସମାରୋହରେ ମତପ୍ରକାଶ ପାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ କନ୍ୟାମାନଙ୍କ ସୁରକ୍ଷା ସହିତ ସେମାନଙ୍କର ଯତ୍ନ ସମାଜର ପ୍ରତ୍ୟେକ ଲୋକଙ୍କ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ସୁରେଶ ମହାପାତ୍ର, ସ୍ଥାନୀୟ କାଉନସିଲର ଦୀପାଞ୍ଜଳି ବାଗ, ପୁଷ୍ପାଞ୍ଜଳି ଦାଶ, ବାଳିକା ଶିକ୍ଷା ସଂଯୋଜିକା ସ୍ୱର୍ଣ୍ଣପ୍ରଭା ପଣ୍ଡା, ଈଶ୍ୱର ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ବାଳିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ଡ. ତପସ୍ୱିନୀ ଗୁରୁ, ସନ୍ତୋଷ ପଣ୍ଡା, ସୁରେଶ ଦାଶ, ଅରବିନ୍ଦ ଗୁପ୍ତା, ପାର୍ବତୀ ଦାଶ, ଡୋଲାମଣି ଶତପଥୀ, ରୋଜାଲିନ ମିଶ୍ର ବିଚାରକଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ ଭୁଏ, ବରପାଲି ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦର ମାହାରା ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ବାଳିକାଙ୍କୁ ପୁରସ୍କୃତ କରିଥିଲେ। ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସମଗ୍ର ଶିକ୍ଷା ଅନୁସୂଚିତ ଜାତି, ଜନଜାତି ସଂଯୋଜକ ମିଥୁନ ପ୍ରଧାନ, ରାଜେନ୍ଦ୍ର ମହାନ୍ତି, ଅନିରୁଦ୍ଧ ବେହେରା, ପ୍ରକାଶ ବିର୍ତ୍ତିଆ, ଅଭୟ ବେହେରା, ଦିପ୍ତୀମାନ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବକ୍ତବ୍ୟ ରଖୁଛନ୍ତି ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

**70th NATIONAL FILM AWARDS 2022**

**CALL FOR ENTRIES**

Films and Writing on Cinema

**ELIGIBILITY**

**Feature & Non-Feature**
Certified by CBFC
with English Subtitles

**Books, Articles/Reviews**
on Cinema
Published

**From 01/01/2022 to 31/12/2022**
(Both days inclusive)

**For any queries call 011-26499378/357**
(9:30 AM – 5:00 PM on weekdays)

**Visit www.mib.gov.in for the regulations and to apply online**
**Submission of online applications till 30/01/2024 (by 5:00 PM)**

**All documents must be sent to the given address:**
**National Film Awards Cell**
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

**Email: 70nfa2022@gmail.com**
**Website: www.mib.gov.in**

CBC 22201/11/0154/2324

# ବାଲ୍ୟ ବିବାହ ମୁକ୍ତ ପାଇଁ ସମୂହ ସଂକଳ୍ପ

ଦେବଗଡ,୨୪।୧( ଶଶାଙ୍କ ଶେଖର ଝାଙ୍କର)

**ଜିଲା ସ୍ତରୀୟ ଶିଶୁ କନ୍ୟା ଦିବସ**



କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ ଓ ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ସ୍ଥାନୀୟ ସେଣ୍ଟର ଫୋର୍ କଲଚରଠାରେ ବୁଧବାର ଆୟୋଜିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ଯୋଗଦେଇ ଜୀବନରେ ସଫଳତା ପାଇବାକୁ ହେଲେ ଶିଶୁ କନ୍ୟାଙ୍କୁ ନିର୍ଭୀକ, ଶୃଙ୍ଖଳ ଓ ପରିଶ୍ରମୀ ହେବାପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌରପରିଷଦ ଅଧକ୍ଷ ଶାନ୍ତିମଞ୍ଜରୀ ଦେଇ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ପିଙ୍କିରାନୀ ନନ୍ଦ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରା, ଯୁବେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟା ଗାୟତ୍ରୀ ଦିବେଦୀ, ସାମାଜିକ କର୍ମୀ ଅନୁପମା ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ଶିଶୁ କନ୍ୟାଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରେରଣା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରୀ ଯଥା ଓପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମଧୁସ୍ମିତା ସାମଲ, କ୍ରିଡା କ୍ଷେତ୍ରରେ ସଫଳତା ପାଇଁ ପ୍ରିୟା ମାଝି, ଅଂଶୀଳା ଏକ୍କ, ନିଶା ବାରିକ, ସାହସିକତା ପ୍ରଦର୍ଶନ ପାଇଁ ପିହୁ ଅଗ୍ରବାଲଙ୍କୁ ପୁରସ୍କୃତ କରାଯାଇଥିଲା। ୩ଟି ବ୍ଲକ ଓ ଜିଲା ସଦର ମହକୁମାରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାର୪୦ ଜଣ ବାଳିକା ଟପ୍ପରଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରଯାଇଥିଲା। ଏହି ଅବସରରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବୀ ଓ ବାଲ୍ୟ ବିବାହ ମୁକ୍ତ ଜିଲା ଗଠନ ପାଇଁ ଅବଦାନ ଦେଇଥିବା ବ୍ୟକ୍ତି ବିଶେଷ ଯଥା ଦେବଗଡ ଆଦର୍ଶା ଥାନା ଅଧିକାରୀ ସରୋଜ ସେଠୀ, ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୟ ଦେଇ, ଉପାଧକ୍ଷ ପ୍ରଜିତ ଭୋଜ, ଜିତା ଅନୁଷ୍ଠାନର ଅନୁପମା ରାଉତ, ସିଡି ଅନୁଷ୍ଠାନର ଅଭିରାମ ପାଣିଗ୍ରାହୀ, ଶ୍ରେଷ୍ଠ ସିଡିପିଓ ଭାବେ ଲିଲୀ ପ୍ରଧାନ, ବାଲ୍ୟ ବିବାହ ମୁକ୍ତ ମନ୍ଦିର ପରିଚାଳନା ପାଇଁ କରୁଣାକର ଦାସ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ପିଲାମାନେ କ୍ଷୁଦ୍ର ନାଟିକା ଯଷ୍ଟ ଡାଏଲ ୧୦୯୮ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ। ଉଦ୍‌ଯାପନୀ ପର୍ଯ୍ୟାୟରେ ସମ୍ମାନିତ ଅତିଥିଭାବେ ବରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହେମନ୍ତ ମହାପାତ୍ର ଯୋଗଦେଇ ସଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଜେଣ୍ଡର କୋଡିନେଟର ସୀମାରାଣୀ ପାନିଗ୍ରାହୀ, ଜିଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ, ପ୍ରାଣବନ୍ଧୁ ଘଡେଇ, ଉପେନ୍ଦ୍ର ଭଞ୍ଜ ଓ ଜିତା ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦେବଦର୍ହାରେ ଗୋଷ୍ଠୀ ସଂଘର୍ଷ: ଜଣେ ମୃତ

ପଦ୍ମପୁର,୨୪।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବୁଧବାର ପଦ୍ମପୁର ଆରକ୍ଷୀ ଅଧିକାରୀ ବିଭୂତିଭୂଷଣ ଭୋଇ, ଜଗଦଲପୁର ଥାନା ଅଧିକାରୀ ବିପିନ ବାଗ ଓ ପୋଲିସ ଟିମ୍ ଦେବଦର୍ହା ଗସ୍ତକରି ନିକଟସ୍ଥ ଚଙ୍ଗରିଆ ଗ୍ରାମର କେତେଜଣ ଯୁବକଙ୍କୁ ଅଟକ ରଖିଛନ୍ତି। ପ୍ରସିଦ୍ଧ ଶୈବପୀଠ ଦେବଦର୍ହା ଝାଞ୍ଜପାହାଡର ମନମୁଗ୍ଧକର ପ୍ରାକୃତିକ ପରିବେଶରେ ରହିଛି। ତେଣୁ ଆଧ୍ୟାତ୍ମିକ ମନୋଭାବ ଓ ପ୍ରକୃତିପ୍ରେମୀ ବହୁତ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ପର୍ଯ୍ୟଟନ ଋତୁରେ ଅସଂଖ୍ୟ ଭିଡ ପରିଲକ୍ଷିତ ହୋଇଥାଏ। ମଙ୍ଗଳବାର ଛତିଶଗଡ଼ ରାଜ୍ୟ ଗୁହିରାପାଲିର କେତେଜଣ ଯୁବକ ଦେବଦର୍ହାକୁ ଆସିଥିଲେ। ମଜାମସ୍ତିରେ ମସ୍‌ଗୁଲ ଥିବାବେଳେ ନିକଟସ୍ଥ ଚଙ୍ଗରିଆ ଗ୍ରାମର କେତେକ ଯୁବକଙ୍କ ସହ ବଚସା ହୋଇଥିଲା। କ୍ରମେ ତାହା ଉଗ୍ରରୂପ ନେଇଥିଲା। ଚଙ୍ଗରିଆ ଗ୍ରାମର କେତେଜଣ ଯୁବକ ଗୁହିରାପାଲି ଗ୍ରାମର ଧର୍ମେନ୍ଦ୍ର ସାହୁଙ୍କ ମୁଣ୍ଡ ଉପରେ କାଠଫାଳରେ ପ୍ରବଳ ମାଡ଼ କରିଥିଲେ। ଫଳରେ ସେ ରକ୍ତାକ୍ତ ହୋଇ ଅଚେତ ହୋଇଥିଲେ। ଆମ୍ବୁଲାନ୍ସରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ଥିତି ଖରାପ ଥିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଯସ୍‌ପ୍ରତାପ ଶ୍ରୀମଲ ସୁବର୍ଣ୍ଣପୁର ଏସ୍‌ପି

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାର ବୁଧବାର ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି। ଏହି କ୍ରମରେ ଯସ୍‌ପ୍ରତାପ ଶ୍ରୀମଲଙ୍କୁ ସୁବର୍ଣ୍ଣପୁରର ନୂତନ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ଯସ୍‌ପ୍ରତାପ ହେଉଛନ୍ତି ୨୦୨୦ ବ୍ୟାଚ୍‌ର ଆଇପିଏସ ଅଫିସର। ସେ କନ୍ଧମାଳ ଜିଲା ବାଲିଗୁଡାରେ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ। ସେହିପରି ସୁବର୍ଣ୍ଣପୁରରେ ଏସ୍‌ପି ଥିବା ଅମରେଶ ପଣ୍ଡାଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ପଣ୍ଡା ୨୦୨୨ ମାର୍ଚ୍ଚ ୧୦ ତାରିଖରେ ସୁବର୍ଣ୍ଣପୁର ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁରରେ ଯୋଗଦାନ ପରେ ଏସ୍‌ପି ପଣ୍ଡା ଡୁଙ୍ଗୁରିପାଲି ଥାନା ଚେରୁପାଲି ଅଙ୍ଗନଦୀ ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରିଥିବା ବ୍ୟାଙ୍କ ମ୍ୟାନଜରଙ୍କ ଆତ୍ମହତ୍ୟାର ରହସ୍ୟ ଉନ୍ମୋଚନ କରିବା ସହ ଅଭିଯୁକ୍ତଙ୍କୁ ରାଜସ୍ଥାନରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେହିପରି ସୋନପୁର କଲେଜ ଆକାଉଣ୍ଟରୁ ସାଇବର ଠକମାନେ ଲକ୍ଷାଧିକ ଟଙ୍କା ଜାଲ ଚେକ୍ ମାଧ୍ୟମରେ ଉଠାଇ ନେଇଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)

ବନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ପ୍ରଧାନ ଶିକ୍ଷକ ସୁଧିର କୁମାର ଦାସଙ୍କ ସଭାପତିତ୍ୱରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼, ବିଦ୍ୟାଧର ସାହୁ, ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରି ପୁରସ୍କୃତ କରିଥିଲେ। ଝସକେତନ ନାହାକ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ମାତୃମଣ୍ଡଳୀକୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳା ସାହୁ ପ୍ରଥମ ହୋଇଥିବାବେଳେ କବିତା ଗୋଛାୟତ ୨ୟ ଓ ମମତା ସାହୁ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ଶିକ୍ଷୟିତ୍ରୀ ସିମାଞ୍ଜଳି ସାହୁ ଓ ମେରିଗୋଲାପ ଟୋପ୍ପୋଙ୍କଠାରୁ ପୁରସ୍କାର ଗ୍ରହଣ କରଥିଲେ। ସମସ୍ତ କାର୍ଯ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଃଶାସନ ଗୋଛାୟତ ଓ ସମସ୍ତ ସଭ୍ୟାସଭ୍ୟ, ଅଭିଭାବକ ସହଯୋଗ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧାର୍ଥ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ବିନିକା,୨୪।୧(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଅଧକ୍ଷା ରେଖା ପଧାନଙ୍କ ଅଧକ୍ଷତାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୮ ଦିନ ଧରି ହେବାକୁ ଥିବା ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅଧାପକ ମନୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଡ. ନୀଳମାଧବ ଛତ୍ର, ବିଜୟ କୁମାର ସାହୁ, ମନୀଷ ଆଚାର୍ଯ୍ୟ, ଗରିବ ସାଲମା, ଝଲକ ମିଶ୍ର, ଆର୍ଶୀବାଦ ପଧାନ, ଅଭିଳାଷ ମିଶ୍ର, ମାଷ୍ଟର ଟ୍ରେନର ସାବିତ୍ରୀ ସାହୁ, ଲିଜା ଡାଙ୍ଗ ଯୋଗଦେଇ ଥିଲେ। ଅଧାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଅଧାପକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆତ୍ମସୁରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ଓଡ଼ିଆ ସାହିତ୍ୟ, ସଂସ୍କୃତିରେ ଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର




ଦେବଗଡ଼, ୨୪।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ମହାବିଦ୍ୟାଳୟ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପଲକ୍ଷେ ନୂଆ – ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନା ଚକ୍ର' ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ସୁଦାମ କୁମାର ପରିଡ଼ାଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ପଦ୍ମନାଭ ସାହୁ ଯୋଗଦେଇ ଥିବାବେଳେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ କୁମାର ମହାରଣା ଓ ଜିଲା ନୋଡାଲ ଅଧିକାରିଣୀ ପ୍ରାଧାପିକା ସସ୍ମିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଲୋଚକ ଭାବେ ବିଶିଷ୍ଟ ଜଗନ୍ନାଥ ଗବେଷକ ପଣ୍ଡିତ ଜଳନ୍ଧର ଦାସ ଓ କବି, ସମାଲୋଚକ ତଥା ପ୍ରାବନ୍ଧିକ ନିରଞ୍ଜନ ଦ୍ୱିବେଦୀ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସହିତ ଜଗନ୍ନାଥ କିପରି ନିବିଡ଼ଭାବେ ଜଡ଼ିତ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥଙ୍କୁ ବାଦ୍ ଦେଇ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଆଲୋଚନା କରାଯାଇ ନ ପାରେ ବୋଲି ଆଲୋଚକ ଦ୍ୱିବେଦୀ ମତ ରଖିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବିଭାଗର ନୋଡାଲ ଅଧିକାରୀ(ଯୁକ୍ତ ୩) ଅଧାପକ ଡ. ସୁରେନ୍ଦ୍ର କୁମାର ଦାସ, (ଯୁକ୍ତ ୨)ନୋଡାଲ ଅଫିସର ଅଧାପିକା ଚାନ୍ଦିନୀ ସା, ପ୍ରାଧାପକ ସଞ୍ଜୀବ କୁମାର ଦାଶ, ବିକ୍ରମ କେଶରୀ ନାୟକ, ଅଧାପିକା ଦଶମୀ ସା, ବବିତା ବାଞ୍ଛୀ, ବବିତା ମେହେର, ଅଧାପକ ପ୍ରତାପ ଚନ୍ଦ୍ର ଦାଶ, ନିରଞ୍ଜନ ସାହୁ, ଚିରଞ୍ଜିବୀ ବେହେରା, ସୌରଭ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, କୁଇଜ୍ ଓ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

# ପ୍ରୟାଗରାଜ ଚାମ୍ପିୟନ: ଟିଙ୍କବୀରର ମା' ଜଳମୁଣ୍ଡି କ୍ରିକେଟ୍ କପ୍ ଉଦ୍‌ଯାପିତ

ରିଆମାଳ,୨୪।୧(ନିରଞ୍ଜନ ବେହେରା)




ଦେବଗଡ଼ ଜିଲା ଟିଙ୍କବୀରରେ ଚାଲିଥିବା ୧୫ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପର ଚାମ୍ପିୟନ ହୋଇଛି ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ। ଫାଇନାଲ ମ୍ୟାଚରେ ଅନୁଗୁଳକୁ ୪ ରନରେ ହରାଇ ବାଜି ମାରିଛି। ଶେଷ ଓଭରରେ ପ୍ରତି ୧୬ ରନ ଆବଶ୍ୟକ ହେଉଥିବାବେଳେ ପ୍ରଥମ ୩ଟି ବଲରୁ ୧୧ ରନ ସଂଗ୍ରହ କରି ବିଜୟୀ ଆଡ଼କୁ ଅଗ୍ରସର ହୋଇଥିଲା ଅନୁଗୁଳ। ହେଲେ ପ୍ରୟାଗରାଜ ଦଳର ବୋଲିଂ ଓ ଫିଲ୍ଡିଂ ବଳରେ ୫ ରନ ସଂଗ୍ରହ କରି ପାରି ନ ଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ, ଉତ୍ତରପ୍ରଦେଶ। ୨୭ ରନରେ ପ୍ରଥମ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେଲେ ୪ର୍ଥ ଉଇକେଟ୍ ଯୋଡ଼ିରେ ୬୩ ରନ ଯୋଡିବା ସହ ସମ୍ମାନଜନକ ସ୍ଥିତିରେ ପହଞ୍ଚିଥିଲା ପ୍ରୟାଗରାଜ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଦଳ ପକ୍ଷରୁ ଉତ୍କର୍ଷ ଯାଦବ ୪୧(୨୪) ଓ ଜ୍ଞାନେନ୍ଦ୍ର କୁମାର ୨୪(୨୩) ରନ ସଂଗ୍ରହ କରିଥିଲେ। ଅନୁଗୁଳ ପକ୍ଷରୁ ଦୀପକ ତିୱାରୀ ସର୍ବାଧିକ ୪ ଉଇକେଟ୍ ଅକ୍ତିଆର କରିଥିଲେ। ଲୋ ସ୍କୋରିଂ ୧୩୨ ରନକୁ ପିଛା କରୁଥିବା ଅନୁଗୁଳ ମଧ୍ୟ ନିୟମିତ ଉଇକେଟ୍ ହରାଇ ଚାଲିଥିଲା। ଦଳର ଅଧିନାୟକ ତଥା ପ୍ରାରମ୍ଭିକ ବ୍ୟାଟର ପ୍ରୟାସ ପୁନିଆ ୪୨ଟି ବଲରୁ ୫୭ ରନ କରିଥିଲେ ମଧ୍ୟ ମ୍ୟାଚକୁ ଜିତି ପାରି ନ ଥିଲେ। ଜ୍ଞାନେନ୍ଦ୍ର କୁମାର, ବିକାଶ ଚୌହାନ, ଅତିକ ଅହମ୍ମଦ, କ୍ରିଷ୍ଣା ସରୋଜଙ୍କ ବୋଲିଂ ଆଗରେ ଅନୁଗୁଳ ଦଳ ଧରାଶାୟୀ ହୋଇଥିଲା। କ୍ରିଷ୍ଣା ଓ ବିକାଶ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଭାବେ ପ୍ରୟାଗରାଜର କ୍ରିଷ୍ଣା, ଶ୍ରେଷ୍ଠ ଫିଲଡର୍ ଭାବେ ସୌରଭ ଶୁକ୍ଳା, ଶ୍ରେଷ୍ଠ ବ୍ୟାଟର ଭାବେ ଅନୁଗୁଳର ପ୍ରୟାଶଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପ୍ରୟାଗରାଜର ଉତ୍କର୍ଷ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଜ୍ଞାନେନ୍ଦ୍ରଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ସଂଘ ମୁଖ୍ୟ ପରାମର୍ଶଦାତା ସତ୍ୟନାରାୟଣ ପାଣି, ସମ୍ମାନିତ ଅତିଥିଭାବେ ଟିଙ୍କବୀର ସରପଞ୍ଚ ଫକୀର ମୋହନ ବେହେରା ଓ ସମିତିସଭ୍ୟା ରୁନୁ ବେହେରା ଯୋଗ ଦେଇଥିଲେ। ଏହି ମ୍ୟାଚକୁ ଜୟକୃଷ୍ଣ ରାଉତ ଓ ସୂର୍ଯ୍ୟକାନ୍ତ ଜ୍ୟୋତିଷ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ ଧାରାବିବରଣୀ ଓ ଗିରି ସାହୁ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଟିଙ୍କବୀର ନେତାଜୀ ସ୍ପୋର୍ଟସ୍ ଆସୋସିଏଶନର ସିକୁନ ଜ୍ୟୋତିଷ, ରିତେଶ ବେହେରା, ଚିକୁ ପ୍ରଧାନ, ପଲଟୁ ସାହୁ, ବୁଟି ନାୟକ, ତପୁ ବେହେରା, ଅଜିତ ପ୍ରଧାନ, ଲିଲୁ ଦଳବେହେରା, ଅମିତ ପ୍ରଧାନ, ସିପୁନ ଜ୍ୟୋତିଷ, ସିକୁ ନାୟକ, ସୁଶାନ୍ତ ବେହେରା, ବିକାଶ ସ୍ୱାଇଁ, ପିଙ୍କୁ ପ୍ରଧାନ, ରାବି ଦାସ, ଲକି ସାହୁ ପ୍ରମୁଖ ସହଯୋଗ କରିଥିଲେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING
सत्यमेव जयते

**70th NATIONAL FILM AWARDS 2022**

**CALL FOR ENTRIES**

Films and Writing on Cinema

**ELIGIBILITY**

**Feature & Non-Feature**
Certified by CBFC
with English Subtitles

**Books, Articles/Reviews**
on Cinema
Published

**From 01/01/2022 to 31/12/2022**
(Both days inclusive)

**For any queries call 011-26499378/357**
(9:30 AM – 5:00 PM on weekdays)

**Visit www.mib.gov.in for the regulations and to apply online**
**Submission of online applications till 30/01/2024 (by 5:00 PM)**

**All documents must be sent to the given address:**
**National Film Awards Cell**
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

**Email: 70nfa2022@gmail.com**
**Website: www.mib.gov.in**

CBC 22201/11/0154/2324

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଶିକ୍ଷକ ସୁଦାମ ଚରଣ ଭୋଇଙ୍କ ସଭାପତିତ୍ୱରେ ଏବିଇଓ ଅଜିତ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ସମାଜରେ କନ୍ୟା ସନ୍ତାନର ଆବଶ୍ୟକତା ଉପରେ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ଛାତ୍ରୀମାନଙ୍କ ମଧ୍ୟରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ସଂକ୍ଷେପରେ**

## ସମସ୍ତ ୫ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ପେପର ହକର କମଲ ବାଗ ହତ୍ୟା ମାମଲା**

କଣ୍ଟାବାଞ୍ଜି, ୨୪।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ପେପର ହକର କମଲ ବାଗ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କଣ୍ଟାବାଞ୍ଜିଅତିରିକ୍ତ ଜିଲା ଦୌରାଜଜ୍‌ହିମାଂଶୁ ଶେଖର ମଲ୍ଲିକ ୩୩ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ୫ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୦୧୯ ଡିସେମ୍ବର ୧୪ତାରିଖରେ କଣ୍ଟାବାଞ୍ଜି ଆନନ୍ଦ ନଗର ପଡାର କମଲ ବାଗଙ୍କ ମୃତଦେହ ଆଶ୍ରମପଡାସ୍ଥିତ ରାଧାସ୍ୱାମୀ ଆଶ୍ରମର ଏକ ପରିତ୍ୟକ୍ତ କୂଅରୁ ସ୍ଥାନୀୟ ପୋଲିସ ଜବତ କରିଥିଲା । ଏହି ଘଟଣାରେ ପୋଲିସ ଦଫା ୩୦୨, ୨୦୧, ୩୪ରେ ଏକ ମାମଲା(୨୬୬/୧୯) ରୁଜୁ କରି ଦୁର୍ଯ୍ୟୋଧନ ସୁନା ଓରଫ ଦୁର୍ଯ୍ୟୋ, ଗଗନ ସୁନା, ରାଜନ ସୁନା, ମଣ୍ଟୁ ସୁନା ଓ ପୁଷ୍ପା ସୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହିମାମଲାକୁ ଅଭିଯୁକ୍ତମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା ପରିଚାଳନା କରୁଥିଲେ।

## ୬୦ ଲିଟର ମଦ ଜବତ, ୨ ଗିରଫ

ଗୁଡଭେଲା,୨୪।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବାଇକ ସହ ୬୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏହ ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ କହିଛନ୍ତି। ପାଟ୍ରୋଲିଂ ସମୟରେ ବଡବାହାଲ ଛକଠାରେ ଏକ ବାଇକରେ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଅଧିନ ପିଟାବାହାଲ ଗ୍ରାମର ୱାକିଲ ରଣା ଓ ତୁଷୁରା ଥାନା ଚିଞ୍ଚେଡ ଗ୍ରାମର କର୍ନ୍ଦପ ରଣା ଏକ ବାଇକରେ ଆସୁଥିବା ବେଳେ ସନ୍ଦେହ କରି ଅବକାରୀ ବିଭାଗ କର୍ମଚାରୀ ଅଟକାଇ ଥିଲେ। ଯାଞ୍ଚ ପରେ ୬୦ଲିଟରର ଦେଶୀ ମଦ ବାହାରିଥିଲା।

## ଡିଗ୍ରୀ କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

ଲାଠୋର, ୨୪।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜରେ ବୁଧୁବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶ୍ନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ନୀଳମାଧବ ପଣ୍ଡା, ସଦସ୍ୟା ଲିଜାରାଣୀ ମହାନ୍ତି ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ନୋଡାଲ ଅଫିସର ଓଡ଼ିଆ ଅଧ୍ୟାପକ ଭଗବାନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ କାହ୍ନୁଚରଣ ଦାସ।

## ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିର

ଖପ୍ରାଖୋଲ, ୨୪।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅନୁସୂଚୀତ ଜାତି ଜନଜାତି ଓ ପାରମ୍ପରିକ ବନବାସୀ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ବ୍ୟକ୍ତିଗତ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ପରିଚାଳନା ଅଧିକାର ଉପରେ ଆଲୋଚନା କରାଯାଇଥିଲା। ତାଲିମଦାତାଭାବେ ଆରସିଡିଡିର କୁଳମଣି ସାହୁ, ଶମ୍ଭୁନାଥ ସାହୁ, ଗୁରୁଦେବ ପ୍ରଧାନ ଯୋଗଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ରଘୁନାଥ ରଣା, ସୁଶାନ୍ତ ଛତ୍ରିଆ, ଟ୍ୱିଙ୍କିଲ ବିଶାଳ, ଟେକେନ୍ଦ୍ର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା: ମଣ୍ଡିରେ ଭିଜିଲା ଧାନ

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)



ଯୋଗୀସର୍ଡା ମଣ୍ଡି ବାହାରେ ଜମା ହୋଇଥିବା ଧାନବସ୍ତା ବର୍ଷାରେ ଭିଜି ଯାଇଛି।

ବୁଧବାର କୋହଲା ପାଗ ସାଙ୍ଗକୁ ଦୁହାକୁଦୁହା ବର୍ଷା ଲାଗି ରହିଥିଲା । ଅଦିନିଆ ବର୍ଷରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ଖୋଲା ଆକାଶ ତଳେ ପଡିଥିବା ଶହଶହ ବସ୍ତା ଧାନ ଭିଜିଛି । ବିଳମ୍ବରେ ମଣ୍ଡି ଖୋଲିବା ଏବଂ ମନ୍ଥର ଗତିରେ କ୍ରୟ କରାଯାଉଥିବାରୁ ଏପରି ଅବସ୍ଥା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକର ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖରଫ ଧାନକ୍ରୟ କରାଯାଉଛି । ଲୋଇସିଂହା ଏବଂ କନ୍ଦାଜୁରୀ ପାକ୍ସରେ କେବଳ ଗୋଦାମ ଗୃହ ରହିଛି । ଅନ୍ୟ ପାକ୍ସଗୁଡିକରେ ଚାଷୀଙ୍କ ଧାନ ଭିଜିଥିବା ଖବର ହସ୍ତଗତ ହୋଇଛି। ତେବେ ଲୋଇସିଂହାରେ ଗୋଦାମରେ ଧାନ ଭର୍ତ୍ତି ହୋଇ ରହିଥିବାରୁ ବାହାରେ ଚାଷୀମାନେ ଧାନ ରଖିଥିଲେ । ତାହା ବର୍ଷାରେ ପ୍ରଭାବିତ ହୋଇଛି । ସେହିପରି ବୁର୍ଡା ପାକ୍ସର ମଣ୍ଡି ଏଥର କାଳସୀ ଯାତ୍ରା ପଡିଆରେ କରାଯାଉଛି । ଖୋଲା ଆକାଶ ତଳେ କ୍ରୟ କରାଯାଉଥିବାରୁ ଏଠାରେ ମଧ୍ୟ ଚାଷୀଙ୍କ ଧାନ ଭିଜିଥିବା ଅଭିଯୋଗ ହୋଇଛି । ଏଠାରେ କେତେକ ଟୋକନ ଲାପସ୍ ଚାଷୀଙ୍କ ଧାନ ଭିଜି ନଷ୍ଟ ହୋଇଛି । ସେହିପରି ଯୋଗୀସର୍ଡା ପାକ୍ସରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଛାଉଣି କରାଯାଇଛି। ହେଲେ ଚାଷୀ ସଂଖ୍ୟା ତୁଳନାରେ ତାହା ପର୍ଯ୍ୟାପ୍ତ ହେଉନାହିଁ । ଫଳରେ ଏଠାରେ ପାକ୍ସ ବାହାରେ ଖୋଲା ଆକାଶତଳେ ଥିବା ଧାନ ଭିଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି କୁଶଙ୍ଗ, କୁଶମେଲ, ବାଦିମୁଣ୍ଡା, ସରଗାଡ ଆଦି ପାକ୍ସରେ ଖୋଲା ଆକାଶତଳେ ଥିବା ପ୍ରାୟ ୨୦ହଜାର ବସ୍ତା ଧାନ ଭିଜିଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ଓ ବିଭାଗୀୟ ଅବହେଳାରୁ ପ୍ରତିବର୍ଷ ବ୍ଲକରେ ଧାନକ୍ରୟ ଅନିୟମିତତା ସାଙ୍ଗକୁ ଚାଷୀ ଶୋଷଣର ଶିକାର ହେଉଥିଲେ ସୁଦ୍ଧା ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ଚାଷୀମାନେ କହିଛନ୍ତି।

# ରୀତିନୀତିରେ ବୁଢ଼ାଦେଓଙ୍କ ଯାତ୍ରା ସମ୍ପନ୍ନ



ବରୁଆଙ୍କଠାରୁ ଭକ୍ତମାନେ ଆଶୀର୍ବାଦ କାମନା କରୁଛନ୍ତି।

ମୁରିବାହାଲ,୨୪।୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡସାଇମରା ପଞ୍ଚାୟତ ଅନ୍ତର୍ଗତ ଧାତୁକଜୁରୀ ଗ୍ରାମରେ ଆଦିବାସୀ ଷୋଡବଂଶୀ ଗଣ୍ଡ ସମ୍ପ୍ରଦାୟର ମୁଖ୍ୟ ପର୍ବ ବୁଢାଦେଓଙ୍କ ଯାତ୍ରା ସମ୍ପନ୍ନ ହୋଇଛି। ଏହି ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସମାଜର ଇଷ୍ଟ ଦେବତା ବୁଢାଦେଓଙ୍କ ରୀତିନୀତିରେ ପୂଜାର୍ଚ୍ଚନା ସହ ସହ ଦେବ ଦର୍ଶନ କରାଯାଇଥିଲା। ଦେହୁରୀଙ୍କ ଶରୀରରେ ଦେବତା ବିରାଜମାନ ପରେ ଗ୍ରାମ ପରିକ୍ରମା କରି ମନ୍ଦିର ବାହୁଡିଥିଲେ। ସନ୍ଧ୍ୟାରେ ବଳି ଭୋଗ ଦିଆଯାଇଥିଲା। ଯାତ୍ରାର ଶେଷ ଦିବସରେ ମାନସିକଧାରୀ ସଙ୍କଳ୍ପ କରିବା ସହିତ ଅଧିଆ ପଡିଥିଲେ। ଆଜିର ଆଧୁନିକ ଯୁଗରେ ମଧ ନିଜ ପରମ୍ପରାକୁ ବଞ୍ଚାଇବାକୁ ଆଦିବାସୀ ଗଣ୍ଡ ସମ୍ପ୍ରଦାୟ ଏହି ପୂଜା ଜାରି ରଖିଥିବାବେଳେ ବୁଢାଦେଓଙ୍କ ଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଜମିଥାଏ। ଆୟୋଜକ କମିଟି ସଭାପତି ବସନ୍ତ ମାଝି, ପୂଝାରୀ ସୁରେଶ ମାଝି, ଦେହୁରୀ ବରୁଣ ଧରୁଆ, ସୁଦର୍ଶନ ମାଝି, ବୈଷ୍ଣବ ମାଝି, କୈବଲ ମାଝି, ମନମୋହନ ମାଝି, ରାଏସିଂ ମାଝି, ଦୁର୍ଜନ ମାଝି, ରଘୁନାଥ ମାଝି, ଧରମ ସିଂ ଧରୁଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଭଲ ମଣିଷ ହେବାକୁ ସାଧନା କର



ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ମୁରିବାହାଲ, ୨୪।୧(ଶ୍ରୀବସ୍ତ ବେହେରା)

**ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀ ମୁଖ୍ୟ ଅତିଥି, ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଘନଶ୍ୟାମ ଖମାରୀ, ଦୁର୍ଗାନନ୍ଦ ମହାକୁର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଗସ୍ତି ବଘାର, ମହମ୍ମଦ ନିଆଜ, ସୁଦାମ ବଘାର, ପ୍ରଫୁଲ୍ଲ ବଘାର, ରୀତା ଷାଣ୍ଡ ଯୋଗଦେଇଥିଲେ। ଉତ୍ତମ ଶିକ୍ଷା ଓ ଜ୍ଞାନ ଆହରଣ ଦ୍ୱାରା ବଡ ମଣିଷ ନୁହେଁ, ଭଲ ମଣିଷଭାବେ ନିଜକୁ ଗଢ଼ି ତୋଳିବା ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ର ତଥା ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ହେମନ୍ତ ନାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସିନିୟର ଆସିଷ୍ଟାଣ୍ଟ ପ୍ରଦୀପ କୁମାର ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

ମୁରିବାହାଲ, ୨୪।୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଜୁନିୟର କଲେଜରେ ବୁଧବାର ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନୂଆ-ଓ ନବୀନ ଓଡ଼ିଶା ଯୁବ ଓଡ଼ିଶା ଅଧାରିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଅଧକ୍ଷତା କରିଥିଲେ। ମୁରିବାହାଲ ଡ଼ିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଘନଶ୍ୟାମ ଖମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ମହନୀୟତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଜଗନ୍ନାଥ ସଂସ୍କୃତି ବହୁ ପ୍ରାଚୀନ। ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ହୃଦାନନ୍ଦ ପୁହାଣ, ଭବାନୀ ପୋଢ଼ ଉପସ୍ଥିତ ରହି ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପକ ବିକ୍ରମ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ବକ୍ତୃତା ରଚନା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

# ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭର ଗିରଫ

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)

ଗତ ଜାନୁୟାରୀ ୨ତାରିଖରେ ଲୋଇସିଂହା ଥାନା ବୁର୍ଡା ଛକ ନିକଟରେ ଏକ କ୍ଷୀର ଗାଡ଼ି ଧକ୍କାରେ ଜଣେ ଯୋଗ ପ୍ରଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ଡ୍ରାଇଭର ସୁବଳ ବୁଦ୍ଧିଆ (୨୯)ଙ୍କୁ ଗିରଫ କରିଛି ଲୋଇସିଂହା ପୋଲିସ। ତାଙ୍କ ଘର ସମ୍ବଲପୁର ଜିଲା ଯୁଯୁମୁରା ଥାନା ବସିଆପଡ଼ା ବୋଲି ପୋଲିସ କହିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲ। ଜାମିନ ନାମଞ୍ଜୁର ହେବାରୁ ସୁବଳଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଅନ୍ତର୍ଗତ ଚୌହାନପାଲିର ଗ୍ରାମର ଯୋଗ ପ୍ରଶିକ୍ଷକ ବିନୋଦ ବାରିକ ବଡଟିକା ଗ୍ରାମକୁ ଯୋଗ ଶିଖାଇବାକୁ ଯାଉଥିଲେ। ହେଲେ ବୁର୍ଡ଼ା ପର୍ଯ୍ୟନ୍ତ ହୋଇଥିବାବେଳେ ସାମନା ପଟରୁ କ୍ଷୀର ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ନେଉଥିବାବେଳେ ବାଟରେ ବିନୋଦଙ୍କ ମୃତ୍ୟୁ ଘଟିଥିଲା।

# ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ



ମୁଖ୍ୟ ଅତିଥି କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡକ୍ରସ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି,ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଶିବିର ଉପଲକ୍ଷେ ଆୟୋଜିତ ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା, ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, କୁଇଜ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମଙ୍ଗଳବାର ସକାଳେ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର, କାଉନସେଲରଙ୍କୁ ନେଇ ସର୍ବଧର୍ମ ପ୍ରାର୍ଥନା, ପତାକା ଉତ୍ତୋଳନ କରାଯାଇଥିଲା। ପରେ ଲୋଇସିଂହା ସହରରେ ଶାନ୍ତି ଶୋଭାଯାତ୍ରା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରରେ ୧୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜୁନିୟର ରେଡକ୍ରସ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁଲିଭା କୌଶଳ ଶିଖାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆନୁଷ୍ଠିତ ହୋଇଥିଲା। ଆୟୋଜିତ ସାନ୍ଧ୍ୟ ସଭାରେ ସ୍ଥାନୀୟ ଜୁନିୟର ରେଡକ୍ରସର ପୂର୍ବତନ ରାଜ୍ୟ ଅଧିକାରୀ ଧର୍ମସିଂ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା.ଶେଖର ପଧାନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବର୍ଷା ଯୋଗୁ ମଞ୍ଚ ଓ ପଡିଆରେ ପାଣି ଜମି ରହିଥିବାରୁ କାର୍ଯ୍ୟକ୍ରମଗୁଡିକ ବାଧାପ୍ରାପ୍ତ ହୋଇଥିଲା ।

# ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା

ଗୁଡଭେଲା,୨୪।୧(ମନୋଜ କୁମାର ଜୈନ)



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ରୁଷୁଡା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଗିରିଜା ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ ମୁଖ୍ୟ ଅତିଥି, ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏପରି ପ୍ରତିଯୋଗିତାମାନଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ହୋଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ନେଡାଲ ଅଧିକାରୀ ସୁରେଶ ଦ୍ୱାରୀ ସଭା ପରିଚାଳନା କରିଥିଲେ। କିଶୋର କୁମାର ବେହେରା, ପିତବାସ ଚନ୍ଦନ, ଶରତ ଭୋଇ, ଦୁଲ୍ଲଭ ମାଝି, ଗକୁଳ ଥପା, ରାଜୀବ ଚନ୍ଦନ ଏଥିରେ ସହଯୋଗ କରିଥିଲେ। ଓଡିଆ କବିତା ପଠନ, ଓଡ଼ିଆ ଭଜନ ଓ ହସ୍ତଲିପି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗିତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବିସ୍ଥାପିତଙ୍କୁ କ୍ଷତିପୂରଣ ଦେବାରେ ପ୍ରଶାସନ ତତ୍ପର ହେଉ

ବଲାଙ୍ଗୀର,୨୪।୧(ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ**

- ଭୂମିହୀନ, ବାସହୀନଙ୍କୁ ଶୀଘ୍ର ଆବଶ୍ୟକ ଜମି ଯୋଗାଅ
- ଥଇଥାନ କଲୋନୀରେ ଜଳାଶୟ ନିର୍ମାଣ କର
- ବିସ୍ଥାପିତ କଲୋନୀରେ ଶୀଘ୍ର ସ୍କୁଲ ନିର୍ମାଣ କରାଯାଉ

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଲୋକାର୍ପଣ ସରିଛି। ମାତ୍ର ବିସ୍ଥାପିତଙ୍କ କ୍ଷତିପୂରଣ, ଥଇଥାନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇନାହିଁ। ସରକାର ଏବଂ ପ୍ରଶାସନ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ଦିଗରେ ଅନେକ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ଏ ଯାଏ ପୂରଣ ହୋଇନାହିଁ। ବିସ୍ଥାପିତଙ୍କ ସମସ୍ୟା ସମାଧାନକୁ ପ୍ରଶାସନ ପ୍ରାଥମିକତା ଦେଉ ଏବଂ ଅଧିକାରୀମାନେ ଏଦିଗରେ ସମ୍ବେଦନଶୀଳ ହୁଅନ୍ତୁ। ବୁଧବାର ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ନରସିଂହ ମିଶ୍ର ଏଭଳି ମତ ଦେଇଛନ୍ତି।

ଲୋୟର ସୁକ୍‌ତେଲ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା ଲୋକଙ୍କ ବହୁବିଧ ସମସ୍ୟା ଏବଂ ଏହାର ସମାଧାନକୁ ନେଇ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ବିଧାୟକ ମିଶ୍ର ସାମୂହିକ ସ୍ୱାର୍ଥ ପାଇଁ ଭିଟାମାଟି ଛାଡି ଯେଉଁମାନେ ବିସ୍ଥାପିତ ହୋଇଛନ୍ତି ସେମାନଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ବିସ୍ଥାପିତଙ୍କ ଥଇଥାନ ଓ କ୍ଷତିପୂରଣ ବଣ୍ଟନ ଦିଗରେ ରହିଥିବା ବିଭିନ୍ନ ବିସଙ୍ଗତି ଉପରେ ଆଲୋଚନା ହୋଇଥିଲା। କେତେକ ବିସ୍ଥାପିତଙ୍କୁ ଘର ପାଇଁ ଉପଯୁକ୍ତ ଜମି ଦିଆଯାଇଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏ ଯାଏ ସେମାନଙ୍କୁ କିଛି ମିଳିନାହିଁ। ଏଦିଗରେ ବିଭାଗୀୟ ଅଧିକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ।ଅନେକେ କ୍ଷତିପୂରଣ ରାଶି ପାଇ ନ ଥିବା ନେଇ ଦରଖାସ୍ତ ମାଧମରେ ବିଧାୟକଙ୍କୁ ଜଣାଇଛନ୍ତି। ସେ ସବୁ ଦରଖାସ୍ତ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସେ କହିଥିଲେ । ଆଲୋଚନା ସମୟରେ ବାକି ରହିଯାଇଥିବା ଯୋଗ୍ୟ ଭୂମିହୀନ ଓ ବାସହୀନ ଲୋକଙ୍କ ପାଇଁ ଦିଆଯାଉଥିବା ୪ ଡିସିମିଲ ଜମିକୁ ଯେତେ ଶୀଘ୍ର ହେବ ପ୍ରାଥମିକତା ଭିତ୍ତିରେ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ ଝାଙ୍କରପାଲି ଥଇଥାନ କଲୋନୀ ଏବଂ ବିଜାପାଟି ଥଇଥାନ କଲୋନୀରେ ଏପର୍ଯ୍ୟନ୍ତ ଏକ ପୋଖରୀ ଖନନ ହୋଇନଥିବାରୁ ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ବିଶେଷ କରି ଥଇଥାନ କଲୋନୀ ତଥା ନିଜେ ନିଜେ ଥଇଥାନ ହୋଇଥିବା ଜାଗାମାନଙ୍କରେ ବିସ୍ଥାପିତ ମାନଙ୍କ ବିଜୁଳି ସମସ୍ୟା, ପିଇବା ପାଣି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଥଇଥାନ କଲୋନୀ ମାନଙ୍କରେ ନିର୍ମାଣାଧିନ ରାସ୍ତା, କଲଭର୍ଟ, ଡ୍ରେନର କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ପାଇଁ ଆଲୋଚନା ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଛୋଟ ପିଲାମାନେ ଗୋଟିଏ କିଲୋମିଟରରୁ ଉର୍ଦ୍ଧ୍ୱ ଦୂରତାରେ ଥିବା ସ୍କୁଲକୁ ପଢିବା ପାଇଁ ଯିବାକଥା ନୁହେଁ । ତେଣୁ ଏହି ପିଲାମାନଙ୍କ ପାଇଁ ଯେତେଶୀଘ୍ର ହେବ ଥଇଥାନ କଲୋନୀରେ ସ୍କୁଲ ନିର୍ମାଣ ପାଇଁ ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ କହିଥିଲେ । ସଦେଇପାଲି ପାଖ ଥଇଥାନ କଲୋନୀର ଶିବ ମନ୍ଦିରରେ ଏକ ପାଚେରୀ ନିର୍ମାଣ ସହ ସେଠାରେ ଥିବା କଲ୍ୟାଣ ମଣ୍ଡପରେ ପିଇବା ପାଣି, ବିଜୁଳି ତଥା ଏକ ସିମେଣ୍ଟ ମଞ୍ଚ ଓ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ମିଶ୍ର କହିଥିଲେ । ବୈଠକରେ ଲୋୟର ସୁକ୍‌ତେଲ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ, ଜୋନ ଅଫିସର ଶଙ୍କର୍ଷଣ ପ୍ରଧାନ ଓ ବାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ଉପସ୍ଥିତ ଥିଲେ।

# ଜାତୀୟ ବାଳିକା ଦିବସ ପାଳିତ




ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀମାନେ ରାଲିରେ ବାହାରିଛନ୍ତି।

କଣ୍ଟାବାଞ୍ଜି,୨୪।୧(ଗୁରୁଦୟାଲ ହଂସ)

ବଲ୍ଲୁସଙ୍ଗୀତ ଜିଲା ତୁରେକେଲା ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ କୁଇବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମଣ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଆରସିସି ଫକୀର ଚରଣ ବିଶି, ମୁଖ୍ୟବକ୍ତାଭାବେ ତୁରେକେଲା କ୍ଲଷ୍ଟର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ଯୋଗଦେଇଥିଲେ। ହିଆଲ କ୍ଲଷ୍ଟର ସଂଯୋଜକ ଧନସିଂ ମାଝିସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଦାଶ ଉପସ୍ଥିତ ଛାତ୍ରୀମାନଙ୍କୁ ବାଳିକା ଅଧିକାର ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟର ସଂଯୋଜକ ପ୍ରେମରାଜ ପାଣିଗ୍ରାହୀ, ଅନୁପ କୁମାର ଦାସ, ଶିକ୍ଷକ ବିକାଶ ଚନ୍ଦ୍ର ନାଥ, ପରମାନନ୍ଦ ସୁନା, ଅରୁଣ କୁମାର ସାହୁ, ସୁବାସିନୀ ଦଳେଇ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଚନ୍ଦ୍ରାବତି ଦେଇ, ପ୍ରେମାଙ୍ଗିନୀ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳଦାର ତାଣ୍ଡି, ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବୁଦ୍ଧଦେବ ବନଛୋର ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୪୭ କେନ୍ଦୁ ଗଣ୍ଡି ଜବତ, ଜଣେ ଗିରଫ

ଘଣ୍ଟାପଡ଼ା,୨୪।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ଘଣ୍ଟାପଡ଼ା ସେକସନରୁ ୪୭ ଖଣ୍ଡ କେନ୍ଦୁ ଗଣ୍ଡି ଓ ଗାଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ ଆଶିଷ କହଁରଙ୍କ ନେତୃତ୍ୱରେ ମଙ୍ଗଳବାର ଭୋର ସମୟରେ ବନବିଭାଗର ଏକ ଟିମ୍ ଆମ୍ବଗାଁ–ତେଡେଣମାଳ ରାସ୍ତାରେ ଜଗି ରହିଥିଲେ। ଏହି ସମୟରେ ନାରାୟଣପ୍ରସାଦ ଅଞ୍ଚଳରୁ ଆସୁଥିବା ଏକ ୪୦୭ ଡାଲା ଗାଡି (ନଂ ଓଆର ୧୭ସି ୦୦୧୯)କୁ ଅଟକାଇ ଯାଞ୍ଚ କରିବାରୁ ୪୭ ଖଣ୍ଡ କେନ୍ଦୁ ଗଣ୍ଡି ମିଳିଥିଲା। ଜବତ କେନ୍ଦୁ ଗଣ୍ଡିର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଅଭିଯୁକ୍ତ ଜଣକ ହେଲେ ବରଗଡ଼ ଜିଲା ଗାଇସିଲେଟ ଥାନା ଟେଙ୍ଗନାପାଲି ଗ୍ରାମର ଲକ୍ଷ୍ମଣ ବରିହା(୨୫)। ଉକ୍ତ ଚଢ଼ାଉରେ ଏସିଏଫ କହଁରଙ୍କ ସହ ଘଣ୍ଟାପଡ଼ା ବନପାଳ ଚନ୍ଦ୍ରଶେଖର ଦାଶ, ବନରକ୍ଷୀ ଦିଗାମ୍ବର ପ୍ରଧାନ, ବୌଦ୍ଧ ମୋବାଇଲ ଏପିଆର ଦଳ ଏବଂ କଣ୍ଟାମାଳ ବନାଞ୍ଚଳର ବନ ବିଭାଗ କର୍ମଚାରୀ ସାମିଲ ଥିଲେ।

### ବୀରମହାରାଜପୁର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ଅମରପାଲି,୨୪।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଦାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ଡ. ବନ୍ଦିତା ବିଶାଳ ମୁଖ୍ୟଅତିଥି ଏବଂ ଅଧ୍ୟାପକ ବିଜୟ ପଧାନ ଓ ଅଧ୍ୟାପିକା ବିଦ୍ୟୁତପ୍ରଭା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲ୍ୟାଣୀମୟୀ ତ୍ରିପାଠୀ ଓ ଶୁଭ୍ରାଜ୍ୟୋତି ପଧାନ ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସୁପ୍ରଭା ନନ୍ଦ, କର୍ମଚାରୀ ସୁବାସ ଶତପଥୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଜୟ ଶ୍ରୀରାମ ଲେଖି ଉତ୍ସବ ପାଳିଲେ ଉର୍ଲେ ଗ୍ରାମବାସୀ

ବିନିକା,୨୪।୧(ରାମ ଗୋପାଳ ବାଘ)

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସୋମବାର ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ଉର୍ଲେ ଗ୍ରାମବାସୀ ଘରେ କଳସ ବସାଇ ଓ ଘର କାନ୍ଥରେ ଜୟ ଶ୍ରୀରାମ ଲେଖି ଉତ୍ସବ ମନାଇଛନ୍ତି। ଶଙ୍କରା ଗ୍ରାମର ମହିଳା କୀର୍ତ୍ତନ ଓ ଭଜନ ସମାରୋହ କରି ଆଡମ୍ବରପୂର୍ଣ୍ଣ ଭାବରେ ଉତ୍ସବ ପାଳନ କରିଛନ୍ତି। ଜୟ ଶ୍ରୀରାମ ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା। ଚାରିଆଡେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା।

### ନୂଆ–ଓ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସ୍ନାତକ ମହାବିଦ୍ୟାଳୟରେ ନୂଆ–ଓ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବଲୋଚନ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ଛାୟାକାନ୍ତ ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥ କେବଳ ଏକ ବିଗ୍ରହ ନୁହନ୍ତି, ସେ ସବୁ ଧର୍ମଦର୍ଶନର ମୂଳ ଆଧାର ବୋଲି କହିଥିଲେ। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଡ. ପୁରୁଷୋତ୍ତମ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନୂଆ –ଓର ସଂଯୋଜକ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ସୌରଭରଞ୍ଜନ ଖମାରୀ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧ୍ୟାପକ ଡ.ମୀନକେତନ କୁମ୍ଭାର, ଅଧ୍ୟାପକ ଧୀରେନ୍ଦ୍ର କୁମାର ମିଶ୍ର, ଅଧ୍ୟାପିକା ଚନ୍ଦ୍ରକାନ୍ତି ବିଶ୍ୱାଳ, ଅଧ୍ୟାପିକା ନିରୂପମା ରଥ ଓ ଅଧ୍ୟାପିକା ବିଥିକା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି।

# ଦେଶର ବିକାଶରେ ନାରୀ ଶକ୍ତିର ଅବଦାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟପାଳଙ୍କ ଦିନିକିଆ ବୌଦ୍ଧ ଜିଲା ଗସ୍ତ

ବୌଦ୍ଧ/ବାଉଁଶୁଣୀ,୨୪।୧(ଅଜିତ କୁମାର ବାରିକ/ ଦେବାଶିଷ ନେପାକ)


ଇଚ୍ଛାପୁର ଅଙ୍ଗନୱାଡି କେନ୍ଦ୍ର ପରିସରରେ ରାଜ୍ୟପାଳ ଓ ଅନ୍ୟମାନେ।

ବର୍ଷା ସତ୍ତ୍ୱେ ବୁଧବାର ଦିନ ରାଜ୍ୟପାଳ ରଘୁବର ଦାସ ଦିନିକିଆ ବୌଦ୍ଧ ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଆଲୋଚନା କରିଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ରାଜ୍ୟପାଳ ଦାସ ସକାଳେ ବୌଦ୍ଧରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍କିଟ ହାଉସଠାରେ ସ୍ୱାଗତ କରାଯାଇଥିଲା। ପ୍ରଥମେ ସେ ବୌଦ୍ଧ ବ୍ଲକ ବଢିଗାଁ ଗ୍ରାମ ପଞ୍ଚାୟତର ଇଚ୍ଛାପୁର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଅଭିଭାବକ ଓ ଅଙ୍ଗନୱାଡି କର୍ମୀଙ୍କ ସହ ବାର୍ତ୍ତାଳାପ କରି ଓଡିଶାରେ କୁପୋଷଣ ସ୍ଥିତି ଚିନ୍ତାର ବିଷୟ ଓ ଏଥିରେ ସୁଧାର ଆଣିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ସୁସ୍ଥ, ସମର୍ଥ ଭବିଷ୍ୟତ ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ହୋଇପାରିବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ସେଠାରୁ ରାଜ୍ୟପାଳ ଦାସ ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରି ଅଭିଯୋଗ ପଚାରି ବୁଝିଥିଲେ। ଦେଶର ବିକାଶରେ ନାରୀ ଶକ୍ତିର ଅବଦାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେବେ ସେମାନଙ୍କୁ ସଶକ୍ତ ଓ କ୍ରିୟାଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ହେଉଥିବା ବିଭିନ୍ନ ଯୋଜନାର ସଫଳ ଉପଯୋଗ ହେବା ଦରକାର ବୋଲି ରାଜ୍ୟପାଳ ଦାସ କହିଥିଲେ। ଟାଉନହଲଠାରେ ଆୟୋଜିତ କୃଷି ଓ କୃଷକ ସଶକ୍ତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଦାସ କହିଥିଲେ ଯେ, କୃଷକ ହେଉଛି ଭାରତର ଆତ୍ମା। କୃଷକର ଆର୍ଥିକ ସମୃଦ୍ଧି ପାଇଁ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ଉପଯୋଗ ନିହାତି ଆବଶ୍ୟକ। ଏହି ଅବସରରେ ରାଜ୍ୟପାଳ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇ ନିଜେ ନିରୋଗ ରହିବା ସହିତ ଜମିର ଉର୍ବରତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି ଯୋଜନାରେ କୃଷକମାନେ ଉପକୃତ ହେଉଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ। ଏଥିସହିତ ଏହି ଯୋଜନାର ଲାଭ ଜିଲାର ସମସ୍ତ ଚାଷୀ ନେବାକୁ ପରାମର୍ଶ ଦେଇଥିଲେ। ଚାଷୀମାନେ ଧାନମଣ୍ଡିଗୁଡିକରେ ଲାଗି ରହିଥିବା ଅବ୍ୟବସ୍ଥା, ସ୍ଥାୟୀ ଜଳସେଚନର ସୁବିଧା ପାଇଁ ଗୁରୁଜୀମୁଣ୍ଡା ଡ୍ୟାମ୍ ନିର୍ମାଣ ଆଦି ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବାକୁ ରାଜ୍ୟପାଳ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କ୍ଷତିପୂରଣ ପାଇନାହାନ୍ତି ଗରିବ ଚାଷୀ


ଲେଙ୍ଗରପାଜୁର ଚାଷୀ।

## ହାତୀ ଖାଇଗଲା ଧାନ

ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ଗ୍ରାମ ପଞ୍ଚାୟତର ବଣପାହାଡ ଘେରା ଆଦିବାସୀ ଗ୍ରାମ ହେଉଛି ଲେଙ୍ଗରପାଜୁ। ଏହି ଗ୍ରାମ ଜଙ୍ଗଲ ପାହାଡ ଘେରରେ ରହିଥିବା ବେଳେ ଏଠାକାର ଆଦିବାସୀ ପରିବାରଗୁଡିକ ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଅଧିକାଂଶ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଭଳି ପରିସ୍ଥିତିରେ ତିନି ମାସ ତଳେ ଧାନ ଫସଲକୁ ହାତୀ ପଲ ଖାଇବା ସହ ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ ମଧ୍ୟ ଅଦ୍ୟାବଧି କ୍ଷତିପୂରଣ ମିଳି ନ ଥିବା ଲେଙ୍ଗରପାଜୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳସେଚନର ସୁବିଧା ନ ଥିବାରୁ ଗରିବ ଚାଷୀମାନେ ବର୍ଷା ପାଣିରେ ଧାନ ଚାଷ କରିଥାନ୍ତି। କିନ୍ତୁ ଅମଳ ସମୟରେ ହାତୀ ଆସି ଫସଲ ନଷ୍ଟ କରିଥାନ୍ତି ବୋଲି ଚାଷୀମାନେ କହନ୍ତି। ଗତ ନଭେମ୍ବର ମାସରେ ଗ୍ରାମର ରମା କହଁର, ଜୟଦ ମଲିକ, ସୁବିଞ୍ଜ ମଲିକ, ନୀଳ ବେହେରା, ସଂକୀର୍ତ୍ତନ ବେହେରା ଓ ବିରେନ୍ଦ୍ର କହଁରଙ୍କ ଧାନ ଫସଲ ହାତୀପଲ ଖାଇବା ସହ ନଷ୍ଟ କରି ଦେଇଥିଲେ। ଏନେଇ ଚାଷୀମାନେ ମାଧପୁର ରେଞ୍ଜ କର୍ମଚାରୀଙ୍କୁ ଜଣାଇବା ସହ କ୍ଷତିପୂରଣ ପାଇବା ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉନାହିଁ। ଏନେଇ ମାଧପୁର ରେଞ୍ଜର ଆଶିଷ କୁମାର ଦିଗାଲଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କ ଖାତାକୁ ଅର୍ଥ ଆସିବ ବୋଲି କହିଥିଲେ। ଯଥାଶୀଘ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଅଦିନିଆ ବର୍ଷାରେ ବ୍ୟାପକ କ୍ଷୟକ୍ଷତି


ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ଅଞ୍ଚଳରେ ହୋଇଥିବା କପାଚାଷ ବର୍ଷାରେ ନଷ୍ଟ ହୋଇଯାଇଛି।

ଅମରପାଲି,୨୪।୧(ପୀତାମ୍ବର ସାହୁ)

**ବୀରମହାରାଜପୁର ଉପଖଣ୍ଡ**
- ମଣ୍ଡିରେ ଭିଜିଲା ଧାନ
- ନଷ୍ଟହେଲା ଅମଳ ହେବାକୁ ଥିବା କପା

ଗତ ମଙ୍ଗଳବାର ରାତିରୁ ଲାଗି ରହିଥିବା ଅଦିନିଆ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତୁହାକୁ ତୁହା ବର୍ଷା ଲାଗି ରହିଛି। ଫଳରେ ରାସ୍ତାରେ ଯାତାୟତ ବହୁ କମ ଦେଖିବାକୁ ମିଳିଥିଲା। ଏବେ ବି ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡ଼ି ରହିଛି। ଆବଶ୍ୟକ ସୁବିଧା କରା ଯାଇ ନ ଥିବାରୁ ମଣ୍ଡିରେ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଉପଖଣ୍ଡର ହିଲୁଙ୍ଗ ମଣ୍ଡିରେ ପ୍ରାୟ ୩୦ ହଜାର ପ୍ୟାକେଟ ଧାନ ବସ୍ତା ପଡ଼ି ରହିଛି। ଖଣ୍ଡହତା ମଣ୍ଡିରେ ପ୍ରାୟ ୫ ହଜାର ପ୍ୟାକେଟ, ଯାଲୋଏ ମଣ୍ଡିରେ ପ୍ରାୟ ୩୦ ହଜାର ପ୍ୟାକେଟ ଓ ମୁର୍ଷୁଣ୍ଡି ମଣ୍ଡିରେ ମଧ୍ୟ ଧାନ ପଡ଼ି ରହିଛି। ହିଲୁଙ୍ଗ ଓ ଯାଲୋଏ ମଣ୍ଡିରେ ସବୁଠୁ ବେଶି କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ଏଆରସିଏସ ପ୍ରେମାନନ୍ଦ ଦୀପ ଯାଲୋଏ ମଣ୍ଡିକୁ ପରିଦର୍ଶନ କରିଛନ୍ତି। ମଣ୍ଡିରେ ଧାନ ବର୍ଷାରେ ଭିଜିଥିବା ନେଇ ଏଆରସିଏସ ପ୍ରେମାନନ୍ଦ ଦୀପ ସ୍ୱୀକାର କରିଛନ୍ତି।

ଏହାସହିତ ଅମଳ ହେବାକୁ ଥିବା କପା ମଧ୍ୟ ନଷ୍ଟ ହୋଇଛି। ଫଳରେ ଚାଷୀ ହତାଶ ହୋଇପଡ଼ିଛି। ଅଞ୍ଚଳର ପିତାମହୁଲ, ସଂଗ୍ରାମପୁର, କମିରା, ଜଟେସିଂହା, ଖଣ୍ଡହତା, ବହଳପଦର, ଲୁତୁରପଙ୍କ, କେନଝିରିଆପାଲି, ଦୁର୍ଜନତୈଲା, ମୁର୍ଷୁଣ୍ଡି, ହିଲୁଙ୍ଗ ଆଦି ପଞ୍ଚାୟତ ସମେତ ଅନ୍ୟ ଅଞ୍ଚଳରେ ଚଳିତବର୍ଷ ବ୍ୟାପକ କପା ଚାଷ ହୋଇଛି। ପର୍ଯ୍ୟାୟ କ୍ରମେ କପା ଅମଳ ହେଉଥିବା ବେଳେ ଏବେ ବି ବହୁ ପରିମାଣର କପା ଅମଳ ହେବାକୁ ଥିଲା। ମାତ୍ର ଅଦିନିଆ ବର୍ଷାରେ କପା ନଷ୍ଟ ହୋଇଯାଇଛି। କପା ଚାଷୀ ଧାର କରଜ କରି ଚାଷ କରିଥିବା ବେଳେ ଏବେ ସେମାନେ ହତାଶ ହୋଇ ପଡିଛନ୍ତି। ସେହିପରି ଡାଲି ଜାତୀୟ ଫସଲ ମଧ୍ୟ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବୁଧବାର ଦିନ ତମାମ ବର୍ଷା ଲାଗି ରହିଥିବାରୁ ଅଧିକାଂଶ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିବା ଦେଖିବାକୁ ମିଳିଥିଲା। ଅତି ଜରୁରୀ କାମ ନ ଥିଲେ ଲୋକେ ଘରୁ ପଦାକୁ ବାହାରି ନ ଥିଲେ। ବର୍ଷା ସହିତ ଶୀତର ମାତ୍ରା ବଢ଼ୁଛି।

### ପରିବା ଦୋକାନରେ ଅଗ୍ନିକାଣ୍ଡ

ବାଉଁଶୁଣୀ,୨୪।୧(ଦେବାଶିଷ ନେପାକ)

ବୁଧବାର ଭୋର ସମୟରେ ବାଉଁଶୁଣୀ ଛକ ନିକଟ ଡେଲି ମାର୍କେଟଠାରେ ଥିବା ଏକ ପରିବା ଦୋକାନରେ ଅଗ୍ନିକାଣ୍ଡ ଘଟି ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୬ ବର୍ଷ ହେବ ଏକ ଦୋକାନ ଭଡ଼ାରେ ନେଇ ସିଂଘପାଲିର ରାଜକୁମାର ସିଂ ପରିବା ବିକ୍ରି କରୁଥିଲେ। ତେବେ ସେହି ଦୋକାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ବାଉଁଶୁଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୋକାନ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ବିଭିନ୍ନ ପନିପରିବା ସହ ଓଜନ ମେସିନ, ପରିବା ଟ୍ରେ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ଦୋକାନରେ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ଦୋକାନ ମାଲିକ ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ବାଉଁଶୁଣୀ ପୋଲିସ ପହଞ୍ଚି ନିକଟରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରିଛି। ସିସି ଟିଭିରେ ଦୁଇ ଜଣ ଯୁବକ ରାତି ଗୋଟାଏ ୫୦ ମିନିଟରେ ବାଇକ୍‌ରେ ଆସି ଦୋକାନରେ ନିଆଁ ଲଗାଇ ଚାଲି ଯାଇଥିବା ଦେଖିବାକୁ ମିଳିଛି।

# ୧୪ଟି ୫– ଟି ହାଇସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ


ଜଟେସିଂହାରେ ୫–ଟି ହାଇସ୍କୁଲ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜନସାଧାରଣ।

ଅମରପାଲି,୨୪।୧(ପୀତାମ୍ବର ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନ ରାଜ୍ୟର ୬ ଜିଲାର ୨୮୬ଟି ୫– ଟି ହାଇସ୍କୁଲକୁ ଲୋକାର୍ପଣ କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ୧୪ଟି ୫–ଟି ହାଇସ୍କୁଲ ଲୋକାର୍ପଣ ହୋଇଛି।

ଜିଲାର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ୫–ଟି ହାଇସ୍କୁଲ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ ୫–ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ଜଟେସିଂହା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲାପାଳ ବିମଳେନ୍ଦୁ ରାୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୀରମହାରାଜପୁର ବ୍ଲକର ବାପୁଜୀ ହାଇସ୍କୁଲ କମିରା, ରାଧାମୋହନ ହାଇସ୍କୁଲ ଡୁଲେଶ୍ୱର ଓ ଜଟେସିଂହା ହାଇସ୍କୁଲ ୫–ଟିରେ ସାମିଲ ହୋଇଥିବାରୁ ଏହା ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ଜଟେସିଂହା ହାଇସ୍କୁଲର ଛାତ୍ରୀ ରୀମା ଦେହୁରୀ ସ୍କୁଲ ୫–ଟି ହେଲା ପରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷ ଶାନ୍ତିଲତା ମିଶ୍ର ,ଉପାଧ୍ୟକ୍ଷ ନାରାୟଣ ଲୁହା, ବିଇଓ ଶାନ୍ତନୁ କୁମ୍ଭକାର, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ ,ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର, ସରପଞ୍ଚ,ସମିତି ସଭ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ।

# ଶିକ୍ଷାବର୍ଷ ସରି ଆସିଲାଣି: ପୂରଣ ହୋଇନି ଅଧ୍ୟାପକ, କର୍ମଚାରୀ ପଦବୀ

ସୁବଲୟା,୨୪।୧(ଜୟାନନ୍ଦ ରଥ)

ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାର ଅନେକ ଯୋଜନା କରୁଥିବା କହୁଛନ୍ତି। ତେବେ ସୁବର୍ଣ୍ଣପୁର ଜିଲାର ସୁବଲୟା ଜୁନିୟର କଲେଜ ନା ନା ସମସ୍ୟା ମଧ୍ୟ ଦେଇ ଗତି କରୁଛି। ସରକାରଙ୍କ ୫–ଟି ଅଧୀନରେ ଏହି କଲେଜର ରୂପାନ୍ତରିକରଣ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଜୁନିୟର




କ୍ଲର୍କ, ପିଅନ, ନାଇଟ ୱାଚର୍, ସୁଇପର ଭଳି ଅନେକ ପଦବୀ ଖାଲି ପଡିଛି। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୧୨୮ ଜଣ ଲେଖାଏ ଛାତ୍ରୀଛାତ୍ର କଲେଜରେ ଅଧ୍ୟୟନ କରୁଛନ୍ତି। ମୋଟ ୨୫୬ ଜଣ ଛାତ୍ରୀଛାତ୍ରଙ୍କ ପାଇଁ କଲେଜରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ନାହାନ୍ତି। ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ ପଦବୀ ଖାଲି ପଡିଥିବାରୁ ପାଠପଢ଼ାରେ ଅସୁବିଧା ହେଉଥିବା ଅଧ୍ୟକ୍ଷ ଭୋଳାନାଥ କର୍ମୀ କହିଛନ୍ତି। ଗତ ୨୦୧୯ରୁ ଇତିହାସ ବିଭାଗ ଅଧ୍ୟାପକ, ୨୦୨୦ରୁ ଓଡ଼ିଆ ଅଧ୍ୟାପକ ପଦବୀ ଖାଲି ପଡିଛି। ସେହିପରି ୨୦୧୯ରୁ ପିଅନ ତଥା ନାଇଟ ୱାଚର୍ ପଦବୀ ମଧ୍ୟ ପୂରଣ ହୋଇ ପାରୁନାହିଁ। ଚଳିତବର୍ଷର ଶିକ୍ଷାବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଅଧ୍ୟାପକ ଅଭାବରୁ ଏପର୍ଯ୍ୟନ୍ତ ଉପଯୁକ୍ତ ଶିକ୍ଷା ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଉପଜିଲାପାଳ ଏହି କଲେଜର ସଭାପତି ଦାୟିତ୍ୱରେ ଥାଇ ମଧ୍ୟ ଏଭଳି ପରିସ୍ଥିତି ଏକ ବିଡମ୍ବନା। ଏହାଛଡା କଲେଜରେ ପାନୀୟ ଜଳର ସୁବିଧା ନାହିଁ। ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜଳର ସଂରକ୍ଷଣ, ସୁପରିଚାଳନା ଉପରେ ଗୁରୁତ୍ୱ

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)



ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧୬ ତାରିଖଠାରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି। ଏହି କ୍ରମରେ ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ନୂତନ ଟାଉନ ହଲରେ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତର କର୍ମକର୍ତ୍ତା, ସଦସ୍ୟ ଓ ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଳବଣ୍ଟନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ଜଳର ସଂରକ୍ଷଣ ଓ ସୁପରିଚାଳନା ଉପରେ ବିଧାୟକ ବେହେରା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଉମେଶ ଚନ୍ଦ୍ର ବେହେରା, ତେଲ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୁରେନ୍ଦ୍ର ମାଝୀ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ, ଜଳଛାୟା ବିଭାଗର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା, ଉଦ୍ୟାନ କୃଷି ବିଭାଗର ଲୁସି ପ୍ରିୟଦର୍ଶନୀ ପୂଜାହାରୀ ଓ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର ଯୋଗଦାନ କରି ଜଳର ସୁବିନିଯୋଗ ଓ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଲୁଣ୍ଡା ବ୍ଲକର ବେହେରାମାଳ ପାଣି ପଞ୍ଚାୟତକୁ ସମନ୍ୱିତ ଜଳସେଚନ ଓ କୃଷି ଯୋଜନା ପାଇଁ ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରବନ୍ଧ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ଓ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର କୁମାର ପାଢୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉଠାଜଳସେଚନ ବିଭାଗ ପକ୍ଷରୁ କ୍ଷୁଦ୍ର, ମଧ୍ୟମ, ରାମପୁର କେନାଲ ଓ ତେଲ ଜଳସେଚନ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମତ୍ସ୍ୟ, ପ୍ରାଣୀ ସମ୍ପଦ, କୃଷି, ଉଦ୍ୟାନ କୃଷି, ଉଠା ଜଳସେଚନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। ପ୍ରକଳ୍ପ ଅଞ୍ଚଳରେ ପାଣି ପଞ୍ଚାୟତ ଗଠନ, ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ଫସଲ ଉତ୍ପାଦନରେ ବୃଦ୍ଧି ଓ ଜଳ ସଂରକ୍ଷଣ ଏବଂ ଆବଣ୍ଟନ ବିଷୟରେ ଉପସ୍ଥିତ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସଚେତନ କରାଯାଇଥିଲା।

## ସଂକ୍ଷେପରେ

### ବ୍ରାଉନ ସୁଗାର ଜବତ, ୨ଗିରଫ

**ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଟାଉଥାନା ପୋଲିସ ବୁଧବାର ସକାଳେ ବ୍ରାଉନ ସୁଗାର କାରବାର କରୁଥିବା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଙ୍ଗାଡିପାର ଦେବଦତ୍ତ ମହାନ୍ତି(୩୩)ଓ ଲୁହୁରାଡିପାର ପୀଙ୍କୁ ଓରାମ(୩୨)। ପୋଲିସ ସେମାନଙ୍କ ନିକଟରୁ ୫ ଗ୍ରାମ ୩୦ ମିଲି ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ଅନୁମାନ କରୁଛି। ସୂଚନା ମୁତାବକ ଏହି ବ୍ରାଉନ ସୁଗାର (ତାର୍କି ) କାରବାର ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉଥାନା ଆଇଆଇସି ଆଦିତ୍ୟ ମହାକୁଲ ଏସଆଇ ଅନୀଲ ସାମଲ ଓ ଥାନା ଷ୍ଟାଫଙ୍କୁ ପଠାଇଥିଲେ। ଆଦର୍ଶ ନଗର ବାଏପାସରେ ସନ୍ଦେହ ଜନକ ଭାବେ ୨ଜଣ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସୀ ବେଳେ ତାଙ୍କ ନିକଟରୁ ଏହି ବ୍ରାଉନ ସୁଗାର ଜବତ କରାଯାଇଥିଲା। ସୁନ୍ଦରଗଡ ଥାନା କେସ ନଂ ୪୧/୨୪ରେ ଏନଡିପିଏସ ଆକ୍ଟର ବିଭାଗ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ରାକେଟକୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### କୁକୁର କାମୁଡ଼ାରେ ୫ ଆହତ

**ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ରାଏଡିହି ଓ ଝାରମୁଣ୍ଡା ଗ୍ରାମରେ ମଙ୍ଗଳବାର ଓ ବୁଧବାର ଏକ ବୁଲା କୁକୁର କାମୁଡ଼ାରେ ୫ଜଣ ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ ଠାରୁ ଜଣାପଡିଛି, ଏକ ପାଗଳ କୁକୁର ଝାରମୁଣ୍ଡା ଗ୍ରାମର ଧନମତି ବେହେରା, ହରିଶଙ୍କର ନାଏକ, ସୁନିଲ ସାମାଦଙ୍କୁ କମୁଡ଼ିଥିଲା। ଲୋକେ ଘଉଡାଇବାରୁ ରାଏଡିହି ଗ୍ରାମକୁ ଆସି ଟିକେଶ୍ୱର କିଷାନ ଓ ପ୍ରମିଳା ପ୍ରଧାନଙ୍କୁ କାମୁଡି ଥିଲା। ସମସ୍ତ ଆହତ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଘାଟିତ

**ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଡୁଲୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ଗଣମାଧ୍ୟମ ପ୍ରତିନିଧି ତଥା ସାମରିକ କୌଶଳର ରେସୋର୍ସ ପର୍ସନ ଅଶୋକ ଷଡ଼ଙ୍ଗୀ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ଓ ସାଂପ୍ରତିକ ସମୟରେ ଏହାର ଆବଶ୍ୟକତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦଶରଥ ନାଏକ ସଭାପତିତ୍ୱ କରିଥିଲେ। ଡାଲମିଆ କଲେଜର ଛାତ୍ରୀ ତଥା ମାଷ୍ଟର ଟ୍ରେନର ମମତା ନାଏକ ଓ ନିଶିତା ବାର୍ଲା ଯୋଗଦେଇଥିଲେ। ଶେଷରେ ଆତ୍ମ ସୁରକ୍ଷା କୌଶଳ ଦାୟିତ୍ୱରେ ଥିବା ରସାୟନ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ନିରୋଜ କୁମାର୍ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୬ରୁ ଆରମ୍ଭ ହୋଇଥିବା ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଭିକାରୀ ଚରଣ ଚୌଧୁରୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ତଥା ଓଡ଼ିଆ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାୟ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ସୁବର୍ଣ୍ଣ ସୁଯୋଗ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଶୋକ ଦାସ, ପରମାନନ୍ଦ ବାଗ ଯୋଗଦେଇଥିଲେ। ବରିଷ୍ଠ ଅଧ୍ୟାପକ ହିରନ୍ୟ କୁମାର୍ ମହନ୍ତ ଓ ଅଧ୍ୟାପକ ସୁବ୍ରତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟାନ୍ୟ ବିଭାଗର ଅଧ୍ୟାପକ ପ୍ରଦୀପ ପୃଷେଟ, ଚନ୍ଦନ ଜେନା, ସୁଧାଂଶୁ ଭୁଷଣ ବେହେରା, ମହେନ୍ଦ୍ର ବେହେରା, କ୍ଲାସୀୟସ ଗୁରିଆ, ଦୀନବନ୍ଧୁ ପଟେଲ, ପ୍ରକାଶ ନାଏକ, ନିରୋଦ ମହାରଣା, ଅଧ୍ୟାପିକା ରଞ୍ଜିତା ପଟେଲ, ସ୍ୱରୂପା ନାଏକ, ରେବତୀ ବାହାଲାଙ୍କ ସହିତ ସମସ୍ତ କର୍ମଚାରୀ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ସୁନ୍ଦରଗଡ ଜିଲା ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଶୃଙ୍ଖଳିତ ଜୀବନ ଶୈଳୀ ସଫଳତା ଦେଇଥାଏ

**ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଦଶରଥ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରି ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀବତ୍ସ ଚୌଧୁରୀ ତାଙ୍କ ବକ୍ତବ୍ୟରେ କଠିନ ପରିଶ୍ରମ ହିଁ ସଫଳତାର ଜନନୀ ବୋଲି ମତ ପୋଷଣ କରିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ସିନେ ଗୀତିକାର ତଥା ବ୍ୟଙ୍ଗ କବି ଦୁର୍ଗା ମାଧବ ପଣ୍ଡା ତାଙ୍କ ବକ୍ତବ୍ୟ ଛଳରେ ନିଜର ସ୍ୱତନ୍ତ୍ର ଶୈଳୀ ବଜାୟ ପୂର୍ବକ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ଡ. ସୁପ୍ରିୟା ପାଲ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ନୂଆ ଓ ଆବାହକ ଅଧ୍ୟାପକ ଚନ୍ଦନ କୁମାର ବେଉରା ଓ ଅରୁଣ ରଞ୍ଜନ ପୂଜାରୀ ଶୃଙ୍ଖଳିତ ଜୀବନ ଶୈଳୀ ହିଁ ସଫଳତା ଦେଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ନୂଆ ଓ କାର୍ଯ୍ୟକ୍ରମର ପୂର୍ବତନ ନୋଡାଲ ଅଫିସର୍ ନିରୋଜ କୁମାର୍ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ ଧୁଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଭରବ୍ରିଜ୍ ଉପରେ ଓଲଟିଲା ଟ୍ରକ୍

**କୁଆଁରମୁଣ୍ଡା,୨୪।୧(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା-ହାତୀବାରି ରାସ୍ତାର କୁଆଁରମୁଣ୍ଡା ରେଲୱେ ଓଭର ବ୍ରିଜ ଉପରେ ବୁଧବାର ଅପରାହ୍ନରେ ଏକ ଟ୍ରକ୍(ଓଆର ୧୬ଡି୬୯୦୯) ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଣ ଓସାରିଆ ରାସ୍ତା ସମ୍ପୂର୍ଣ୍ଣଭାବେ ଅବରୋଧ ହୋଇଯିବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ଯାଇ ନ ପାରିବାରୁ ରୋଗୀ ଓ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର କୁଜୁର ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଜେସିବି ଡକାଇ ରାସ୍ତା ଅବରୋଧ ହଟାଇଥିଲେ। କୁଆଁରମୁଣ୍ଡା ପୋଲିସ


ଓଭର ବ୍ରିଜ ଉପରେ ଟ୍ରକ୍ ଓଲଟି ପଡିବାରୁ ରାସ୍ତା ଅବରୋଧ ହୋଇଛି।

ଘଟଣା ସ୍ଥଳରେ ପହଞ୍ଚି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିଥିଲେ। ହେଲେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଆତ୍ମରକ୍ଷା ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ

**ଲହୁଣୀପଡ଼ା,୨୪।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୁଡାମଣି ସାହୁ ଯୋଗଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନେତ୍ରାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ଛାତ୍ରୀଙ୍କୁ ଆତ୍ମରକ୍ଷା ଦିଗରେ ଗୁରୁତ୍ୱ ଦେବା ଉପରେ ପରାମର୍ଶ ଦେଇଥିଲେ। ଏଥିସହ ଆତ୍ମରକ୍ଷା କୌଶଳ ଶିକ୍ଷାର ଉଦେଶ୍ୟ ଓ ଉପଯୋଗୀ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିମ ପ୍ରଶିକ୍ଷକ ଭାବେ ମୁନି ସିଂ ଓ ବାସନ୍ତୀ ମାହାନ୍ତ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ଐଶର୍ଯ୍ୟା ଖାଲଖୋ, ମେରିୟମ ମୁଣ୍ଡା, କଲ୍ୟାଣି ମେହେର, ଅଧ୍ୟାପକ ମୁକେଶ ଭୋଇଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।



ତାଲିମ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର

**ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଡୁଲି)**

ହେମଗିରି ବ୍ଲକ ଗଡତୁମୁଲିଆସ୍ଥିତ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭାଗିରଥି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ଜିଲା ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଉଦିତ ସେଠ, ସରପଞ୍ଚ ସେଶବତୀ ପ୍ରଧାନ, ଯୁକ୍ତ ୩ ଅଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସରୋଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନିଜସ୍ୱ ଅଭିଭାଷଣରେ ଜଗନ୍ନାଥ କିପରି ସର୍ବଧର୍ମ ସମନ୍ୱୟର ପ୍ରତୀକ ତଥା ଶ୍ରୀମନ୍ଦିର ରିତିକାନ୍ତିର ସାଧାରଣ ମାନବର ଦୈନନ୍ଦିନ ଜୀବନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଚର୍ଯ୍ୟା ସହିତ ପ୍ରତ୍ୟକ୍ଷ ଜଡ଼ିତ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିପାଠୀ ଜଗନ୍ନାଥ ତତ୍ତ୍ୱର ଏବଂ ମାନବୀୟ କର୍ତ୍ତବ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚିତ କରିଥିଲେ। କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ଏବଂ ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରାଧ୍ୟାପକ ଦିଲ୍ଲୀପ ନାୟକ, ନିନା ତ୍ରିପାଠୀ, ଗଙ୍ଗାଧର ବାରିକ, ଅକ୍ଷୟ ସାହୁ, ନରେନ୍ଦ୍ର ପଟେଲ, ଗଣେଶ ମେହେର, ବୀଣା ପଟେଲ, ରାଜେନ୍ଦ୍ର ସା, ଜିତେନ୍ଦ୍ର ମହାପାତ୍ର, ସୁକୁମାର ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ଛାତ୍ରୀଛାତ୍ରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭାଷା ଅନ୍ତର ଭାବନାର ପରିସ୍ଫୁଟ

**ବଡ଼ଗାଁ, ୨୪।୧( ଅଶୋକ ଷଡଙ୍ଗୀ)**

ବଡ଼ଗାଁ ଡିଗ୍ରୀ କଲେଜ ପରିସରରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନୂଆଁ ଓ କାର୍ଯ୍ୟକ୍ରମ ଅଧୀନରେ ଯୁବପିଢି ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ମୂଲ୍ୟବୋଧ ପ୍ରଦର୍ଶନ କରିବା ପାଇଁ କଲେଜରେ ଜଗନ୍ନାଥ ସଂସ୍କୃତି ସମ୍ୱଳିତ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା ଓ ୨ଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରକୁ ଅଧକ୍ଷା ବନଜା ରାଣୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ବିଶିଷ୍ଟ କବି ସୁଧାଂଶୁ ଅଶୋକ, ଲେଖକ ଲବଣୀଧର ପୃଷେଟ, ଭବ ଗର୍ଭକ ସାହିତ୍ୟ ଆଲୋଚନା ସହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ଉପରେ ବିଶଦ ବ୍ୟାଖ୍ୟା କରିଥିଲେ। ଅଧକ୍ଷା ଷଡ଼ଙ୍ଗୀ ସାଂପ୍ରତିକ ଓଡ଼ିଆ ଭାଷାର ଉନ୍ମେଷ ସହ ଜଗନ୍ନାଥ ଦର୍ଶନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବକ୍ତା ସୁଧାଂଶୁ ଅଶୋକ ଜଗନ୍ନାଥ ଚେତନାର ମୂଳପିଣ୍ଡ ଓ ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗ ବିଷୟରେ ବର୍ଣ୍ଣନା କରିଥିଲେ। ଲେଖକ ଲବଣୀଧର ପୃଷେଟ ଭାଷା ଅନ୍ତରର ଭାବନାର ପରିସ୍ଫୁଟ ବୋଲି କହିଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ତାପସ କର, ଲକ୍ଷ୍ମୀକାନ୍ତ ସାହୁ, ମାଳବିକା ସାମଲ, ଏବଂ କର୍ମଚାରୀ ଜେତେନ୍ଦ୍ର ବୁଡ଼ା, ଲୋକନାଥ ବେହେରା, ଝରଣା ସାହୁ, ଉତ୍ତମ ପଣ୍ଡା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଅଧ୍ୟାପକ ସୁଶାନ୍ତ ବିଶି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୪୭ କେନ୍ଦୁ ଗଣ୍ଡି ଜବତ, ଜଣେ ଗିରଫ

**ଘଣ୍ଟାପଡ଼ା,୨୪।୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ଘଣ୍ଟାପଡ଼ା ସେକସନରୁ ୪୭ ଖଣ୍ଡ କେନ୍ଦୁ ଗଣ୍ଡି ଓ ଗାଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



**ସୁନ୍ଦରଗଡ଼,୨୪।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବୁଧବାର ଜାତୀୟ କନ୍ୟା ସନ୍ତାନ ଦିବସ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଆୟୋଜିତ ବତକୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଜନ ସଚେତନତା ପାଇଁ ଏକ ରାଲି ଓ ସଚେତନତା ରଥକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧରଣୀ ରଞ୍ଜନ ଶତପଥି, ଜିଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଶଙ୍କର ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲା କନ୍ୟା ସନ୍ତାନର ଅନୁପାତ ବୃଦ୍ଧି ପାଇଁ ଜନ ସଚେତନତା କରିବାକୁ ଏହି ରଥ ଜିଲାର ୯ଟି ବ୍ଲକକୁ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

# କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ

**କୁତ୍ରା,୨୪।୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଲକ୍ଷ୍ମୀପୋଷ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା କୁଜୁରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଠିନ ପରିଶ୍ରମ କରି ନିଜର ଭବିଷ୍ୟତ ଦିଗରେ ଧ୍ୟାନ ଦେଲେ ନିଶ୍ଚିତ ଭାବେ ସଫଳ ହେବେ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ କମଳା କୁଜୁର ଯୋଗଦେଇ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଉନ୍ନତି ହେଉଛି। ତେଣୁ ଛାତ୍ରୀଛାତ୍ରମାନେ ଏହାର ସଦୁପଯୋଗ କରି ପାଠପଢାରେ ମନ ଦେବାକୁ ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଦଲକି କ୍ଷେଟ ବ୍ୟାଙ୍କ ଅଧିକ୍ଷକ ଗ୍ରେସମ କୁଜୁର ଯୋଗଦେଇଥିଲେ। ଶିକ୍ଷକ ଡିଲେଶ୍ୱର ବେହେରା ଅତିଥିମାନଙ୍କ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମତାମୟୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟକଳାପରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବ ପରିଚାଳନାରେ ମଧୁସ୍ମିତା ଶତପଥୀ, ସଞ୍ଜୟ କୁମାର ମିଞ୍ଜ, ଅନୁପମା ଟପ୍ପୋ, ସୁପ୍ରିତି ବାଗ,ମେଜରେନ ଏକ୍କା, ଫିନି ଏକ୍କା,ଦୁର୍ଯ୍ୟୋଧନ ମିଞ୍ଜ, ଉର୍ବାସିନି କିସପଟ୍ଟା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ନୂଆ -ଓ, ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ହେମଗିର,୨୪।୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଭେଷଜପଟେଲ ମହାବିଦ୍ୟାଳୟ ଡୁଡୁକାଠାରେ ଚାଲିଥିବା ନୂଆ-ଓ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗାଳ୍ପିକା ଲଳିତା ଖଣ୍ଡା ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ସମିତି ସଭାପତି ସୁଶୀଲ କୁମାର ଚୈଧୁରୀ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶୋକ କୁମାର ନାଏକ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ମିନତି ମିଶ୍ର, ଦୀପ୍ତିମୟୀ ସେଠ, ଦୀପାଞ୍ଜଳି ବେହେରା, ସ୍ମିତା କାଲୋ, ଅଧ୍ୟାପକ ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟର ସଞ୍ଚାଳନ କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଛାତ୍ରୀଛାତ୍ରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

**କୁତ୍ରା,୨୪।୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତରକେରା ଉଚ୍ଚ ବିଦ୍ୟାଳୟ ଓ ତରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ମଙ୍ଗଳା କିଷାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ କୁତ୍ରା ବିଇଓ ଶରତ କୁମାର ପତି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ସ୍ଥାନୀୟ ସରପଞ୍ଚ ବୁଧୁବାରି ଏକ୍କା, ସମିତି ସଭ୍ୟା ସଂଯୁକ୍ତା ସୁନ୍ୟାନୀ, ସମାଜିକ କର୍ମୀ ବିଦ୍ୟାଧର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତସେଖର ଦେଓ, ସମିର ରଣା, ଶୁସିଲ ବାହାଲା, ଅର୍ଜୁନମୋହନ ବରୁଆ, ପର୍ଶୁରାମ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ମୁଖ୍ୟଅତିଥିଭାବେ ଟାଙ୍ଗରପାଲି ବିଇଓ ମହେନ୍ଦ୍ର ସରୋନିଆ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଓଷ୍ଟା ଜିଲା ସଭାପତି ବିଭୀଷଣ ବାରିକ, ସମ୍ମାନିତ ଅତିଥିଭାବେ ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ସିଂ,ବିନୋଦ ସୁନ୍ୟାନୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନିରଞ୍ଜନ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ତରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶୀ ସା, ଗଙ୍ଗାଧର କୁଜୁର, ଶୁଶୁଲ କୁମାର ଲାକଡା,ବିଦ୍ୟାଧର ରାଉତ,ସୁରେନ ଲାକଡା, ସୁସୁମା ଲାକଡା ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଇଶାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି ଗଡ଼ରେ ପ୍ରାର୍ଥୀ ଖୋଜୁଛି ଭାଜପା

## କଂଗ୍ରେସରେ ବଳଭଦ୍ର


ହୁଙ୍କାର ଜନସମାବେଶରେ ସମର୍ଥକଙ୍କ ସହ ବଳଭଦ୍ର ମାଝି ଏବଂ କଂଗ୍ରେସ ନେତୃବୃନ୍ଦ।

**ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ବଳଭଦ୍ର ମାଝି ବୁଧବାର ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ କଂଗ୍ରେସର ହୁଙ୍କାର ଜନ ସମାବେଶରେ ସମର୍ଥକଙ୍କ ସହ ବଳଭଦ୍ର ହାତ ଧରିଛନ୍ତି। ମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ପ୍ରଭାରୀ ଅଜୟ କୁମାର, ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ ଓ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଅଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଆଖିରେ ରଖି କଂଗ୍ରେସରେ ସାମିଲ ହୋଇଥିବା ବଳଭଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ। ପ୍ରକାଶ ଯେ, ଲଗାତର ଭାବେ ୧୯୯୦ରୁ ବଳଭଦ୍ର ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନ ମଣ୍ଡଳୀରୁ ୫ଥର ବିଧାୟକ ହୋଇଥିଲେ। ହେଲେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ଟିକେଟ କଟିବା ପରେ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ବି ସେ ବିଜେଡିରେ ସକ୍ରିୟ ଥିଲେ। ହେଲେ ଦଳରେ ଅବହେଳାର ଶିକାର ହୋଇଥିବା କାରଣରୁ ସେ ବିଜେଡିରୁ ଇସ୍ତଫା ଦେଇଥିବା କହିଥିଲେ।

**କେନ୍ଦୁଝର,୨୪।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

### ପାଟଣା ନିର୍ବାଚନମଣ୍ଡଳୀ



### ହୃଷୀକେଶଙ୍କ ଘରବାହୁଡ଼ା ପରେ କଂଗ୍ରେସ ଉତ୍ସାହୀ

କେନ୍ଦୁଝର ଜିଲା ପାଟଣା ସଂରକ୍ଷିତ (ଏସ୍‌ଟି) ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ରମାଗତ ଚତୁର୍ଥଥର ବିଜେଡି ଦଖଲ କରିବାକୁ ଉଦ୍ୟମ ଚଳାଉଛି। ଭାଜପା ଉକ୍ତ ସିଟ୍ ଫେରି ପାଇବା ପାଇଁ ଯୋଗ୍ୟ ପ୍ରାର୍ଥୀ ଖୋଜୁଥିବା ବେଳେ କଂଗ୍ରେସ ପୂର୍ବତନ ବିଧାୟକଙ୍କୁ ଫେରାଇ ଆଣି ଆସନ ଦଖଲ କରିବାକୁ ଚେଷ୍ଟା କରୁଛି। ଏଣୁ ୨୦୨୪ ପାଟଣା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଲଢ଼େଇ ରୋମାଞ୍ଚକର ହେବ ବୋଲି ଆକଳନ କରାଯାଉଛି।

ଗତ ନିର୍ବାଚନରେ ବିଜେଡି ଟିକେଟରେ ଜଗନ୍ନାଥ ନାୟକ ୭୦ ହଜାର ୩୧୦ ଭୋଟ (୪୩.୭ ପ୍ରତିଶତ) ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପାର ଭାବାନୀ ଶଙ୍କର ନାୟକ ୬୨ହଜାର ୫୧୪ ଭୋଟ (୩୮.୯ ପ୍ରତିଶତ) ପାଇଥିଲେ। ତେବେ ଇତି ମଧ୍ୟରେ ଭବାନୀ ଶଙ୍କର ପଦ୍ମ ଛାଡ଼ି ଶଙ୍ଖ ଧରିଥିବାରୁ ଏହି ସିଟ ପାଇଁ ଭାଜପା ନୂଆ ପ୍ରାର୍ଥୀ ଖୋଜୁଛି। ଅପରପେକ୍ଷ କଂଗ୍ରେସ ଦଳର ବିନୋଦ ବିହାରୀ ନାୟକ ୧୩ ହଜାର ୫୮ ଭୋଟ (୮.୧ ପ୍ରତିଶତ) ପାଇ ତୃତୀୟ ସ୍ଥାନରେ ରହିଥିଲେ।

୨୦୧୪ ନିର୍ବାଚନରେ ବିଜେଡି ଟିକେଟରୁ ହୃଷୀକେଶ ନାୟକ ଜିତିଥିଲେ। ତେବେ ଦଳରେ ତାଙ୍କୁ ଅଲୋଡ଼ା ଭଳି ବ୍ୟବହାର କରାଯାଉଥିବା ଅଭିଯୋଗ କରି ସେ ବିଜେଡି ଛାଡ଼ି ୨୦୨୩ରେ କଂଗ୍ରେସରେ ମିଶିଛନ୍ତି। ୨୦୨୪ ନିର୍ବାଚନରେ କଂଗ୍ରେସ ଟିକେଟ୍‌ରେ ସେ ଲଢ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ହୃଷୀକେଶ ପୂର୍ବରୁ ଉକ୍ତ ଆସନରୁ ବିଭିନ୍ନ ଦଳରୁ ୬ ଥର ବିଜୟୀ ହୋଇଥିବାରୁ କଂଗ୍ରେସ ଉକ୍ତ ଆସନକୁ ଅକ୍ତିଆର କରିବା ନେଇ ଉତ୍ସାହୀ ଅଛି। ଏଥିସହ ସେ ବିଜେଡି ପାଇଁ ଚିନ୍ତାର କାରଣ ସାଜି ପାରନ୍ତି ବୋଲି ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି।

ଅନ୍ୟପକ୍ଷରେ ଏହି ସିଟରେ ଭାଜପା ଦଳ କାହାକୁ ପ୍ରାର୍ଥୀ କରିବ ସ୍ପଷ୍ଟ ହୋଇ ନ ଥିଲେ ହେଁ ପୂର୍ବତନ ସାଂସଦ ଅନନ୍ତ ନାୟକଙ୍କୁ ନେଇ ଦଳ ଆଗ୍ରହୀ ବୋଲି ଚର୍ଚ୍ଚା ହେଉଛି । ତେବେ ଅନନ୍ତ ଲୋକସଭା ପାଇଁ ଲଢ଼ିବାକୁ ଇଛା ପ୍ରକଟ କରୁଥିବାରୁ ଦଳର ଆଦେଶକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହା ଛଡ଼ା ଭାଜପା ଦଳରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାୟକ, ବିଜେଡି ବିଧାୟକ ଜଗନ୍ନାଥଙ୍କ ଭାଇ ସତ୍ୟବ୍ରତ ନାୟକ, ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ଆଶାୟୀ ଅଛନ୍ତି। ଗତ ସାଧାରଣ ନିର୍ବାଚନରେ ଟିକେଟ ନ ମିଳିବାରୁ ଭାଜପା ବିଦ୍ରୋହୀ ପ୍ରାର୍ଥୀ ଭାବରେ ଅଖିଳ ଚନ୍ଦ୍ର ନାୟକ ସ୍ୱାଧୀନ ପ୍ରାର୍ଥୀ ହୋଇ ମାତ୍ର ୮,୦୭୪ (୫ ପ୍ରତିଶତ) ଭୋଟ ପାଇଥିଲେ। ଏଥି ପାଇଁ ତାଙ୍କୁ ଦଳରୁ ନିଲମ୍ବିତ ହେବାକୁ ପଡ଼ିଥିଲା, ଯାହାକି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

ତେବେ ୨୦୨୪ ନିର୍ବାଚନ ପାଇଁ ବିଧାୟକ ଜଗନ୍ନାଥ ପୁଣି ଥରେ ଟିକେଟ ପାଇବା ଅଧିକ ସମ୍ଭାବନା ଥିବାରୁ ବିଭିନ୍ନ ଅଞ୍ଚଳ ବୁଲି ସାମାଜିକ କାର୍ଯ୍ୟରେ ଯୋଗଦେବା ସହ ଉନ୍ନୟନ ମୂଳକ କାମ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ଦଳରେ ଥିବା ଅନ୍ତର୍ବିବାଦ ଯୋଗୁ କେତେକେ ଟିକେଟ୍ କାଟିବାକୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଥିବାରୁ ତାଙ୍କ ସମର୍ଥକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟର ଉପଲବ୍ଧି ଓ ତାଙ୍କର କାର୍ଯ୍ୟଧାରାକୁ ନେଇ ଲଢ଼ିବେ। ପ୍ରତ୍ୟେକ ଦିନ ଭୋଟରଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ଓ ସମାଧାନର ବାଟ ବାହାର କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। ବିକାଶମୂଳକ କାର୍ଯ୍ୟରୁ ଲୋକମାନେ ଲାଭବାନ ହେଉଥିବାରୁ ଦଳ ପ୍ରତି ଆସ୍ଥା ବଢୁଛି ବୋଲି ବିଧାୟକ ଜଗନ୍ନାଥ କହିଛନ୍ତି।

ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ହୃଷୀକେଶ ନାୟକ କହିଛନ୍ତି, ବିଜେଡି ତାଙ୍କୁ ଅଲୋଡ଼ା କରିଦେବାରୁ ସେ ଦଳ ଛାଡି କଂଗ୍ରେସକୁ ଫେରିଛନ୍ତି। ତାଙ୍କ ପୂର୍ବର କାର୍ଯ୍ୟଧାରା ଓ ଲୋକ ସମ୍ପର୍କ ହିଁ ତାଙ୍କର ଲୋକପ୍ରିୟତାକୁ ଅଧିକ ବିକଶିତ କରିବ ବୋଲି ସେ କହିଛନ୍ତି।

ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ମୋଦି ମନ୍ତ୍ରକୁ ଆଧାର କରି ଭାଜପା ନିର୍ବାଚନ ଲଢ଼ିବ। ଏଣୁ ଏହି ସିଟ୍ ହାତେଇବାକୁ ଭାଜପା ହାତଛଡ଼ା କରିବ ନାହିଁ ବୋଲି ଭାଜପା ଜିଲା ସଭାପତି ସବୁଜ ମହାନ୍ତ ବର୍ମା କହିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ଭାଜପା ଜିଲା ସଭାପତି ଓ ଅନ୍ୟ ଭାଜପା ପଦାଧିକାରୀଙ୍କ ଘର ହୋଇଥିବାରୁ ଭାଜପା ଉକ୍ତ ଆସନ ହାତେଇବାକୁ ଉଦ୍ୟମ ଚଳାଇବ ଏବଂ ଏହା ଜିଲା ସଂଗଠନ ପାଇଁ ଏକ ବଡ ଚ୍ୟାଲେଞ୍ଜ ହେବ ବୋଲି ମତ ପ୍ରକାଶ ପାଉଛି।

**ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଦେବାଂଶ ଦାଶ (ଇଶାନ)**
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆଜିର ଏ ସକାଳ କେତେ ଯେ କୋମଳ,
ଆଜିର ଏ ଦିବସ କେତେ ଯେ ସରସ,
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ ଓଠେ ଦିଅନ୍ତୁ ସଦାହସ,
ଦେବଙ୍କ ଅଂଶ ତୁ ଦେବାଂଶ ରଖ ଯଶ ଆମ ବଂଶର।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ଯାଶିକା ଓ ଯେଶିଲ।
ଧ-୭୩୭୯୪

**୨୪ତମ ଜନ୍ମଦିନ ଶୁଭେଚ୍ଛା**



**ବିକାଶ କୁମାର ବେହେରା**
Dear best friend Vicky,
ଜନ୍ମଦିନର ବହୁତ ବହୁତ ଶୁଭେଚ୍ଛା ଓ ଅଭିନନ୍ଦନ, ମୁଁ ବହୁତ କୃତଜ୍ଞ ଯେ ତୁମଭଳି ବନ୍ଧୁ ପାଇଛି । ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସଦାସର୍ବଦା ଖୁସିରେ ରଖନ୍ତୁ।
ଚନ୍ଦନ କୁମାର
ଚୌଦ୍ୱାର, କଟକ, ଓଡ଼ିଶା
ଧ-୨୨୯୮



ଧ-୨୩୫୨

## ଆଲିଙ୍ଗନକୁ ନେଇ ଚର୍ଚ୍ଚାରେ ଦେବାଶିଷ, ଅରିନ୍ଦମ୍

**କଟକ,୨୪।୧(ଶିଲ୍ପା ପ୍ରିୟଦର୍ଶିନୀ)**

ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଓ ଅଭିନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାଏଙ୍କୁ ନେଇ ସହରରେ ଚର୍ଚ୍ଚା ହୋଇଛି। ବୁଧବାର କଟକ ବକ୍ସି ବଜାରଠାରେ ଅନୁଷ୍ଠିତ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନବେଳେ ମଞ୍ଚରେ ଦୁହେଁ ଦୁହିଁଙ୍କ ହାତ ଧରି ଆଲିଙ୍ଗନ କରିଥିଲେ। ଏଭଳି ଦୃଶ୍ୟ ସାଧାରଣ ଲୋକଙ୍କୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ତେବେ ନେତାଜୀ ଜୟନ୍ତୀରେ ମଙ୍ଗଳବାର ସନ୍ଧ୍ୟାରେ ସହରର ଗୋଟିଏ ପଟେ ବିଜୁ ଛାତ୍ର ଜନତା ଦଳର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟପଟେ ଅରିନ୍ଦମ ନିଜ ସମର୍ଥକଙ୍କୁ ନେଇ ଶୋଭାଯାତ୍ରା କରିଥିଲେ। ଉଭୟ ଶୋଭାଯାତ୍ରା ନେତାଜୀ ସଂଗ୍ରହାଳୟରେ ଗୋଟିଏ ସମୟରେ ପହଞ୍ଚିଥିଲା। ବିଜୁ ଛାତ୍ର ଜନତା ଦଳର ମଶାଲ ଶୋଭାଯାତ୍ରାରେ ଜିଲା ସଭାପତି ଦେବାଶିଷ ଉପସ୍ଥିତ ଥିଲେ। ହେଲେ ନେତାଜୀ ସଂଗ୍ରହାଳୟରେ ପହଞ୍ଚିବା ପରେ ଦେବାଶିଷ ଓ ଅରିନ୍ଦମ ଉଭୟଙ୍କୁ ଅଣଦେଖା କରିଥିବା ଚର୍ଚ୍ଚା ହୋଇଥିଲା। ମଙ୍ଗଳବାର ହୋଇଥିବା ଶୋଭାଯାତ୍ରାକୁ ନେଇ ଅରିନ୍ଦମ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ତାଙ୍କୁ ଡକାଯାଇ ନାହିଁ ଏବଂ ସେ ଛାତ୍ର ନୁହନ୍ତି। ଏ ସମ୍ପର୍କରେ ଦେବାଶିଷ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ହେଲେ ଏହାର କିଛି ଘଣ୍ଟା ପରେ ଅର୍ଥାତ୍ ବୁଧବାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ କାର୍ଯ୍ୟକ୍ରମରେ ଉଭୟ ଉଭୟଙ୍କୁ ଆଲିଙ୍ଗନ କରିବା କଟକର ରାଜନୈତିକ ବାତାବରଣକୁ ସରଗରମ କରିଛି।


ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଦେବାଶିଷ ଓ ଅରିନ୍ଦମ ଏବଂ ଅନ୍ୟ ନେତୃବୃନ୍ଦ।

### ରାଜନୀତି ନୁହେଁ ଏହା ବ୍ୟକ୍ତିଗତ ସମ୍ପର୍କ: ଦେବାଶିଷ

ଏ ସମ୍ପର୍କରେ ଦେବାଶିଷ କହିଛନ୍ତି, ଭାଇଚାରାର ସହର କଟକରେ ସବୁ କିଛି ଚଳେ। ମଙ୍ଗଳବାର ନେତାଜୀଙ୍କ ନାତିଙ୍କୁ ନେଇ ବିଜୁ ଛାତ୍ର ଜନତା ଦଳକୁ ଶୋଭାଯାତ୍ରା କରିବାର ସୁଯୋଗ ମିଳିଥିଲା। ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ଭାବେ ଆୟୋଜନ କରାଯାଇ ନ ଥିଲା। ଅରିନ୍ଦମ ସମସ୍ତଙ୍କୁ ଏକଜୁଟ କରି ବ୍ୟକ୍ତିଗତ ଭାବେ ଶୋଭାଯାତ୍ରା କରିଥିଲେ। ନେତାଜୀ ସଂଗ୍ରହାଳୟଠାରେ ମୋର ଅରିନ୍ଦମ୍‌ଙ୍କ ସହ ଭେଟ ହୋଇ ନ ଥିଲା। ହେଲେ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ତାଙ୍କ ସହିତ ସାମ୍ନାସାମ୍ନି ହେବା ସହ କଥା ହୋଇଛି। ଅରିନ୍ଦମ ମୋର ସାନଭାଇ ଏବଂ ଦଳର ରାଜ୍ୟ ସାଧାରଣ ସମ୍ପାଦକ। ରାଜନୀତି ଅଲଗା ବାଟରେ ଓ ମୋର ଅରିନ୍ଦମଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅଲଗା ରହିଛି। ଅରିନ୍ଦମ ଟିକେଟ ପାଇଲେ ଲଢ଼ିପାରନ୍ତି। ଏପରି କି କୌଣସି ବ୍ୟକ୍ତି ମଧ୍ୟ ନିର୍ବାଚନ ଲଢ଼ିପାରିବେ ବୋଲି ଦେବାଶିଷ କହିଛନ୍ତି। ଅପରପକ୍ଷରେ ଅରିନ୍ଦମ କହିଛନ୍ତି, ମଙ୍ଗଳବାର ଶୋଭାଯାତ୍ରା ମୋର ବ୍ୟକ୍ତିଗତ ଓ ଏକ ଅନୁଷ୍ଠାନକୁ ନେଇ ରହିଥିଲା। ଦଳୀୟ କାର୍ଯ୍ୟକ୍ରମରେ ଡକା ହେଲେ ମୁଁ ଉପସ୍ଥିତ ରହିଥାଏ। ମଙ୍ଗଳବାର ଶୋଭାଯାତ୍ରା ସମ୍ପର୍କରେ ଅବଗତ ନ ଥିଲି। ତେଣୁ ଶୋଭାଯାତ୍ରା ମୁଁ ଉପସ୍ଥିତ ନ ଥିଲି, ଏହାର କାରଣ ଉକ୍ତ ବ୍ୟକ୍ତି ହିଁ କହି ପାରିବେ। କଟକରେ ସମସ୍ତଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଭଲ ଥାଏ। ବିଜେଡିରୁ ଟିକେଟ ମିଳିଲେ ନିଶ୍ଚିତ ନିର୍ବାଚନ ଲଢ଼ିବି। ଜିଲା ସଭାପତି ସମର୍ଥନ କରୁଛନ୍ତି, ପ୍ରଥମେ ଧନ୍ୟବାଦ ଜଣାଇବି। ଯଦି ଟିକେଟ ନ ମିଳେ ତେବେ ତାହା ସମୟ କହିବ ବୋଲି ଅରିନ୍ଦମ କହିଛନ୍ତି।

## ୭ ସଂଯୋଜକ, ସହସଂଯୋଜକ ନିଯୁକ୍ତି ଦେଲା ବିଜେଡି

### ଅଜୟ୍ ନାୟକ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ସଂଯୋଜକ

**ଭୁବନେଶ୍ୱର,୨୪।୧(ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ, ବ୍ଲକ, ମ୍ୟୁନିସିପାଲିଟି, ସଇଁତଳା ବ୍ଲକ, ଗୁଡ୍‌ଭେଲା ବ୍ଲକ ଓ ତୁଷୁରା ଏନ୍‌ଏସି ପାଇଁ ପର୍ଯ୍ୟବେକ୍ଷକ ଏବଂ ସହପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏ ନେଇ ବିଜୁ ଜନତା ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଜୟ କୁମାର ନାୟକଙ୍କୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍ନେହାଞ୍ଜଳି ମହାନ୍ତିଙ୍କୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ, ସି. ଭେଲମନ ନାୟରଙ୍କୁ ଟିଟିଲାଗଡ଼ ବ୍ଲକ ଏବଂ ଶିଶିର ପରିଜାଙ୍କୁ ଟିଟିଲାଗଡ଼ ମ୍ୟୁନିସିପାଲିଟି, ଲୋଟସ ଷଡ଼ଙ୍ଗୀଙ୍କୁ ସଇଁତଳା ବ୍ଲକ, ଅଶୋକ ଜେନାଙ୍କୁ ଗୁଡ୍‌ଭେଲା ବ୍ଲକ ଏବଂ ଚିରାଗ ସିଂଦେଓଙ୍କୁ ତୁଷୁରା ଏନ୍‌ଏସି ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

**Classified Everyday** 0674-2580101, 2549949


REAL ESTATE
SALE

ଭୁବନେଶ୍ୱର ଜଟଣୀ ଗେଟ୍ କିଛି ଦୂରତାରେ 1200 sqft. 3,60,000/-, ଛତାବର bypass sqft-500/-. 9348232008. D-75298

Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350. D-2340

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297


FOR RENT

Rent Esplanade Bhubaneswar Office space 1432sqft., Furnished, Parking. Call- 9776505301. D-2322

MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414. D-2295



HEALTH CARE

Newly open SPA positively health benefits with expert therapist. 9938843929. D-75190

Newly open SPA positively health benefits (Expert therapist). Contact: 9124527170. D-75191

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly health benefited Spa Expert Therapist at Mastercanteen. Contact: 7749034655. D-75193

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Court of Executive Magistrate, Sundargarh, I, Kunti Kerketta, W/o. Dulamani Kerketta, R/o. Village/ P.O.- Giringkela, Dist.- Sundargarh declare that after marriage I have changed my surname from Kunti Pradhan to Kunti Kerketta. Hence my correct name is Kunti Kerketta for all purposes.
D-2351

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରଘୁନାଥ ମହାପାତ୍ର**
(ସାକ୍ଷୀଗୋପାଳଙ୍କ ପୂଜାପଣ୍ଡା)
ସାକ୍ଷୀଗୋପାଳ, ମହାପାତ୍ରସାହି
ଆବିର୍ଭାବ: ୩।୧୧।୧୯୪୪
ତିରୋଧାନ: ୧୫।୧।୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ଝିଅ- ଗୁନ, ପିନା, ଜ୍ୱାଇଁ- ବିନୟ, ପୁତ୍ରପୁତ୍ରବଧୂ- ନାରଣ, ସୁମିତ୍ରା, ନାତିନାତୁଣୀ- ଚନ୍ଦନ, ସୁମନ, କ୍ରିଶ୍, ତୁତୁଲି, ଲଭ୍‌ଲି, ରୋମି, ଓମ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୭୩୪୪୭

**ଶ୍ରଦ୍ଧାଞ୍ଜଳି**



**୰ ସୁଦାମ ଚରଣ ପଟ୍ଟନାୟକ**
(ପଞ୍ଚମ ତିରୋଧାନ ଦିବସ)
ଆବିର୍ଭାବ- ୧୬।୧୦।୧୯୩୦
ତିରୋଧାନ- ୨୫।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ।
ସମସ୍ତ ପରିବାରବର୍ଗ ଓ ବନ୍ଧୁ ବାନ୍ଧବ ।।
ନୟାପଲ୍ଲୀ, ଭୁବନେଶ୍ୱର
ଧ-୬୧୯୫୮

## ବନ୍ଧୁମିଳନ ଆଳରେ ନେତୃତ୍ୱ ପରିବର୍ତ୍ତନ ସ୍ୱର

### ବଡ଼ଚଣା ବିଜେଡି

**ଚଣ୍ଡିଖୋଲ,୨୪।୧(ପ୍ରଦୀପ୍ତ କୁମାର ପୃଷ୍ଟି)**


ବନ୍ଧୁମିଳନରେ ସାମିଲ ହୋଇଥିବା ବିଜେଡିର ପୁରୁଖା କର୍ମୀ।

ଯାଜପୁର ଜିଲା ବଡ଼ଚଣା ବିଜେଡି ପକ୍ଷରୁ ପୁରୁଖା କର୍ମୀମାନେ ବୁଧବାର ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନରେ ଏକ ବନ୍ଧୁମିଳନ କରି ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ନେତୃତ୍ୱ ପରିବର୍ତ୍ତନର ସ୍ୱର ଉଠାଇଛନ୍ତି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂଜାରାଣୀ ବଳ ଓ ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ଧନେଶ୍ୱର ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ସରପଞ୍ଚ ପ୍ରମୋଦ ଜେନା, ସେକ୍ ଅବଦୁଲ ଗନି, ପୁଷ୍ପଲତା ସିଂହ, ଅକ୍ଷୟ ରାଉତରାୟ, ସାଗରିକା ଚୌଧୁରୀ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ନାଥ ଦାଶ, ପୂର୍ବତନ ସମିତିସଭ୍ୟ ପ୍ରତିଭା ଖୁଣ୍ଟିଆ, ବରିଷ୍ଠ ନେତୃମଣ୍ଡଳୀ ନିହାର ରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ମହିଳା ସଭାନେତ୍ରୀ ଦମୟନ୍ତୀ ସାମଲ, ସମିତିସଭ୍ୟ ସ୍ମରଣିକା ବଳ, ଶ୍ରୀକୃଷ୍ଣ ପରିଡ଼ା, ନିରଞ୍ଜନ ମହାନ୍ତି, ରବୀନ୍ଦ୍ର ରାଉତ, ବିଧାନଚନ୍ଦ୍ର ସାମନ୍ତରାୟ ଓ ଭରତ ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ, ବିଜେଡି ପ୍ରତିଷ୍ଠା ସମୟରେ ଯେଉଁମାନେ ବଡ଼ଚଣାରେ ମଙ୍ଗ ଧରିଥିଲେ ଦଳ କ୍ଷମତାରେ ଥାଇ ମଧ୍ୟ ଆଜିର ନେତୃତ୍ୱ ସେମାନଙ୍କୁ ଅଣଦେଖା କରିଛି। ଯେଉଁମାନଙ୍କ ଦଳ ପ୍ରତି ସାମାନ୍ୟ ଧାରଣା ନାହିଁ ସେହିଭଳି ହାତ ଗଣତି ଲୋକଙ୍କୁ ନେଇ ନେତୃତ୍ୱ କାର୍ଯ୍ୟ କରୁଥିବାରୁ ଗତ ନିର୍ବାଚନରେ ଦଳ ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ତେଣୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ନେତୃମଣ୍ଡଳୀମାନେ ପ୍ରକାଶ କରିଥିଲେ। ଯଦି ରାଜ୍ୟ ନେତୃତ୍ୱ ବଡ଼ଚଣାର ନେତୃତ୍ୱ ପରିବର୍ତ୍ତନ ନ କରନ୍ତି ତେବେ ଆସନ୍ତା ନିର୍ବାଚନରେ ଅସହଯୋଗ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଜିଟିର ନିର୍ଦ୍ଦେଶ: ତଦନ୍ତ କରିବେ ୪ ଜଣିଆ କମିଟି

## କଳାପଥର ଖାଦାନରୁ ୨ ଏମ୍‌ଆଇପି ପ୍ରଭାବିତ

■ ଅନୁମତିଠାରୁ ଢେରଗୁଣ ଅଧିକ ଉତ୍ତୋଳନ
■ ଚାଷୀଙ୍କ ପେଟରେ ଲାତ

ଯାଜପୁର,୨୪।୧(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାର ଜଳସେଚନ ଜମିର ପରିମାଣ ବୃଦ୍ଧି କରିବାକୁ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ସମେତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଯାଜପୁର ଜିଲା ପ୍ରଶାସନ କେତେଜଣ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଜିଲାର ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼କୁ ଲାଗିଥିବା ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପିକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ରାହାଡ଼ପୁର ପାହାଡ଼ରେ ବେଆଇନ ଓ ଅନୁମତିଠାରୁ ଢ଼େର ଗୁଣ ଅଧିକ କଳାପଥର ଉତ୍ତୋଳନ ଯୋଗୁ ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପି ସାଙ୍ଗକୁ ଢ଼େଙ୍କାନାଳ ସୀମାନ୍ତ ନିଶ୍ଚିନ୍ତ ନାମକ ଏକ ସଂରକ୍ଷିତ ଜଙ୍ଗଲ ପ୍ରଭାବିତ ହୋଇଛି। ଏହି ମର୍ମରେ ବାବୁଲି ଜେନା ଓ ଅନ୍ୟମାନେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୬/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ କରିଛନ୍ତି। ଉକ୍ତ ମାମଲାକୁ ଗ୍ରହଣ କରି ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୋଗର ସତ୍ୟତା ବାହାର କରିବାକୁ ଏକ ୪ ଜଣିଆ କମିଟି ଗଠନ କରି ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲା ପ୍ରଶାସନ ସମେତ ଲିଜ୍‌ଧାରୀ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ ଲିଃ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରମୁଖଙ୍କୁ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶରେ ଦର୍ଶାଯାଇଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ, ଧର୍ମଶାଳା ତହସିଲ ଅନ୍ତର୍ଗତ ଖାତା ନଂ. ଏସ୍-୨୩୫ ଓ ପ୍ଲଟ ନଂ. ୧(ପି)ରେ ୬ ଏକର ପରିମିତ ଖାଦାନକୁ ୨।୬।୨୦୨୨ରେ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ୍ ଲିଃକୁ ଲିଜ୍ ସୂତ୍ରରେ ଦିଆଯାଇଛି। ଏହାବାଦ ଏଠାରେ ୧୦୪.୭୭ ଏକର ପରିମିତ ୧୨ଟି ଖାଦାନ ଚାଲିଛି। ଏଠାରୁ ନିର୍ଦ୍ଧାରିତ ପରିମାଣଠାରୁ ବହୁଅଧିକ ଗୁଣରେ କଳାପଥର ଉତ୍ତୋଳନ କରାଯାଉଛି। ଏଥିପାଇଁ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଯୋଗୁ ଆଖପାଖ ଜନବସତି ପ୍ରଭାବିତ ହେବା ସହ ଘରକାନ୍ଥଗୁଡ଼ିକ ଫାଟିଯାଉଛି। ଏହାସହ କଳାପଥର ପରିବହନ ଯୋଗୁ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଏଥିପାଇଁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଓଭରଲୋଡିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ପାଇକରାପୁରା ଓ ରାଣୀବନ୍ଧ ଏମ୍‌ଆଇପି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ସମ୍ପୃକ୍ତ ଚାଷୀ ବିଭିନ୍ନ ସମୟରେ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଏମ୍‌ଆଇପିର ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ମର୍ମରେ ଗତ ୩।୧୮।୨୦୧୮ରେ ଧର୍ମଶାଳା ତହସିଲଦାରଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ଯାଜପୁର ଓ ଢେଙ୍କାନାଳ ସୀମାନ୍ତରେ ଥିବା ନିଶ୍ଚିନ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟ କଳାପଥର ଉତ୍ତୋଳନ ଯୋଗୁ ବହୁଳ ମାତ୍ରାରେ ପ୍ରଭାବିତ ହେଉଛି। ପୂର୍ବରୁ ରାହାଡ଼ପୁର ପାହାଡ଼, ନିଶ୍ଚିନ୍ତ ପାହାଡ଼ ଭାବେ ପରିଚିତ ଥିଲା। ଏଭଳି ଭାବେ ପରିବେଶଗତ ଅନୁମତିର ବିଭିନ୍ନ ଚୁକ୍ତିଗୁଡ଼ିକୁ ଲିଜ୍‌ଧାରୀ ଉଲ୍ଲଂଘନ କରୁଥିବାରୁ ୨ ଏମ୍‌ଆଇପି ସମେତ ବହୁ ମୂଲ୍ୟବାନ ଘନ ଜଙ୍ଗଲ ଥିବା ନିଶ୍ଚିନ୍ତ ଏବେ ନିଶ୍ଚିହ୍ନ ହେବାକୁ ବସିଛି ବୋଲି ଅଭିଯୋଗକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଉକ୍ତ ଅଭିଯୋଗକୁ ଏନ୍‌ଜିଟି ପକ୍ଷରୁ ଗ୍ରହଣ କରିବା ସହ ଏସ୍‌ପିସିବିର ଜଣେ ବରିଷ୍ଠ ବୈଜ୍ଞାନିକ, ସିଆର ଜଣେ ବରିଷ୍ଠ ବୈଜ୍ଞାନିକ, ଯାଜପୁର ଖଣି ଉପନିର୍ଦ୍ଦେଶକ ଓ ଯାଜପୁର ଜିଲାପାଳଙ୍କୁ ନେଇ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପିସିବି ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ ଏବଂ କମିଟି ତଦନ୍ତ ରିପୋର୍ଟ ସତ୍ୟପାଠରେ ଦାଖଲ କରିବ। ପରବର୍ତ୍ତୀ ଶୁଣାଣି ୬।୩।୨୦୨୪ରେ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।



ରାଣୀବନ୍ଧ ଏମ୍‌ଆଇପି ନିକଟରେ ବେଆଇନ ଖନନ।

# ଥଣ୍ଡା ବଢ଼ାଇଲା କୋହଲା ପାଗ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ଗତ ୩ ଦିନ ହେବ ରାଜ୍ୟର କେତେକ ଜିଲାରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ କୋହଲା ପବନ ଯୋଗୁ ଉପକୂଳ ଏବଂ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ଶୀତର ପ୍ରକୋପ ବଢ଼ିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୧୭.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ୧୬.୮, ଅନୁଗୋଳ ୧୦, ବାରିପଦା ୧୮.୪, କେନ୍ଦୁଝର ୧୬.୧, ତାଳଚେର ୨୧, ବଲାଙ୍ଗୀର ୧୦.୫, ସୋନପୁର ୧୨.୪, ନୟାଗଡ ୫, ବୌଦ୍ଧ ୧୨, ଭଦ୍ରକ ୫.୨, ଯାଜପୁର ୫.୨, ଢେଙ୍କାନାଳ ୭.୫, ଖୋର୍ଦ୍ଧା ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ଯାଏ ଏଭଳି ବର୍ଷା ଓ ମେଘୁଆ ପାଗ ଲାଗି ରହିବ। ଦିନର ତାପମାତ୍ରା ହ୍ରାସ ପାଇବ। ଏଥିସହିତ ଘନ କୁହୁଡି ମଧ୍ୟ ପାଗକୁ ଆହୁରି ବିଗାଡିବଦେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାଛଡ଼ା ଏକ ନିମ୍ନଚାପ ରେଖା ଆଭ୍ୟନ୍ତରୀଣ କର୍ନାଟକରୁ ଆଭ୍ୟନ୍ତରୀଣ ଓଡ଼ିଶାଯାଏ ଲମ୍ବିଛି।

ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ବର୍ଷା ସହିତ କେତେକ ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ କୁହୁଡ଼ି ଅନୁଭୂତ ହୋଇପାରେ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବ। ସେହିପରି ୨୬ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କଟକ, ଯାଜପୁର, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। କୁହୁଡ଼ି ହେବାକୁ ଥିବା ଜିଲାଗୁଡ଼ିକରେ ସତର୍କତା ଅବଲମ୍ବନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ରାଜପଥଗୁଡ଼ିକରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ପରିବହନ ବିଭାଗକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଆସନ୍ତା ୩୦ ଓ ୩୧ ତାରିଖରେ ମଧ୍ୟ ରାଜ୍ୟର କେତେକ ଜିଲାରେ ସ୍ୱଳ୍ପରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ପଥର ଖଣିରେ ଚଢ଼ାଉ, ୨ ଗିରଫ

ଭୁବନେଶ୍ୱର,୨୪।୧
(ସୂର୍ଯ୍ୟକାନ୍ତ ବେହେରା)

ଜଟଣୀ ତହସିଲ ମୁଣ୍ଡଳ ମୌଜାରେ ଥିବା ସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡା ପଥର କାଟି ଚାଲାଣ କରୁଥିବାବେଳେ ଏୟାରଫିଲ୍ଡ ଥାନା ପୋଲିସ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଜିତେନ୍ଦ୍ର ଦାସ ଓ ଜଗବନ୍ଧୁ ଦାସ। ତେବେ ଚଢାଉ ସମୟରେ ପୋଲିସ ପଥର ବୋଝେଇ ୨ଟି ଟ୍ରକ, ପଥର କଟାରେ ବ୍ୟବହୃତ ପାୱାରଟିଲର ଓ କାର ଜବତ କରିଛି। ତେବେ ପଥର ଖଣିରେ କାମ କରୁଥିବା କେତେଜଣ ଶ୍ରମିକ ପୋଲିସକୁ ଦେଖି ଘଟଣାସ୍ଥଳରୁ ପଳାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଦୁଇ ଅଭିଯୁକ୍ତ।



ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍। (ଫଟୋ- ବିକାଶ ନାୟକ)

# ସାଧାରଣତନ୍ତ୍ର ଦିବସ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଫୁଲ୍‌ଡ୍ରେସ୍ ପରେଡ୍ ଅଭ୍ୟାସ ସରିଲା**

■ ନିରୀକ୍ଷଣ କଲେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ
■ ରାଜଧାନୀରେ ୩୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୨୪।୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସହରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ବୁଧବାର ଫୁଲ୍‌ଡ୍ରେସ୍ ପରେଡ୍ କରାଯାଇଥିଲା। ସକାଳେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଯୋଗଦେଇ ଏହାକୁ ନିରୀକ୍ଷଣ କରିଥିଲେ। ତେବେ ଏଥର ପରେଡର ନେତୃତ୍ୱ ନେଇଛନ୍ତି ଆଇପିଏସ୍ ଅଫିସର ଏ.ବି. ଶିଲ୍ପା। ପରେଡ୍‌ରେ ୬୪ଟି ଗ୍ରୁପ୍ (କଣ୍ଟିଜେଣ୍ଟ) ଅଂଶଗ୍ରହଣ କରିବେ। ସେହିପରି ଏହି ଉତ୍ସବରେ ଝାଡଖଣ୍ଡ ପୋଲିସ ମଧ୍ୟ ଯୋଗଦେବ। ଆର୍ମି, ନ୍ୟାଭି, ପୋଲିସର ବିଭିନ୍ନ ୱିଙ୍ଗ୍, ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଗ୍ରୁପ୍‌ର ଚିତ୍ତାକର୍ଷକ ପରେଡ୍ ଦେଖିବାକୁ ମିଳିବ। ଏସବୁ ଗ୍ରୁପ୍ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବାଘନାଚ, ମୟୂର ନାଚ ଆଦି ଗ୍ରୁପ୍‌ର ଅଭ୍ୟାସ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡେୟାରଡେଭିଲ ବାଇକ ଶୋ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିଥିଲା। ଏହି ଶୋ'ରେ ୩୫ଜଣ ବାଳକ ଓ ୩୦ଜଣ ବାଳିକା ଭାଗ ନେଇଥିଲେ। ଅପରପକ୍ଷେ କଣ୍ଟିଜେଣ୍ଟ ମଧ୍ୟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ (ସପ୍ତମ ବାଟାଲିଅନ), ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ (ଏସ୍‌ଏସ୍‌ବି), ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି), ସିଆର୍‌ପିଏଫ୍, ଅଗ୍ନିଶମ ଏବଂ ଓଡ୍ରାଫ୍, ଆର୍ମି, ନ୍ୟାଭି ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଗ୍ରୁପ୍ ରହିଛି। ଏନେଇ ପୋଲିସ ଡିଜି କହିଛନ୍ତି, ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହ ପାଳନ କରିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୦ ପ୍ଲାଟୁନ ଫୋର୍ସ ଓ ୨୦୦ ଜଣରୁ ଉର୍ଦ୍ଧ୍ୱ ଅଧିକାରୀଙ୍କୁ ନିୟୋଜିତ କରାଯିବ। ତେବେ ପରେଡ ସମୟରେ ମହାତ୍ମାଗାନ୍ଧୀ ମାର୍ଗ ଓ ଏହାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସର୍ବସାଧାରଣଙ୍କ ଯାତାୟାତ ପାଇଁ ବନ୍ଦ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଡାହାମିଛ କହୁଛନ୍ତି ବିଜୟ ପଟ୍ଟନାୟକ: ବିଜେଡି

## ସଡ଼କ ପଥରେ ଆଦୌ ଯାଇ ନ ଥିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ଗଜପତି ଜିଲାରେ ସଡ଼କ ଦୁର୍ଘଟଣା ନେଇ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଗଣମାଧ୍ୟମ ସାମ୍ନାରେ ଯେଉଁ ତଥ୍ୟ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ଡାହାମିଛ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ଗଜପତି ଜିଲାରେ ସୁରକ୍ଷାକର୍ମୀଙ୍କ ଗାଡ଼ି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଖବର ଶୁଣି ଅତ୍ୟନ୍ତ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏଭଳି ସମୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ନୂଆ ନୂଆ ନେତା ହୋଇଥିବା ବିଜୟ ପଟ୍ଟନାୟକଙ୍କର ମନ୍ତବ୍ୟ ଆଶ୍ଚର୍ଯ୍ୟ କରିଛି। ହଜାର ହଜାର ସଂଖ୍ୟାରେ ଗଜପତିବାସୀ ଦେଖିଛନ୍ତି ୫-ଟି ଅଧ୍ୟକ୍ଷ ଗଜପତିକୁ ହେଲିକପ୍ଟରରେ ଆସିଥିଲେ। ଆଉ ୨ଟା ୧୫ରେ ହେଲିକପ୍ଟରରେ ଭୁବନେଶ୍ୱର ଫେରିଥିଲେ। ଦୁର୍ଘଟଣା ପ୍ରାୟ ୨ଟା ୪୫ରେ ଘଟିଛି। ବିଜୟ ପଟ୍ଟନାୟକ ଯେଉଁ ଦୁର୍ଘଟଣାର ଅବତାରଣା କରିଛନ୍ତି ତାହା ଏକ ସୁରକ୍ଷାକର୍ମୀଙ୍କ ଗାଡ଼ି ଦ୍ୱାରା ହୋଇଛି, ଯାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ହେଲେ ଏହାକୁ ନେଇ ଆପଣଙ୍କ ଭଳି ଲୋକ ଯେଉଁ ବୟାନ ଦେଇଛନ୍ତି ଲଜ୍ଜା ଲାଗିବା କଥା। ଗଜପତିବାସୀ ଧୀରେ ଧୀରେ ଆପଣଙ୍କ ଅସଲ ଚରିତ୍ର ଓ ଦୁଇ ପ୍ରକାର ଆଭିମୁଖ୍ୟକୁ ଜାଣିଗଲେଣି ବୋଲି ଈପ୍ସିତା କହିଛନ୍ତି।

# ମନଗଢ଼ା ପ୍ରେସ୍ ରିଲିଜ ଜରିଆରେ ବିଭ୍ରାନ୍ତ କରୁଛନ୍ତି ଧର୍ମେନ୍ଦ୍ର: ସସ୍ମିତ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ମନଗଢ଼ା ପ୍ରେସ୍ ରିଲିଜ ଜରିଆରେ ଶିକ୍ଷକ ନିଯୁକ୍ତି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭ୍ରାନ୍ତ କରୁଛନ୍ତି। ଏଭଳି ଘଟଣାରୁ ତାଙ୍କର ରାଜନୈତିକ ଫାଇଦା ଉଠାଇବାର ମାନସିକତା ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ବିଜେଡି ଏମ୍‌ପି ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଟୁଇଟ୍ କରି ସେ କହିଛନ୍ତି, ଭାରତ ସରକାରଙ୍କ ଅଧୀନରେ ଥିବା ମିନିରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥା ଇଡିସିଆଇଏଲ(ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ସବୁ କିଛି ସ୍ପଷ୍ଟ କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଟୁଇଟ୍ ଏହାକୁ ଭଲ ଭାବେ ସ୍ପଷ୍ଟ କରିଛି। ତେବେ ଏକ ଅନୌପଚାରିକ, ଦସ୍ତଖତବିହୀନ ଓଡ଼ିଆ ପ୍ରେସ୍ ରିଲିଜ୍(ସମ୍ଭବତଃ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଇଟି ସେଲ୍) ଦ୍ୱାରା ସତ୍ୟକୁ ବିଭ୍ରାନ୍ତ ଓ ମିଥ୍ୟା ପ୍ରମାଣିତ କରିବା ପାଇଁ ଭୁଲ ଭାବେ ପ୍ରସାରିତ କରାଯାଇଛି। ଶିକ୍ଷକ ନିଯୁକ୍ତି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ଏବଂ ମିଥ୍ୟା ଖବରକୁ ସମ୍ବେଦନଶୀଳ କରିବା ଆଶ୍ଚର୍ଯ୍ୟଜନକ। ଏହା ଯେକୌଣସି ଉପାୟରେ ରାଜନୈତିକ ଫାଇଦା ଉଠାଇବାର ମାନସିକତାକୁ ଦର୍ଶାଉଛି ବୋଲି ସସ୍ମିତ କହିଛନ୍ତି।

# ତଥ୍ୟ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

**ଶ୍ରୀମନ୍ଦିର ପରିଚାଳନା କମିଟିକୁ ଜମି କିଣାବିକା କ୍ଷମତା ପ୍ରଦାନ ବିରୋଧରେ ମାମଲା**

କଟକ,୨୪।୧ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ପରିଚାଳନା କମିଟିକୁ ରାଜ୍ୟ ସରକାର ନୂତନ ଆଇନ ବଳରେ ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା କ୍ଷମତା ପ୍ରଦାନ କରିଛନ୍ତି। ଏହାକୁ ବିରୋଧ କରି ଆଗତ ମାମଲାରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ସତ୍ୟପାଠରେ ତଥ୍ୟ ଦେଇ ନ ଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହାଇକୋର୍ଟ ଏନେଇ ଜବାବ ତଲବ କରିବା ପାଇଁ ଆଉ କିଛି ସମୟ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ହାଇକୋର୍ଟ ଅଧିକ ଦିନ ସମୟ ମଞ୍ଜୁର କରି ସବିଶେଷ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଶ୍ରୀମନ୍ଦିର ଆଇନରେ ରହିଛି ରାଜ୍ୟ ସରକାରଙ୍କ ଅନୁମତି ବିନା ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା କରିପାରିବ ନାହିଁ। ହେଲେ ରାଜ୍ୟ ସରକାର ୨୦୨୨ କୋଭିଡ୍ ସମୟରେ ଉକ୍ତ ଆଇନରେ ସଂଶୋଧନ କରାଇଛନ୍ତି। ସଂଶୋଧିତ ଆଇନ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା ପାଇଁ ଆଉ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟିକୁ ଏନେଇ କ୍ଷମତା ପ୍ରଦାନ କରାଯାଇଛି। ଉକ୍ତ କମିଟି ନୂତନ କ୍ଷମତା ବଳରେ ଜମି କିଣାବିକା କରିପାରିବ। ଏହି ସଂଶୋଧିତ ଆଇନ ବିରୋଧରେ ସାମାଜିକ କର୍ମୀ ଦିଲ୍ଲୀପ ବରାଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ୨୦୨୨ ମାର୍ଚ୍ଚ ୧୫ ତାରିଖରେ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଆଇନ କାର୍ଯ୍ୟକାରୀ ହେବା ପରଠାରୁ କ'ଣ ସବୁ ଜମି କେଉଁଠାରେ କିଣାବିକା ହୋଇଛି, ତାହାର ଏକ ତାଲିକା ସତ୍ୟପାଠ ଆକାରରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ସେଭଳି ତଥ୍ୟ ପ୍ରଦାନ କରି ନ ଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ବୁଧବାର ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପିଲାମାନେ ହେବେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସୂତ୍ରଧର: ମୁଖ୍ୟମନ୍ତ୍ରୀ

**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**

■ ଚତୁର୍ଥ ଦିବସରେ ୬ ଜିଲାର ୨୮୬ ସ୍କୁଲ ଲୋକାର୍ପିତ
■ ପୂର୍ବରୁ ୩ଟି ପର୍ଯ୍ୟାୟରେ ଲୋକାର୍ପିତ ହୋଇଛି ୬୮୮୩ ସ୍କୁଲ
■ ପିଲାମାନଙ୍କ ବଡ଼ ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଖୋର୍ଦ୍ଧା, ସୁବର୍ଣ୍ଣପୁର, ପୁରୀ, ନୟାଗଡ଼, ବୌଦ୍ଧ ଓ ନବରଙ୍ଗପୁର ଆଦି ୬ଟି ଜିଲାର ୨୮୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାର ୮୦ଟି ହାଇସ୍କୁଲ, ସୁବର୍ଣ୍ଣପୁରର ୧୪, ପୁରୀର ୫୩, ନୟାଗଡ଼ର ୭୫, ବୌଦ୍ଧର ୧୦ ଓ ନବରଙ୍ଗପୁରର ୫୪ ହାଇସ୍କୁଲ ଅନ୍ତର୍ଭୁକ୍ତ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥି ହେବେ ବୋଲି ସେ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ସ୍କୁଲ, କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ, ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ୫-ଟିର ଗୁରୁତ୍ୱ ବୁଝାଇଛନ୍ତି। ସେ କହିଛନ୍ତି ଯେ ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବେ। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରିର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟର ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତକୁ ନେଇ ଯେଉଁସବୁ ସ୍ୱପ୍ନ ଦେଖିଛନ୍ତି, ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି। ଏହି ରୂପାନ୍ତରିତ ସ୍କୁଲଗୁଡ଼ିକ ହେଉଛି ରାଜ୍ୟବାସୀଙ୍କ ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୁରୀରେ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୌଦ୍ଧରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନବରଙ୍ଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝି, ଖୋର୍ଦ୍ଧାରେ ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ନୟାଗଡ଼ରେ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।



# ଗୁରୁଜୀ ନମସ୍କାର

ନୂଆ ସିନେମା



'ଗୁରୁଙ୍କ ବିନା ଜୀବନରେ କିଛି ସମ୍ଭବ ନୁହେଁ। ଅତୀତରେ ଗୁରୁମାନଙ୍କର ସ୍ଥାନ ବେଶ୍ ଉଚ୍ଚରେ ଥିଲା। ଛାତ୍ର ଜୀବନର ଅନେକ ଅଭୁଲା କଥାକୁ ନେଇ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଗୁରୁଜୀ ନମସ୍କାର'। ନିକଟରେ ଏହାର ଶୀର୍ଷକ ଘୋଷଣା ହୋଇଛି। ଗ୍ରାମୀଣ ସ୍ଥିତିରେ ଜଣେ ଉତ୍ସର୍ଗୀକୃତ ଶିକ୍ଷକଙ୍କ କାହାଣୀ, ସୃଜନଶୀଳତା, ପାରିବାରିକ ପୃଷ୍ଠପୋଷକତା ଏବଂ ବ୍ୟକ୍ତିଗତ ବଳିଦାନକୁ ନେଇ ଏହାର କାହାଣୀ ଗତିଶୀଳ। ଶିକ୍ଷାରେ ପରିବର୍ତ୍ତନ ଆଣିବାକୁ ଏହି ଶିକ୍ଷକ କିପରି ବ୍ରତ ଭାବେ ଗ୍ରହଣ କରିଛନ୍ତି ଏବଂ ତାହାର ଫଳାଫଳ କ'ଣ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଅଣ୍ଡରଗ୍ରାଉସ ପ୍ରଡକ୍ସନ ଏବଂ ଏଲ୍‌ଆଇଏମ୍‌ଇଏଲ୍‌୧୮ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ସଙ୍କେତ ତ୍ରିପାଠୀ ଏହାର ପ୍ରଯୋଜନା କରିବା ସହ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିବେ ଜିତେନ୍ଦ୍ରିୟ ପ୍ରଧାନ। ଏହାର କ୍ରିଏଟିଭ୍ ପ୍ରଯୋଜକ ଅଛନ୍ତି ସର୍ବେଶ୍ୱର ସୂତାର। ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଦେଇଛନ୍ତି ଅଶୋକ କୁମାର ଏବଂ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହାର ସହ ପ୍ରଯୋଜନା କରିଛନ୍ତି ଇଲା ମିଶ୍ର।

# ଶେଷ ହେଲା ଅପେକ୍ଷା


ଶୁଭାଶିଷ

କଥାରେ ଅଛି, ଅପେକ୍ଷାର ଫଳ ମିଠା। ଦେଖୁନାହାନ୍ତି, ସିନେମାଟିକୁ ରିଲିଜ୍ କରିବାକୁ ମନଲାଖି ତାରିଖଟିଏ ଖୋଜାଯାଉଥିଲା। ବିକ୍ରମ ଶଙ୍କରଙ୍କ ପ୍ରଯୋଜିତ 'ଶାନ୍ତି ଆପାର୍ଟମେଣ୍ଟ' ଫିଲ୍ମଟି ଫେବୃଆରୀ ୨ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅଭିଜିତ୍। ଫିଲ୍ମଟିର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ଅଶ୍ୱିନୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ପଣ୍ଡା। ଏହାର ବିଭିନ୍ନ ଭୂମିକାରେ ଦ୍ୱୀପନ୍ୱିତ ମହାପାତ୍ର, ଶୁଭାଶିଷ ଶର୍ମା ଓରଫ ମଣ୍ଟୁ, ରାଗିଣୀ, ଆଲିଆ, ବରଦା, ଶନ୍ତୁ ପ୍ରସନ୍ନଜିତ୍, ଶକ୍ତି, ରାକ୍ଷୀ, ଅନୁଷ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ କି ମସଲା ଅଛି ତାହା ରିଲିଜ୍ ପରେ ଜଣାପଡ଼ିବ।

ପରଦାରେ..


'ଫାଇଟର' ଫିଲ୍ମରେ 'ଦୀପିକା, ହ୍ରିତିକ୍, ଅନିଲ

# ଫାଇଟର

ଚଳିତବର୍ଷର ଅନ୍ୟତମ ଚର୍ଚ୍ଚିତ ସିନେମା 'ଫାଇଟର' ଆଜି ପରଦା ଉପରକୁ ଆସୁଛି। ଫିଲ୍ମଟିକୁ ନେଇ କେବଳ ଏହାର ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ହ୍ରିତିକ୍ ରୋଶନ ଏବଂ ଦୀପିକା ପାଦୁକୋନ୍ ମଧ୍ୟ ବେଶ୍ ଆଶାବାନ୍ଧି ବସିଛନ୍ତି। ଚିତ୍ରଟିର କାହାଣୀ ଆକ୍ସନଭିତ୍ତିକ ଏବଂ ଦର୍ଶକ ଏଥିରୁ ଭରପୂର ମନୋରଞ୍ଜନ ପାଇବେ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। ଫିଲ୍ମଟିକୁ 'ୟୁ/ଏ' ସାର୍ଟିଫିକେଟ୍ ମିଳିଛି। ଫିଲ୍ମଟିର କାହାଣୀ ରଚନା କରିଛନ୍ତି ସିଦ୍ଧାର୍ଥ ଆନନ୍ଦ, ରମଣ ଛିବି ଏବଂ ଆବାସ ଦଲାଲ୍। ଫିଲ୍ମ ବିଷୟରେ ହ୍ରିତିକ୍ କହନ୍ତି, 'ଏହାର କାହାଣୀ ବେଶ୍ ଦମ୍‌ଦାର। ଏଥିରେ ଭରପୂର ଆକ୍ସନ ରହିଛି। ଏହି ଫିଲ୍ମରେ ଅଭିନୟ କରିଥିବା କଳାକାରମାନେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଉକ୍ତ ସିନେମାରେ ହ୍ରିତିକ୍ ଏବଂ ଦୀପିକାଙ୍କ ବ୍ୟତୀତ ଅନିଲ କପୁର, କରନ୍ ସିଂ ଗ୍ରୋଭର, ଅକ୍ଷୟ ଓବରୟ, ଆମୀର ନାୟକ ଏବଂ ସଞ୍ଜୀବ ଚୋପ୍ରା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ 'ଫାଇଟର'ରେ କି ମସଲା ରହିଛି ତାହା ଅଳ୍ପଦିନ ମଧ୍ୟରେ ଜଣାପଡ଼ିଯିବ।

# ଅଧୁରା ରହିଗଲା ଆଶା

ବୋନି ତନୟା ଜାହ୍ନବୀ କପୁର ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା। 'ଧଡକ୍' ଫିଲ୍ମରୁ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କ ମା' ଶ୍ରୀଦେବୀଙ୍କର ଏକ ଆଶା ଥିଲା। ସେ ଚାହୁଁଥିଲେ, ମୋ ଝିଅ ପାଠପଢ଼ି ଡାକ୍ତର ହେଉ। ହେଲେ ବିଧିର ବିଧାନ ଥିଲା ଅଲଗା। ପରବର୍ତ୍ତୀ ସମୟରେ ସେ ଅଭିନୟକୁ କ୍ୟାରିୟର ଭାବେ ଗ୍ରହଣ କରିଛନ୍ତି। ଏ ନେଇ ଜାହ୍ନବୀ କୁହନ୍ତି, 'ଯେତେବେଳେ ମୁଁ ପଢୁଥିଲି ସେତେବେଳେ ମମି ମୋତେ ସବୁବେଳେ କହୁଥିଲେ-ତୁ ଭଲ ପାଠ ପଢ଼, ଆଉ ଡାକ୍ତର ହେବାକୁ ଚେଷ୍ଟାକର। କିନ୍ତୁ ପାଠପଢ଼ା ଶେଷହେବା ପରେ ତାଙ୍କର ସେହି ଆଶାକୁ ମୁଁ ପୂରଣ କରିପାରିଲି ନାହିଁ। ସତେଯେମିତି ଆକ୍ଟିଂ ମୋତେ ହାତଠାରି ଡାକୁଥିଲା। ଶେଷରେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସ୍ଥିରକଲି। ଆଉ ମୋର ଏହି ଆଶାକୁ ଉଭୟ ମମି ଏବଂ ପାପା ସମର୍ଥନ କରିଥିଲେ।' ସ୍କୁଲରେ ପଢ଼ିବା ସମୟରେ ଜାହ୍ନବୀ ନିଜ ପାଣି ବୋତଲ ଉପରେ ଏକ ନିକ୍ ନେମ୍ ଲେଖିଥିଲେ। ତାହା ଥିଲା 'ଚୁସ୍‌କି'। ପ୍ରତିଦିନ ସକାଳୁ ସେ ଏକ ଗ୍ଲାସ୍ ଲସି ପିଅନ୍ତି। ସବୁଠାରୁ ଖାସ୍‌କଥା ହେଲା, ସମୟ ମିଳିଲେ ସେ କ'ଣ କରନ୍ତି ଜାଣନ୍ତି? ନିଜ ମନରେ ଉଙ୍କି ମାରିଥିବା ଭାବନାଗୁଡ଼ିକୁ ସେ କବିତାରେ ରୂପାନ୍ତରିତ କରିଥାଆନ୍ତି।


ଜାହ୍ନବୀ

# 'ତେଜାବ୍' ହିଟ୍ ହୋଇ ନ ଥିଲେ...

ଥରେ ମନେପକାନ୍ତୁ ନା ସେହି ଶ୍ରୋତାଦୃତ ତଥା ଅଲ୍ ଟାଇମ୍ ହିଟ୍ ଗୀତ 'ଏକ୍ ଦୋ ତିନ୍'କୁ। ଏହି ଗୀତଟି ମାଧୁରୀ ଦୀକ୍ଷିତଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା। ଫିଲ୍ମଟି ଥିଲା ଏନ୍. ଚନ୍ଦ୍ରାଙ୍କ 'ତେଜାବ୍'। ବକ୍ସ ଅଫିସରେ ଚିତ୍ରଟି ସୁପର ଡୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ୧୯୮୮ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟି ବଲିଉଡ୍‌ରେ ମାଧୁରୀଙ୍କ ଭାଗ୍ୟ ଖୋଲିଦେଇଥିଲା। ଏହାପୂର୍ବରୁ ୧୯୮୪ରେ 'ଅବୋଧ'ରୁ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିଥିଲେ। ଏ ନେଇ ମାଧୁରୀ କହନ୍ତି ; 'ମୁଁ କଦାପି ଭାବି ନ ଥିଲି ଯେ, ଦିନେ ଅଭିନୟକୁ କ୍ୟାରିୟର କରିବି। କିନ୍ତୁ ମୋ ଅଭିନୀତ 'ତେଜାବ୍'କୁ ଦର୍ଶକେ ଯେପରି ଗ୍ରହଣ କଲେ ତା'ପରେ ସ୍ଥିରକଲି ଯେ ଆକ୍ଟିଂ ହିଁ ଦିନେ ନା ଦିନେ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେବ। ଯଦି ଏହି ଫିଲ୍ମ ଫ୍ଲପ୍ ହୋଇଥାଆନ୍ତା ତେବେ ହୁଏତ ଆଜି ମୁଁ ବଲିଉଡ୍‌ରେ ନ ଥାନ୍ତି।' ସମୟ ଥିଲା ବଲିଉଡ୍‌ରେ ରାଜ୍ କରୁଥିଲେ ମାଧୁରୀ। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ରାମ୍ ଲକ୍ଷନ୍', 'ମୁଜରିମ୍', 'ଦିଲ୍', 'ସାଜନ୍', 'ପ୍ରହାର', 'ବେଟା', 'ଖଲନାୟକ', 'ହମ୍ ଆପ୍‌କେ ହେ କୌନ', 'ରାଜା', 'ୟାରାନ୍', 'ମୃତ୍ୟୁଦଣ୍ଡ', 'ଦିଲ୍ ତୋ ପାଗଲ ହେ' ଏବଂ 'ଦେବ୍‌ଦାସ'।


ମାଧୁରୀ

ମୋ କଥା ପୁନମ୍

# ପରିଶ୍ରମର ମୂଲ୍ୟ ମିଳିଛି



ପିଲାଟିଦିନରୁ ମନରେ ତାଙ୍କର ଜଣେ ଗାୟିକା ହେବାକୁ ଆଶା ରହିଥିଲା। ପରବର୍ତ୍ତୀ ସମୟରେ ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେ ନିଜକୁ ଜଣେ କଣ୍ଠଶିଳ୍ପୀ ଭାବରେ ସାବ୍ୟସ୍ତ କରି ସାଉଣ୍ଟି ଚାଲିଛନ୍ତି ପ୍ରଶଂସା। ଏହି ଗାୟିକା ଜଣଙ୍କ ହେଉଛନ୍ତି ପୁନମ୍। ବେଶ୍ କେତୋଟି ଆଲବମ୍ ପାଇଁ ଗୀତ ଗାଇସାରିବା ପରେ ତାଙ୍କୁ ଓଡ଼ିଆ ସିନେମାରେ ସୁଯୋଗ ମିଳିଥିଲା। ଆଉ ସେଭଳି ଚାନ୍ସକୁ ସେ ହାତଛଡ଼ା କରି ନ ଥିଲେ। ଏ ନେଇ ସେ କୁହନ୍ତି, 'ଗୀତ ଗାଇବା ଏବଂ ତାହା ପୁଣି ଶ୍ରୋତାଦୃତ ହେବା ଦୁଇଟି ଅଲଗା କଥା। ଏଥିପାଇଁ ପରିଶ୍ରମ ଏବଂ ଏକାଗ୍ରତାର ଆବଶ୍ୟକତା ରହିଛି। ମୋତେ ପଛକୁ ପଛ ତିନୋଟି ଓଡ଼ିଆ ସିନେମାରେ କଣ୍ଠଦାନ କରିବାର ସୁଯୋଗ ମିଳିଛି। ଏହି ଦାୟିତ୍ୱକୁ ମୁଁ ଠିକ୍‌ଭାବରେ ତୁଲାଇଛି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ମୁଁ ଗାଇଥିବା ଆଲବମ୍‌ଗୁଡ଼ିକୁ ଶ୍ରୋତା ଗ୍ରହଣ କରିଛନ୍ତି। ତେଣୁ ମୁଁ ଦୃଢ଼ ସ୍ୱରରେ କହିବି ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଏହାଦ୍ୱାରା ସଙ୍ଗୀତକୁ କ୍ୟାରିୟର କରିବାର ଆଶା ମୋର ଦ୍ୱିଗୁଣିତ ହୋଇଛି।' ଏସ୍‌ଡି ଫିଲ୍ମସ ବ୍ୟାନରରେ ନିର୍ମିତ ହେଉଥିବା ଓଡ଼ିଆ ସିନେମା 'ଏକଲବ୍ୟ'ର ଟାଇଟଲ ଗୀତ ଗାଇଛନ୍ତି ସେ। ଏହାବ୍ୟତୀତ ପ୍ରସ୍ତୁତ ହେଉଥିବା ନୂଆ ଓଡ଼ିଆ ସିନେମା 'ବିଗୁଲ୍-୨' ଏବଂ 'ଶ୍ରଦ୍ଧାଞ୍ଜଳି:ଏକ ପ୍ରେମ କାହାଣୀ' ପାଇଁ ମଧ୍ୟ କଣ୍ଠଦାନ କରିଛନ୍ତି ଏହି ଗାୟିକା। ଓଡ଼ିଆ ଆଲବମ୍ 'ଚକା ଚକା ଭଉଁରୀ', 'ରଙ୍ଗବତୀ କନକଲତା' ଏବଂ 'ସଞ୍ଜୀବନୀ' ବାଲେଶ୍ୱରରେ ଜନ୍ମିତା ସ୍ୱର୍ଣ୍ଣଲତା ଓରଫ ପୁନମ୍‌ଙ୍କ ଗାୟିକା କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।

# ପ୍ରେମର ନୂଆ ଫର୍ମୁଲା

ପ୍ରେମ କେତେବେଳେ ଆଉ କେମିତି ହୁଏ ତାହା ଆକଳନ କରିବା କଷ୍ଟକର। ବେଳେବେଳେ ପ୍ରଥମ ଦେଖାରେ ହିଁ ମନରେ ମନ ମିଶିଯାଏ। ହେଲେ ମନଲାଖି ପ୍ରେମିକା ହେଉ ଅବା ପ୍ରେମିକଟିଏ ଖୋଜିପାଇବା ହୁଏତ ଏତେ ସହଜ ନୁହେଁ। ତେବେ ପ୍ରେମର ଭିତିରି କଥାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି ରିଲିଜ୍ ଅପେକ୍ଷାରେ ଥିବା ନୂଆ ସିନେମା 'ଆସିକ୍ ସରେଣ୍ଡର ହେଲା'ରେ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ। ଅନ୍ୟପକ୍ଷେ ଫିଲ୍ମଟିର କାହାଣୀ, ଉପସ୍ଥାପନା ଏବଂ ସଙ୍ଗୀତ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ରାଜା ଡି। ଏଥିରେ ଥିବା ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ। ଫିଲ୍ମର ନାୟକ ସାଜିଛନ୍ତି ସମ୍ଭବ ମାନସିଂ ଏବଂ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଜୟା ବିଶ୍ୱାସ। ଏମାନଙ୍କ ବ୍ୟତୀତ ଏହାର ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ମନୋଜ ମିଶ୍ର, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ, ପ୍ରତିଭା ପଣ୍ଡା, ପିୟାଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମଟି ଆସନ୍ତା ମାସ ୯ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଆସିକ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା

# ବାଜ୍‌ବଲ୍‌କୁ ହରାଇବା ଲକ୍ଷ୍ୟରେ ଭାରତୀୟ ସ୍ପିନର

ହାଇଦ୍ରାବାଦ,୨୪।୧(ପି.ଟି.)

ଘରୋଇ ମାଟିରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ। ବିଗତ ୧୨ ବର୍ଷ ମଧ୍ୟରେ ଏହା କୌଣସି ଘରୋଇ ସିରିଜରେ ପରାଜିତ ହୋଇନାହିଁ। ଇଂଲଣ୍ଡ ନିଜର ଚିରାଚରିତ ବାଜ୍‌ବଲ୍ ଉପରେ ଭରସା କରିଥିବା ବେଳେ ଭାରତ ଏହାର ସ୍ପିନରଙ୍କ ଭରସାରେ ରହିଛି। ଶେଷ ଥର ପାଇଁ ଭାରତ ୨୦୧୨ରେ ଘରୋଇ ମାଟିରେ ଏକ ଟେଷ୍ଟ ସିରିଜ୍

**ଆଜି ପ୍ରଥମ ଟେଷ୍ଟ**

ମ୍ୟାଚ୍ ସ୍ଥାନ: ହାଇଦ୍ରାବାଦ
ସମୟ: ସକାଳ ୯.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ହାରିଥିଲା। ଇତିମଧ୍ୟରେ ଭାରତ ୧୬ଟି ସିରିଜ୍ ଘରୋଇ ମାଟିରେ ବିଜୟୀ ହୋଇଥିବା ବେଳେ ଏଥିରୁ ୭ଟି କ୍ଲିନ୍‌ସୁଇପ୍ କରିଛି। ୧୨ ବର୍ଷ ମଧ୍ୟରେ ଭାରତ ୪୪ଟେଷ୍ଟ ଖେଳିଥିବା ବେଳେ ଏଥିରୁ ମାତ୍ର ୩ ମ୍ୟାଚରେ ପରାଜିତ ହୋଇଛି। ଘରୋଇ ମାଟିରେ ଏଭଳି ପ୍ରଦର୍ଶନ ୮୦ ଦଶକର ୱେଷ୍ଟଇଣ୍ଡିଜ୍ ଓ ଅଷ୍ଟ୍ରେଲିଆ ନିକଟରେ ଦେଖିବାକୁ ମିଳିଥାଏ। ଭାରତର ଏହି ପ୍ରଦର୍ଶନର ଶ୍ରେୟ ଏକାଧିକ ଘଟଣା ଉପରେ ନିର୍ଭର କରିଥାଏ। ତେବେ ଏଥିରେ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ ଇଂଲଣ୍ଡ ବାଜ୍‌ବଲ୍ କ୍ରିକେଟ ଖେଳୁଛି। ପରିସ୍ଥିତି ଯାହାବି ଥାଉ ନା କାହିଁକି ଦଳ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ଉପରେ ଗୁରୁତ୍ୱ ଦେଉଛି। ଏଭଳି ପରିସ୍ଥିତିରେ ଗୁରୁବାର ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡକୁ ରୋକିବା ପାଇଁ ଭାରତ ଏହାର ଦୁଇ ସ୍ପିନରଙ୍କ ଉପରେ ନିର୍ଭର କରିବ। ଏହି ସମୟ ମଧ୍ୟରେ ଅଶ୍ୱିନ ୪୬ ଟେଷ୍ଟରୁ ୨୮୩ ଉଇକେଟ ନେଇଥିବା ବେଳେ ଜାଡେଜା ୩୯ ଟେଷ୍ଟରୁ ୧୯୧ ଉଇକେଟ ନେଇଛନ୍ତି। ଉଭୟ ମିଳିତ ଭାବରେ ୨୧ ଆଭରେଜରେ ୫୦୦ ଉଇକେଟ ନେଇଛନ୍ତି। ସେହିପରି ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ତୃତୀୟ ସ୍ପିନର ଭାବେ ଖେଳିପାରନ୍ତି।

ଭାରତୀୟ ଉପ ମହାଦେଶର ପିଚ୍ ଇଂଲଣ୍ଡ ଖେଳାଳିଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ତେବେ ବିରାଟ କୋହଲିଙ୍କ ଅନୁପସ୍ଥିତି ଇଂଲଣ୍ଡ ପାଇଁ ଏକମାତ୍ର ଆଶ୍ୱସ୍ତିକର ଖବର ରହିଛି। ୨୮ ମ୍ୟାଚ୍‌ରୁ କୋହଲି ୧୯୯୧ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫ ଶତକ ଓ ୯ ଅର୍ଦ୍ଧଶତକ ସାମିଲ ରହିଛି। କୋହଲିଙ୍କ ଅନୁପସ୍ଥିତିରେ ବିକଳ୍ପ ଖେଳାଳି ଭାବରେ ରଜତ ପଟିଦାର ଦଳରେ ସାମିଲ ହୋଇଥିଲେ ମଧ୍ୟ ତାଙ୍କର ଖେଳିବା ସମ୍ଭାବନା କମ୍। ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ଶ୍ରୀକର ଭରତ ମଧ୍ୟକ୍ରମରେ ଭାରତୀୟ ବ୍ୟାଟିଂ ଭାର ସମ୍ଭାଳି ପାରନ୍ତି। ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଓପନ କରିବାକୁ ଥିବା ବେଳେ ଶୁବମନ ଗିଲ୍ ଓପନର ଦାୟିତ୍ୱରେ ନଜର ଆସିବେ। ସେହିଭଳି ପେସ୍ ବୋଲିଂ ଭାର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ କାନ୍ଧରେ ରହିବ। ଇଂଲଣ୍ଡ ବୋଲିଂ ଆକ୍ରମଣରେ ମାର୍କ ଉଡ୍ ଏକମାତ୍ର ନାମୀ ପେସର ରହିଥିବା ବେଳେ ଦଳ ୩ ସ୍ପିନରଙ୍କ ସହ ଓହ୍ଲାଇପାରେ। ସେହିପରି ବ୍ୟାଟିଂରେ ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସଙ୍କ ଉପରେ ନିର୍ଭର କରିବ ଇଂଲଣ୍ଡ ଦଳ।



ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ବୁଧବାର ପ୍ରାକ୍ଟିସ୍ ସେସନ ଅବସରରେ ଇଂଲଣ୍ଡ ଦଳର ଖେଳାଳି।

# ବଶିରଙ୍କୁ ମିଳିଲା ଭିଜା

ଲଣ୍ଡନ/ହାଇଦ୍ରାବାଦ, ୨୪।୧ (ପି.ଟି.)

ଇଂଲଣ୍ଡର ପାକିସ୍ତାନ ବଂଶୋଦ୍ଭବ ଅଫ୍-ସ୍ପିନର ଶୋଏବ ବଶିରଙ୍କୁ ବୁଧବାର ଭିଜା ମଞ୍ଜୁର ହୋଇଛି। ବର୍ତ୍ତମାନ ସେ ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିପାରିବେ। ବଶିରଙ୍କୁ ଭିଜା ମିଳିବାରେ ବିଳମ୍ବ ଘଟିବାରୁ ସେ ନେଇ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଅସନ୍ତୋଷ ପ୍ରକାଶ କରିଥିଲେ। ହାଇଦ୍ରାବାଦରେ ପ୍ରଥମ ଟେଷ୍ଟ ଅବସରରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏହାର 'X' ( ପୂର୍ବରୁ ଟ୍ୱିଟର)ରେ କରିଥିବା ପୋଷ୍ଟରେ କହିଛି, ଶୋଏବ ବଶିରଙ୍କୁ ବର୍ତ୍ତମାନ ଭିଜା ମିଳିଯାଇଛି। ଚଳିତ ସପ୍ତାହ ଶେଷରେ ସେ ଭାରତରେ ଦଳ ସହିତ ଯୋଗ ଦେବେ। ଏହି ୨୦ ବର୍ଷୀୟ କ୍ରିକେଟର ଇଂଲିଶ କାଉଣ୍ଟିରେ ସମରସେଟ୍ ତରଫରୁ ଖେଳିଥାନ୍ତି। ଆବୁଧାବିରେ ଟ୍ରେନିଂ କ୍ୟାମ୍ପ ପରେ ଭିଜା ପାଇଁ ବହୁ ସମୟ ଅପେକ୍ଷା କରି ନିଜ ଇଂଲଣ୍ଡ ଫେରିଯାଇଥିଲେ। ପାକିସ୍ତାନୀ ବଂଶୋଦ୍ଭବ ଖେଳାଳିମାନେ ଭାରତ ଗସ୍ତରେ ଆସିବା ବେଳେ ଭାରତୀୟ ଭିଜା ମିଳିବାରେ ସମସ୍ୟା ଦେଖା ଦେବା ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ। ସୂଚନାଯୋଗ୍ୟ, ଯେଉଁ ପାକିସ୍ତାନୀ ବଂଶୋଦ୍ଭବଙ୍କ ନିକଟରେ ପାକିସ୍ତାନ ଭିଜା ରହିଛି, ଭାରତ ଗସ୍ତ କରିବାକୁ ହେଲେ ସେମାନଙ୍କୁ ସମ୍ପୃକ୍ତ ଦେଶରେ ରହିଥିବା ଭାରତୀୟ ହାଇକମିଶନଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ପାକିସ୍ତାନୀ ବଂଶୋଦ୍ଭବ ଅଷ୍ଟ୍ରେଲୀୟ ଓପନର ଉସ୍‌ମାନ ଖ୍ୱାଜାଙ୍କର ସମାନ କାରଣରୁ ଗତବର୍ଷ ଭାରତରେ ଟେଷ୍ଟ ସିରିଜରେ ଖେଳିବା ପାଇଁ ଆସିବାରେ ବିଳମ୍ବ ଘଟିଥିଲା। ଅନ୍ୟଜଣେ ପାକିସ୍ତାନୀ ବଂଶୋଦ୍ଭବ ଶୋଏବ ମେହେମୁଦ୍ ୨୦୧୯ରେ ଭାରତରେ ଏକ 'ଏ' ସିରିଜ ଖେଳିବା ଲାଗି ଆସି ପାରି ନ ଥିଲେ।



ଶୋଏବ ବଶିର

# କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଟିମ୍‌କୁ ଯୋଗ୍ୟତା

ଭୁବନେଶ୍ୱର, ୨୪।୧
(ବିଜୟ ରଣା)

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ମୋହଲିଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ରଗ୍‌ବୀ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ, ନୂଆଦିଲ୍ଲୀ ଅଧୀନରେ ଚଣ୍ଡିଗଡ଼ ୟୁନିଭର୍ସିଟି ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପରେ କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଦଳ ଖେଲୋ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ୟୁନିଭର୍ସିଟି ପୁରୁଷ ଦଳ ଫାଇନାଲରେ ଚଣ୍ଡିଗଡ଼ ୟୁନିଭର୍ସିଟିଠାରୁ ହାରିଯାଇଥିଲା। ତେବେ ରନରଅପ୍ ହୋଇଥିବାରୁ ଦଳ ଚତୁର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୩-୨୪ରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦ ଜଣାଇବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଦଳର ସଫଳତା କାମନା କରିଛନ୍ତି।




ଟ୍ରଫି ସହ କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଦଳ।




ଦି ଉତ୍କଳ ୟୁନିକର୍ନ୍‌ସ ରୋଲର ସ୍ପୋର୍ଟ୍ସ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ ଖେଳାଳି।

## ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

ଅହମଦାବାଦ, ୨୪।୧ (ପି.ଟି.)

ଡାହାଣହାତୀ ପେସ୍ ବୋଲର ଆକାଶ ଦୀପ୍‌ଙ୍କ ଚମତ୍କାର ବୋଲିଂ ପରେ ଦେବଦତ୍ତ ପଡିକାଲଙ୍କ ଆକର୍ଷଣୀୟ ବ୍ୟାଟିଂ ଯୋଗୁ ଏଠାରେ ଚାଲିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ଭାରତ 'ଏ' ନିୟନ୍ତ୍ରଣରେ ରହିଛି। ଇଂଲଣ୍ଡ ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ୫୨. ୪ ଓଭରରେ ୧୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଆକାଶଦୀପ ୪୬ ରନରେ ୪ ଉଇକେଟ ଅକ୍ତିଆର କରିଥିଲେ। ଯାଶ ଦୟାଲ ଓ ୱାଶିଂଟନ ସୁନ୍ଦର ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଇଂଲଣ୍ଡ ଲାୟନ୍ସର ଟପ୍ ସ୍କୋରର ରହିଥିଲେ ଅଲିଭର ପ୍ରାଇସ୍।

ଭାରତୀୟ ଓପନିଂ ଯୋଡ଼ି ପଡିକଲ ଏବଂ ଅଭିମନ୍ୟୁ ଇଶ୍ୱରନ (୯୬ ବଲ୍‌ରୁ ୫୩ ନଟଆଉଟ) ଙ୍କ ଲାଗି ଇଂଲଣ୍ଡ ଲାୟନ୍ସ ଦଳର ବୋଲିଂ ଆକ୍ରମଣ ସହଜ ମନେ ହୋଇଥିଲା। ରନ ସଂଗ୍ରହରେ ସେମାନଙ୍କ ଲାଗି କୌଣସି ଅସୁବିଧା ହୋଇ ନ ଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ 'ଏ' ବିନା କୌଣସି ଉଇକେଟରେ ୧୫୦ ରନ କରିଛି।

# କୃତୀ ସ୍କେଟରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୧
(ବିଜୟ ରଣା)

ଦି ଉତ୍କଳ ୟୁନିକର୍ନ୍‌ସ ରୋଲର ସ୍ପୋର୍ଟ୍ସ ଏକାଡେମୀ ତରଫରୁ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଭାରତୀ ବିଦ୍ୟାଭବନ ଅଡିଟୋରିୟମରେ ୭୦ କୃତୀ ସ୍କେଟରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଡି ଗୋଏଙ୍କା ପବ୍ଲିକ ସ୍କୁଲର ସିଇଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚଳିତବର୍ଷ ଏକାଡେମୀର ୭ଜଣ ସ୍କେଟର ଓଡ଼ିଶା ପାଇଁ ଖେଳି ଜାତୀୟ ସ୍ତରରେ ପଦକ ହାସଲ କରି ବାରେ ସମର୍ଥ ହୋଇଛନ୍ତି। ଡିଏଭି ନ୍ୟାଶନାଲ ରୋଲର ସ୍କେଟିଂ ଜାତୀୟ ପ୍ରତିଯୋଗିତାରେ ସାଇରେୟାଂଶ ପରିଡ଼ା ଓ ସୌମିଲ ବାଗ୍ ନିଜ ନିଜ ବର୍ଗରେ ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଏ.ଆର. ଦେବାଂଶ ସିବିଏସ୍‌ଇ ନ୍ୟାଶନାଲ ରୋଲର ସ୍କେଟିଂ ପ୍ରତିଯୋଗିତାରେ ରୌପ୍ୟ ଏବଂ ୬୧ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଦେବାଶିଷ ପଟ୍ଟନାୟକ ଏବଂ ମୁଖ୍ୟ ସଞ୍ଚାଳକ ଅଜୟ ଭୂଷଣ ସାହୁ ସମସ୍ତ ସ୍କେଟରଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ସଫଳତା କାମନା କରିଛନ୍ତି।

# କଳିଙ୍ଗ ସୁପର୍ କପ୍ ଫାଇନାଲରେ ଇଷ୍ଟ ବେଙ୍ଗଲ

ଭୁବନେଶ୍ୱର,୨୪।୧
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫାଇନାଲରେ ପ୍ରବେଶ କରିଛି ଇଷ୍ଟ ବେଙ୍ଗଲ ଏଫ୍‌ସି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ଜାମସେଦପୁର ଏଫ୍‌ସିକୁ ୨-୦ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅନ୍ତିମ ମ୍ୟାଚ୍‌ର କୋଲକାତା ଡର୍ବି ବିଜୟୀ ହୋଇଥିବା ଇଷ୍ଟ ବେଙ୍ଗଲ ଆତ୍ମବିଶ୍ୱାସରେ ନଜର ଆସିଥିଲା। ପ୍ରଥମ ମିନିଟରୁ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ବୁଧବାର ସନ୍ଧ୍ୟାରେ ଝିପି ଝିପି ବର୍ଷା ହୋଇଥିବା ବେଳେ ଜାମସେଦପୁର ଖେଳାଳିଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଥିଲା।

ପ୍ରଥମ ମିନିଟରୁ ଇଷ୍ଟ ବେଙ୍ଗଲ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ତେବେ ୧୯ ତମ ମିନିଟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ ମାହେର ହିଜାଜି। ଜାଭିଏର ସିଭେରିଓଙ୍କ କର୍ଟ ବ୍ୟାକ୍‌କୁ ଡିଫ୍ଲେକ୍ଟ କରିବା ସହିତ ଇଷ୍ଟ ବେଙ୍ଗଲକୁ ୧-୦ରେ ଆଗୁଆ କରିଥିଲେ ହିଜାଜି। ୨୬ ତମ ମିନିଟରେ ଜାମସେଦପୁର ଅଧିନାୟକ ମାଞ୍ଜୋରୋ ସ୍କୋର କରିବାକୁ ଉଦ୍ୟମ କରିଥିଲେ ହେଁ ଏହାକୁ ନିଷ୍ଫଳ କରି ଦେଇଥିଲେ ଇଷ୍ଟ ବେଙ୍ଗଲ ଗୋଲକିପର ପ୍ରଭସୁଖରନ୍ ଗିଲ୍। ଏହାର ୧ ମିନିଟ୍ ମଧ୍ୟରେ ମାଞ୍ଜୋରୋ ଓ ହାଓକିପ୍ ସ୍କୋର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପ୍ରଥମ ହାଫ୍‌ରେ ୧-୦ରେ ଆଗୁଆ ରହିଥିଲା ଇଷ୍ଟ ବେଙ୍ଗଲ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଷ୍ଟ ବେଙ୍ଗଲ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୪୭ ତମ ମିନିଟରେ ଜାଭିଏର ସିଭେରିଓ ଟୋରୋ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ ପରେ ଜାମସେଦପୁର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ସ୍କୋର କରିବାରେ ସମ୍ଭବ ହୋଇ ନ ଥିଲା। ମ୍ୟାଚ୍‌ର ୮୨ ତମ ମିନିଟରେ ଇଷ୍ଟ ବେଙ୍ଗଲକୁ ପେନାଲ୍ଟି କିକ୍ ମିଳିଥିଲେ ମଧ୍ୟ ଏହାକୁ ମିସ୍ କରିଥିଲେ କ୍ଲେଟନ୍ ସିଲ୍‌ଭା। ଶେଷରେ ଫାଇନାଲ ହୁଟର ବାଜିବା ସହ ମ୍ୟାଚ ଜିତି ନେଇଥିଲା ଇଷ୍ଟ ବେଙ୍ଗଲ। ଗୁରୁବାର ଦ୍ୱିତୀୟ ସେମି ଫାଇନାଲରେ ପରସ୍ପରକୁ ଭେଟିବେ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି। ଏହି ମ୍ୟାଚ୍‌ର ବିଜେତା ୨୮ ତାରିଖରେ ଇଷ୍ଟ ବେଙ୍ଗଲ ସହିତ ଫାଇନାଲ ଖେଳିବ।



ଇଷ୍ଟ ବେଙ୍ଗଲ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# କିକ୍‌ଷ୍ଟାର୍ଟ ସହ ପଏଣ୍ଟ ବାଣ୍ଟିଲା ଓଏଫ୍‌ସି



ଓଡ଼ିଶା ଓ କିକ୍‌ଷ୍ଟାର୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର,୨୪।୧
(ସରୋଜ ଜେନା)

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର ବେଙ୍ଗାଲୁରୁ ଫୁଟବଲ ଷ୍ଟାଡିୟମରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ବିପକ୍ଷରେ ଦଳ ୦-୦ରେ ଏହାର ମ୍ୟାଚ୍ ଅମୀମାଂସିତ ରଖିଛି। ଏହା ସହିତ ଦଳ ପଏଣ୍ଟ ଟେବୁଲରେ ୧ ନମ୍ବର ସ୍ଥାନ ବଜାୟ ରଖିଛି। ମ୍ୟାଚ୍‌ର ପଞ୍ଚମ ମିନିଟରେ ଓଏଫ୍‌ସି ପାଇଁ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ ପ୍ୟାରୀ ଖାଖା। ତେବେ କିକ୍‌ଷ୍ଟାର୍ଟ ଗୋଲକିପର ଏହାକୁ ରୋକି ଦେଇଥିଲେ। ୨୭ ତମ ମିନିଟରେ ପ୍ୟାରୀଙ୍କ ଆଉ ଏକ ପ୍ରୟାସକୁ ରୋକିବାରେ ସଫଳ ହୋଇଥିଲା କିକ୍‌ଷ୍ଟାର୍ଟ। ପ୍ରଥମାର୍ଦ୍ଧ ୦-୦ରେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୨ ତମ ମିନିଟରେ ଇନ୍ଦୁମତୀ କାଥିରସେନ ଓ ୭୮ ତମ ମିନିଟରେ ପ୍ୟାରୀ ଖାଖାଙ୍କ ଏକ ଶଟ୍‌କୁ ରୋକିବାରେ ସଫଳ ହୋଇଥିଲେ। ଓଏଫ୍‌ସି ୪ ଫେବୃୟାରୀରେ ସ୍ପୋର୍ଟ୍ସ ଓଡ଼ିଶା ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ Bhubaneswar, Thursday, January 25/ 2024

# ସେମିରେ ମେଡ୍‌ଭେଡେଭ୍, ୟାସ୍ତ୍ରେମସ୍କା

**ମେଲବୋର୍ନ,୨୪।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ ୨୦୨୪ର ସେମି ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ସମସ୍ତ କ୍ୱାର୍ଟର ଫାଇନାଲ ଶେଷ ହେବା ସହ ସେମିରେ ପ୍ରବେଶ କରିଛନ୍ତି ଡାନିଲ ମେଡଭେଡେଭ,ଆଲେକଜାଣ୍ଡାର ଜେଭରେଭ୍, କ୍ୱିନୱେନ ଝେଙ୍ଗ ଓ ଦାୟନା ୟାସ୍ତ୍ରେମସ୍କା। ପୁରୁଷ ସିଙ୍ଗିଲ୍ସରେ ୩ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ ୪ ଘଣ୍ଟା ୩୦ ମିନିଟର କଡା ସଂଘର୍ଷପୂର୍ଣ୍ଣ ମୁକାବିଲା ପରେ ୯ ନମ୍ବର ଖେଳାଳି ହ୍ୟୁବର୍ଟ ହରକାଜଙ୍କୁ ପରାସ୍ତ କରିଥିଲେ। ୭-୬(୪), ୨-୬, ୬-୩, ୫-୭ ଓ ୬-୪ ସେଟ୍‌ରେ ମେଡଭେଡେଭ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଏହି ମ୍ୟାଚ୍‌ର ଏକାଧିକ ର୍‍ୟାଲି ୨୦ ଶଟ୍‌ରୁ ଅଧିକ ଖେଳାଯାଇଥିଲା। ୨୦୨୧ ଚାମ୍ପିୟନ ମେଡଭେଡେଭ ୨ ଥର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ ଖେଳି ସାରିଥିବା ବେଳେ ପ୍ରଥମ ସେଟରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ପ୍ରଥମରୁ ସେ ୪-୨ରେ ଆଗୁଆ ରହିଥିଲେ ମଧ୍ୟ ହରକାଜ ପ୍ରତ୍ୟାବର୍ତ୍ତନ କରି ସେଟ୍‌କୁ ଟାଇବ୍ରେକରକୁ ନେଇଥିଲେ। ଦ୍ୱିତୀୟ ସେଟ୍‌କୁ ହରକାଜ ଜିତିବା ପରେ ତୃତୀୟ ସେଟକୁ ଜିତି ନେଇଥିଲେ ମେଡଭେଡେଭ। ହରକାଜ ପରବର୍ତ୍ତୀ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ନିର୍ଣ୍ଣାୟକ ସେଟ୍‌କୁ ନିଜ ଅଭିଜ୍ଞତା ବଳରେ ଜିତି ନେଇଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲରେ ୱିମ୍ବେଲଡନ୍ ବିଜେତା କାର୍ଲୋସ୍ ଅଲକାରାଜ ଗାର୍ଫିଆଙ୍କୁ ୬-୧, ୬-୩, ୭-୬(୭) ଓ ୬-୪ ସେଟରେ ପରାସ୍ତ କରିଥିଲେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜେଭ୍‌ରେଭ୍ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଅଲକାରାଜଙ୍କୁ ଚାପରେ ରଖିଥିଲେ। ପ୍ରଥମ ଦୁଇ ସେଟ୍‌କୁ ଜିତିବା ପରେ ଜେଭରେଭଙ୍କ ବିଜୟ ସମ୍ଭାବନା ବୃଦ୍ଧି ପାଇଥିଲା। ତେବେ ତୃତୀୟ ସେଟ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ ଅଲକାରାଜ। ମାତ୍ର ନିର୍ଣ୍ଣାୟକ ଚତୁର୍ଥ ସେଟ୍‌କ ୬-୪ରେ ଜିତିବା ସହ ସେମି ଫାଇନାଲରେ ପ୍ରବେଶ କରିଥିଲେ ଜେଭରେଭ୍। ଶୁକ୍ରବାର ନୋଭାକ୍ ଜୋକୋଭିଚ୍-ଜାନିକ୍ ସିନ୍ନର, ଡାନିଲ ମେଡଭେଡେଭ-ଆଲେକଜାଣ୍ଡାର ଜେଭରେଭଙ୍କ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।

ପ୍ରଥମେ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଶେଷ ହୋଇଥିବା ବେଳେ କ୍ୱିନୱେନ ଝେଙ୍ଗ ଓ ଦାୟନା ୟାସ୍ତ୍ରେମସ୍କା ବିଜୟୀ ହୋଇଥିଲେ। ବିଶ୍ୱ ମାନ୍ୟତାର ୯୩ ତମ ସ୍ଥାନରେ ଥିବା ୟୁକ୍ରେନର ଦାୟନା ୟାସ୍ତ୍ରେମସ୍କା୬-୩, ୬-୪ ସେଟରେ ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରିଥିଲେ। ୧୯୭୮ରେ କ୍ରିଷ୍ଟିନ ଷ୍ଟୋରିଙ୍କ ପରେ ଓପନ୍ ଏରାରେ ଦ୍ୱିତୀୟ ଖେଳାଳି ଭାବେ ସେ କ୍ୱାଲିଫାୟର ଖେଳି ସେମିରେ ପହଞ୍ଚିଛନ୍ତି। ଏହା ୟାସ୍ତ୍ରେମସ୍କାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସେମି ଫାଇନାଲ। ଏହା ସହ ଇଗା ସ୍ୱିଟେକଙ୍କୁ ପରାସ୍ତ କରିଥିବା ଲିଣ୍ଡା ନୋସ୍କୋଭାଙ୍କୁ ନିରାଶ ହେବାକୁ ପଡିଛି। ପ୍ରଥମ ସେଟ୍‌ରେ ନୋସ୍କୋଭା ୨-୧ରେ ଆଗୁଆ ରହିଥିଲେ। ତେବେ ସର୍ଭିସ୍ ପଏଣ୍ଟ ବ୍ରେକ୍ କରିବା ସହ ଅଗ୍ରଣୀକୁ ୫-୨ରେ ପହଞ୍ଚାଇଥିଲେ ୟାସ୍ତ୍ରେମସ୍କା। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚାଇନାର କ୍ୱିନୱେନ ଝେଙ୍ଗ ୬-୭(୭), ୬-୩ ଓ ୬-୧ ସେଟ୍‌ରେ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ କାଲିନସ୍କାୟା ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ୨ ସେଟକୁ ଜିତି ଝେଙ୍ଗ ସେମି ଫାଇନାଲରେ ପ୍ରବେଶ କରିଥିଲେ। ଗୁରୁବାର କୋକୋ ଗଫ-ଆରିନା ସାବାଲେଙ୍କା, କ୍ୱିନୱେନ ଝେଙ୍ଗ-ଦାୟନା ୟାସ୍ତ୍ରେମସ୍କାଙ୍କ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।


ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଦାୟନା ୟାସ୍ତ୍ରେମସ୍କା।

**ଅଷ୍ଟ୍ରେଲିଆନ୍ ଓପନ**

## ବୋପାନ୍ନା ନମ୍ବର ୱାନ୍

**ମେଲବୋର୍ନ,୨୪।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତର ରୋହନ ବୋପାନ୍ନା ବିଶ୍ୱର ନମ୍ବର ୱାନ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। ଏହା ସହ ସେ ୪୩ ବର୍ଷରେ ବିଶ୍ୱର ବୟସ୍କ ଖେଳାଳି ଭାବରେ ଏକ ନମ୍ବର ଖେଳାଳି ହେବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନଙ୍କୁ ସାଥୀ କରି ଖେଳିଥିବା ବୋପାନ୍ନା ୬-୪, ୭-୬(୫) ସେଟ୍‌ରେ ଷଷ୍ଠ ସିଡ୍ ଖେଳାଳି ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ ମୋଲଟେନିଙ୍କୁ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଭାବେ ପ୍ରବେଶ କରିଥିଲେ ବୋପାନ୍ନା-ଏବ୍‌ଡେନ। ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ବୋପାନ୍ନା-ଏବ୍‌ଡେନ ଯୋଡି ବୁଧବାରର ମ୍ୟାଚ୍‌କୁ ୧ ଘଣ୍ଟା ୪୬ ମିନିଟ ସମୟ ନେଇ ବିଜୟୀ ହୋଇଥିଲେ। ଭାରତ-ଅଷ୍ଟ୍ରେଲୀୟ ଯୋଡି ସେମିଫାଇନାଲରେ ଅଣସିଡେଡ ଟୋମାସ ମାକହାକ ଓ ଝିଝେନ୍ ଝାଙ୍ଗଙ୍କୁ ଭେଟିବେ। ପୂର୍ବରୁ ଆମେରିକାର ରାଜୀବ ରାମ ୩୮ ବର୍ଷ ବୟସରେ ବିଶ୍ୱର ବୟସ୍କ ଖେଳାଳି ଭାବରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ଚତୁର୍ଥ ଭାରତୀୟ ଭାବରେ ବୋପାନ୍ନା ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ସେ ଏଭଳି କୃତିତ୍ୱ ହାସଲ କରିଛନ୍ତି।


ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ରୋହନ ବୋପାନ୍ନା।

## ସୂର୍ଯ୍ୟକୁମାର ଆଇସିସି ପ୍ଲେୟର ଅଫ୍ ଦି ଇୟର


ସୂର୍ଯ୍ୟକୁମାର ଯାଦବ

**ଟି୨୦ କ୍ରିକେଟ**

**ଡର୍ବାନ, ୨୪।୧(ପି.ଟି.)**

ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ପ୍ଲେୟର୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ତାଙ୍କୁ ଭାରତ ମିଡଲ ଅର୍ଡରର ବୋଲି କୁହାଯାଉଛି। ଦଳର ମ୍ୟାଚ ବିଜୟରେ ତାଙ୍କର ଅନେକ ଥର ବଡ଼ ଅବଦାନ ରହିଛି। ୨୦୨୩ରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଆଭରେଜ ୫୦ ପାଖାପାଖି ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୧୫୦ରୁ ଅଧିକ ରହିଥିଲା। ଚଳିତମାସ ପ୍ରଥମ ଭାଗରେ ଜର୍ମାନୀରେ ତାଙ୍କ ଉରୁ ସନ୍ଧିରେ ଏକ ଅସ୍ତ୍ରୋପଚାର ହୋଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଖେଳିବା ଲାଗି ମାର୍ଚ୍ଚ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ବର୍ଷ ଆରମ୍ଭରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ସେ କିନ୍ତୁ ମାତ୍ର ୭ରନ କରି ପାରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ମ୍ୟାଚରେ ସେ ୮୩ ରନ (୪୪ବଲ୍) କରିବା ପୂର୍ବରୁ ସ୍ଥିର ପ୍ରଦର୍ଶନ ସହ ୨୦ରୁ ୪୦ ମଧ୍ୟରେ ରନ ସ୍କୋର କରିଛନ୍ତି। ସିରିଜ ଶେଷରେ ଫ୍ଲୋରିଡାଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ମ୍ୟାଚରେ ସେ ୪୫ ବଲ୍‌ରେ ୬୧ରନ ସଂଗ୍ରହ କରିଥିଲେ। ଅଧିନାୟକ ଭାର ଏବଂ ଏକ ଯୁବ ଦଳର ନେତୃତ୍ୱ ସହ ସେ ଭଲ ପ୍ରଦର୍ଶନ କରିବାରେ ସଫଳ ରହିଛନ୍ତି। ଜୋହାନ୍ସବର୍ଗଠାରେ ବର୍ଷ ଶେଷରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ମାତ୍ର ୫୬ ବଲ୍‌ରୁ ୧୦୦ ରନ ସଂଗ୍ରହ କରିବା ପୂର୍ବରୁ ଅଷ୍ଟ୍ରେଲିଆ (୪୨ ବଲ୍‌ରୁ ୮୦) ଏବଂ ଦକ୍ଷିଣ ଆଫ୍ରିକା (୩୬ ବଲ୍‌ରୁ ୫୬ରନ) ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ଜାନୁୟାରୀରେ ସେ ଶ୍ରୀଲଙ୍କା ବିପକ୍ଷରେ ୫୧ ବଲ୍‌ରେ ୧୧୨ ରନ କରିଥିଲେ। ତାଙ୍କର ଏହି ଇନିଂସରେ ୯ଟି ଛକା ଓ ୭ଟି ଚୌକା ସାମିଲ ଥିଲା। ଏହାଦ୍ୱାରା ପୁରୁଷ ଅନ୍ତର୍ଜାତୀୟ ଟି୨୦ରେ ଭାରତ ପାଇଁ ସେ ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। କୌତୂହଳର କଥା ୨୦୧୭ରେ ରୋହିତ ସମାନ ଦଳ ବିପକ୍ଷରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରିଥିଲେ। ଭାରତ ଏହି ମ୍ୟାଚ ୯୧ ରନରେ ଜିତିନେଇଥିଲା।

## ପୋଲାଣ୍ଡକୁ ହରାଇଲା ଭାରତ

**ମସ୍କଟ, ୨୪।୧ (ପି.ଟି.)**

ଏଫ୍ଆଇଏଚ୍ ହକି ୫-ଏ ସାଇଡ ହକି ବିଶ୍ୱକପ୍‌ର ପୁଲ୍ 'ସି'ର ଏକ ମ୍ୟାଚରେ ଦୀପିକା ସୋରେଙ୍ଗ ଓ ମମ୍‌ତାଜ ଖାନ୍‌ଙ୍କ ଡବଲ୍ ଗୋଲ ସହାୟତାରେ ଭାରତ ୫-୪ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ମମ୍‌ତାଜ ୪ର୍ଥ ଓ ୨୩ତମ ମିନିଟ ଏବଂ ଦୀପିକା ୬ଷ୍ଠ ଓ ୨୯ତମ ମିନିଟରେ ଦୁଇଟି ଲେଖାଏ ଏବଂ ମାରିନା କୁଜୁର (୨୩ତମ) ଗୋଟିଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପୋଲାଣ୍ଡ ତରଫରୁ ଗୋଲ ଦେଇଥିବା ଖେଳାଳିମାନେ ହେଲେ ଜୁଆ କୁଚାରସ୍କା (୮ମ), ଅଧିନାୟିକା ମାର୍ଲେନା ରାଇବାଚା (୧୦ମ), ପାଉଲା ସ୍ଲାୱିନସ୍କା (୨୭ ତମ) ଏବଂ ମୋନିକା ପୋଲେଜାକ୍ (୨୯ତମ)। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ) ବିପକ୍ଷରେ ଖେଳିବ।

## ଚତୁଃରାଷ୍ଟ୍ରୀୟ ହକି: ଭାରତ-ଫ୍ରାନ୍ସ ମ୍ୟାଚ ଡ୍ର

**କେପ୍‌ଟାଉନ୍, ୨୪।୧ (ପି.ଟି.)**

ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ଦଳ ୨-୨ରେ ଡ୍ର ରଖିଛି। ଭାରତ ପକ୍ଷରୁ ମନଦୀପ (୮ମ ମିନିଟ) ଓ ଅମିତ ରୋହିଦାସ (୧୯ତମ) ପ୍ରଥମାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥଲେ। ତେବେ ପରେ ଫ୍ରାନ୍ସ ଦୃଢ ପ୍ରତ୍ୟାବର୍ତ୍ତନ ସହ ଟିମୋଥି କ୍ଲିମେଣ୍ଟ (୩୭ତମ) ଓ ବି. ଗାସ୍‌ପାର୍ଡ (୫୯ତମ)ଙ୍କ ଗୋଲ ଜରିଆରେ ମ୍ୟାଚକୁ ବରାବର ରଖିବାରେ ସମର୍ଥ ହୋଇଥିଲା। ମ୍ୟାଚ ଆରମ୍ଭରୁ ଉଭୟ ଦଳ ରକ୍ଷଣାତ୍ମକ ଖେଳିଥିଲେ। ଭାରତ ପକ୍ଷରୁ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରିଥିଲେ ମନଦୀପ। ଦ୍ୱିତୀୟ କ୍ୱାର୍ଟରରେ ରୋହିଦାସ ଭାରତର ଗୋଲ୍ ସଂଖ୍ୟାକୁ ୨କୁ ବୃଦ୍ଧି କରିଥିଲେ। ଫ୍ରାନ୍ସ ଗୋଲ୍ ପରିଶୋଧ କରିବା ଲାଗି ଉଦ୍ୟମ କରିଥିଲା। କ୍ଲିମେଣ୍ଟ ୩୭ତମ ମିନିଟରେ ଗୋଲ୍ ଦେବାରେ ସମର୍ଥ ହୋଇଥିଲେ। ଫାଇନାଲ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ। ଫାଇନାଲ ହୁଟର ପୂର୍ବରୁ ଗାସ୍‌ପାର୍ଡ ଗୋଲ୍ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଭାରତ ଶୁକ୍ରବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବାକୁ ଥିବା ବେଳେ ରବିବାର ବିଶ୍ୱର ନମ୍ବର ୱାନ ଦଳ ନେଦରଲାଣ୍ଡକୁ ଭେଟିବ।

**ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି**

## ସମ୍ବଲପୁର ଚାମ୍ପିୟନ

**ଭୁବନେଶ୍ୱର,୨୪।୧**
**(ସରୋଜ ଜେନା)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଇଷ୍ଟଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ। ଉତ୍ତରପ୍ରଦେଶର ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଞ୍ଚି ବିଶ୍ୱବିଦ୍ୟାଳୟ ତୃତୀୟ ଓ କିଟ୍ ଭୁବନେଶ୍ୱର ଚତୁର୍ଥ ସ୍ଥାନରେ ରହିଥିଲା। ଏଆଇୟୁ ପରିଦର୍ଶକ ବ୍ରଜ କିଶୋର ପ୍ରସାଦ, କିଟ୍ ଓ କିସ୍ ମହା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, କ୍ରୀଡା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଉପ କ୍ରୀଡା ନିର୍ଦ୍ଦୋକ ରଶ୍ମିତା ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟର ପ୍ରଥମ ୪ ସ୍ଥାନରେ ଥିବା ଦଳ ଗୁଡିକ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦଳକୁ ବଧେଇ ଦେବା ସହିତ ସର୍ବ ଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ଚାମ୍ପିୟନ ସମ୍ବଲପୁର ଦଳ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ